R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୧୧
ତିଥି : ଦଶମୀ
୧୯ ଅଗଷ୍ଟ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 311
19 Aug 2025,Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ସି.ପି ରାଧାକୃଷ୍ଣନ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ

## ବିଜେପି ସଂସଦୀୟ ଦଳ ବୈଠକରେ ବାଜିଲା ମୋହର




ନୂଆଦିଲ୍ଲୀ,୧୮।୮: ମହାରାଷ୍ଟ୍ରର ରାଜ୍ୟପାଳ ଥିବା ଚନ୍ଦ୍ରପୁରମ ପନ୍ନୁସାମି ରାଧାକୃଷ୍ଣନଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ପକ୍ଷରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି । ରବିବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ବିଜେପିର ସଂସଦୀୟ ଦଳ ବୈଠକରେ ରାଧାକୃଷ୍ଣନଙ୍କ ନାମରେ ସହମତି ହୋଇଥିଲା । ବୈଠକ ପରେ ଏ ସଂପର୍କରେ ବିଜେପି ସଭାପତି ଜେପି ନଡ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ତାମିଲନାଡୁରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାଧାକୃଷ୍ଣନ ଗତ ବର୍ଷ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳଭାବେ ଶପଥ ନେଇଥିଲେ । ତାପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ । ସେ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ବିଜେପି ସଭାପତି ଥିଲେ । ଶ୍ରୀ ନଡ୍ଡା ଆହୁରି ମଧ୍ୟ କହିଥିଲେ ଯେ ରାଧାକୃଷ୍ଣନଙ୍କ ନାମରେ ସବୁ ଦଳଙ୍କ ମଧ୍ୟରେ ସହମତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି, ଯେପରିକି ସେ ନିର୍ବିରୋଧ ନିର୍ବାଚିତ ହୋଇପାରିବେ । ଏଥିଲାଗି ବିରୋଧୀ ଦଳ ନେତାମାନଙ୍କ ସହ ସଂପର୍କ କରାଯାଉଛି । ଏନଡିଏ ମେଣ୍ଟ ମଧ୍ୟରେ ଶ୍ରୀ ରାଧାକୃଷ୍ଣନଙ୍କ ନାମକୁ ନେଇ ସହମତି ରହିଥିବା ସେ କହିଥିଲେ । ତାମିଲନାଡୁରେ ଜନ୍ମଗ୍ରହଣ କରିଥିବା ଶ୍ରୀ ରାଧାକୃଷ୍ଣନ ଗତ ବର୍ଷ ଜୁଲାଇ ୩୧ ତାରିଖରେ ମହାରାଷ୍ଟ୍ରର ରାଜ୍ୟପାଳଭାବେ ଶପଥ ନେଇଥିଲେ । ବିଜେପିକୁ ଆସିବା ପୂର୍ବରୁ ସେ ଆରଏସଏସର ଜଣେ ପ୍ରଚାରକ ଥିଲେ । ଉପ-ରାଷ୍ଟ୍ରପତି ପଦ ପାଇଁ ଅନେକଙ୍କ ନାମ ଉଠିଥିଲା । କିନ୍ତୁ ଶେଷରେ ବିଜେପି ସଂସଦୀୟ ଦଳ ବୈଠକରେ ଶ୍ରୀ ରାଧାକୃଷ୍ଣନଙ୍କ ନାମରେ ମୋହର ବାଜିଛି ।

ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପ ରାଷ୍ଟ୍ରପତି ନିର୍ବାଚନ ହେବ । ଏନେଇ ଅଗଷ୍ଟ ୭ ତାରିଖରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ନାମାଙ୍କନ ଦାଖଲର ଶେଷ ତାରିଖ ଅଗଷ୍ଟ ୨୧ ରହିଥିବା ବେଳେ ୨୨ ତାରିଖରେ ଏହାକୁ ଯାଞ୍ଚ କରାଯିବ । ଅଗଷ୍ଟ ୨୫ ହେଉଛି ନାମାଙ୍କନ ପ୍ରତ୍ୟାହାର କରିବା ଶେଷ ତାରିଖ । ଶେଷରେ ସେପ୍ଟମ୍ବର ୯ରେ ଉପ ରାଷ୍ଟ୍ରପତି ପଦ ପାଇଁ ଭୋଟିଂ ହେବ । (୯ ପୃଷ୍ଠାରେ)

## ଲଘୁଚାପ ଅବପାତର ରୂପ ନେବ

# ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ




ଭୁବନେଶ୍ୱର,୧୮।୮ (ସବ୍ୟୁ): ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଉପକୂଳସ୍ଥ ସମୁଦ୍ର ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ଅଧିକ ଘନୀଭୂତ ହୋଇ ଡିପ୍ରେସନ ବା ଅବପାତର ରୂପ ନେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ଦିନ ତମାମ ତୁହାକୁ ତୁହା ବର୍ଷା ଜାରି ରହିଛି । ଆସନ୍ତାକାଲି (ସୋମବାର) ଓଡ଼ିଶାର ୪ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ପ୍ରବଳ ବର୍ଷାର ସମ୍ଭାବନା ଥିଲେ ମାଲକାନାଗିରି ଜିଲ୍ଲାରେ ସବୁ ସ୍କୁଲ ଛୁଟି ଘୋଷଣା କରାଯାଇଛି ।

### ମାଲକାନାଗିରିରେ ସବୁ ସ୍କୁଲ ଓ ଅଙ୍ଗନୱାଡି ଛୁଟି

ପାଣିପାଗ ବିଭାଗର କହିବା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇସାରିଛି ଲଘୁଚାପ । ଏହା ଆହୁରି ଅଧିକ ଶକ୍ତିଶାଳୀ ହୋଇ ଅବପାତ ରୂପ ନେବ । ପରେ ଏହା ୧୯ ତାରିଖ ଅପରାହ୍ନରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଅତିକ୍ରମ କରିବ । ଏହାର ପ୍ରଭାବରେ ସୋମବାର କୋରାପୁଟ, (୯ ପୃଷ୍ଠାରେ)

# ବାଦଲ ଫଟା ବର୍ଷା: ୪ ମୃତ, ୬ ଆହତ

ଶ୍ରୀନଗର,୧୮।୮: ଜମ୍ମୁ-କଶ୍ମୀରର କାଠୁଆ ଜିଲ୍ଲାରେ ବାଦଲ ଫଟା ବର୍ଷା ଯୋଗୁ ପ୍ରବଳ କ୍ଷୟକ୍ଷତି ହୋଇଛି । ଅନେକ ଘର ପୋତି ହୋଇଯାଇଛି ଏବଂ ଜମ୍ମୁ-ପଠାନକୋଟ ଜାତୀୟ ରାଜପଥର ଏକ ଅଂଶ କ୍ଷତିଗ୍ରସ୍ତ ହୋଇଛି । ଜମ୍ମୁ ଏବଂ କଶ୍ମୀରର କଠୁଆ ଜିଲ୍ଲାର ଏକ ଦୁର୍ଗମ ଗାଁରେ ବାଦଲ ଫଟା ବର୍ଷାରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଘଟଣାରେ ୬ ଜଣ ଆହତ ହୋଇଥିବା ରବିବାର ଦିନ ଅଧିକାରୀମାନେ କହିଛନ୍ତି । କିସ୍ତୱାରରେ ବାଦଲ ଫଟା ବର୍ଷା ଯୋଗୁ ହୋଇଥିବା ବିପର୍ଯ୍ୟୟର ମାତ୍ର କିଛି ଦିନ ପରେ, ଏବେ କାଠୁଆରେ ଏଭଳି ଘଟଣା ଘଟିଛି । ରବିବାର କାଠୁଆ ଜିଲ୍ଲାର ଯୋଡ଼ ଅଞ୍ଚଳରେ ବାଦଲ ଫଟା ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିଛି । ଅନେକ ଘର ଭାଙ୍ଗିରୁଜି ଯାଇଛି । ସୂଚନା ଅନୁଯାୟୀ, କାଠୁଆର ସୋଫେନରେ ଥିବା ଗୁଜ୍ଜର କଲୋନୀ ଉପରେ ମାଟି ଅତଡ଼ା ଖସି ପଡ଼ିଛି । ଏଥିରେ ଚାରୋଟି ଘର ପୋତି ହୋଇଯାଇଛି । ରାସ୍ତାର ୮୦ ପ୍ରତିଶତ ଅଂଶ ବନ୍ୟାଜଳରେ ଧୋଇ ହୋଇଯାଇଛି । ଏହି ଘଟଣା ରାତି ପ୍ରାୟ ୨ ରୁ ୩ ଟା ସମୟରେ ଘଟିଛି । ବାଦଲ ଫଟା ବର୍ଷା ଯୋଗୁ କାଠୁଆରେ ରେକର୍ଡ ବର୍ଷା ହୋଇଛି । ଏପର୍ଯ୍ୟନ୍ତ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟ ଛଅ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କାଠୁଆ ଥାନା ଅଞ୍ଚଳର ବାଗର ଏବଂ ଚାଙ୍ଗଡା ଗ୍ରାମ ଏବଂ ଲଖନପୁର ଥାନା ଅଞ୍ଚଳର ଦିଲୱାନ-ହୁଟଲିରେ ମଧ୍ୟ ଭୂସ୍ଖଳନ ହୋଇଛି, କିନ୍ତୁ କୌଣସି ବଡ଼ କ୍ଷୟକ୍ଷତିର ରିପୋର୍ଟ ହୋଇନାହିଁ ।

## ଭୋଟ୍ ଚୋରି ଅଭିଯୋଗ


# ରାହୁଲଙ୍କୁ ଇସିଙ୍କ ୭ ଦିନ ମହଲତ



ନୂଆଦିଲ୍ଲୀ,୧୮।୮: ଶପଥ ପତ୍ର ଦାଖଲ କର, ନଚେତ କ୍ଷମା ମାଗ । ୭ ଦିନ ଭିତରେ ଏଭଳି ଜବାବ ରଖ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନିର୍ବାଚନ କମିଶନର ଚେତାବନୀ ଦେଇଛନ୍ତି । ଭୋଟ୍ ଚୋରି ଅଭିଯୋଗ ଆଣିଥିବା ରାହୁଲ ଗାନ୍ଧିଙ୍କ ଉପରେ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ନିର୍ବାଚନ କମିସନ । କମିସନ ସ୍ପଷ୍ଟଭାବେ କହିଛନ୍ତି ଯେ ଶପଥପତ୍ର ଦାଖଲ କରିବାକୁ ହେବ ନଚେତ କ୍ଷମା ମାଗିବାକୁ ହେବ । କୌଣସି ତୃତୀୟ ବିକଳ୍ପ ନାହିଁ । ଯଦି ୭ ଦିନ ମଧ୍ୟରେ ସେ ଶପଥପତ୍ର ନ ଦିଅନ୍ତି ତେବେ ଅଭିଯୋଗ ଭିତ୍ତିହୀନ ବୋଲି ଧରାଯିବ । ଜଣେ ଯଦି କହିବ ଯେ ଭୋଟର ତାଲିକାରେ ଜଣେ ବ୍ୟକ୍ତିଙ୍କର ଦୁଇଥର ନାଁ ରହିଛି ମାନେ ସେ ଦୁଇଥର ଭୋଟ ଦେଇଛନ୍ତି, ତେବେ ନିର୍ବାଚନ କମିସନ ଚୁପ ହୋଇ ବସିବେ ନାହିଁ । ଅଭିଯୋଗକାରୀଙ୍କୁ ଶପଥପତ୍ର ଦେବାକୁ ହିଁ ପଡ଼ିବ, ନଚେତ ଦେଶବାସୀଙ୍କୁ କ୍ଷମା ମାଗିବାକୁ ପଡିବ : ନିର୍ବାଚନ କମିସନ

ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେନ୍ଦ୍ର କୁମାର କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ଏକ ପିପିଟି (ପାୱାର ପଏଣ୍ଟ ପ୍ରେଜେଣ୍ଟେସନ) ଦେଇ, ଯାହାକି କମିସନଙ୍କ ତଥ୍ୟ ନୁହେଁ, ଦାବି କରେ ଯେ ଅମୁକ ପୋଲିଂ ଅଫିସର କହିଛନ୍ତି ଯେ ଜଣେ ମହିଳା ଦୁଇଥର ଭୋଟ ଦେଇଛନ୍ତି, ତେବେ ତାହାକୁ ବିନା ଶପଥପତ୍ରରେ ଗ୍ରହଣ କରାଯାଇପାରିବ ନାହିଁ । ସେ କହିଛନ୍ତି ଯେ ଜଣେ ଯଦି କହିବ ଯେ ଭୋଟର ତାଲିକାରେ ଜଣେ ବ୍ୟକ୍ତିଙ୍କର ଦୁଇଥର ନାଁ ରହିଛି ମାନେ ସେ ଦୁଇଥର ଭୋଟ ଦେଇ ଆଇନଗତ ଅପରାଧ କରିଛନ୍ତି, ତେବେ ନିର୍ବାଚନ କମିସନ ଚୁପ ହୋଇ ବସିବେ ନାହିଁ । ଅଭିଯୋଗକାରୀଙ୍କୁ ଶପଥପତ୍ର ଦେବାକୁ ହିଁ ପଡ଼ିବ, ନଚେତ ଦେଶବାସୀଙ୍କୁ କ୍ଷମା ମାଗିବାକୁ ପଡିବ ।

# ନବୀନ ହସ୍ପିଟାଲରେ ଭର୍ତ୍ତି



ଭୁବନେଶ୍ୱର,୧୮।୮ (ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ଅସୁସ୍ଥ ହୋଇଛନ୍ତି । ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନବୀନଙ୍କର ଚିକିତ୍ସା ଡାକ୍ତର ଆଲୋକ ପାଣିଗ୍ରାହୀ କରୁଛନ୍ତି । ତାଙ୍କୁ ଡିହାଇଡ୍ରେସନ ହୋଇଥିବା ଜଣାପଡ଼ିଛି । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି ।

### ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

### ହସ୍ପିଟାଲରେ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ, ଆଇନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଉଲ୍ଲେଖ କରି କହିଛନ୍ତି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣିବାକୁ ପାଇଲି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ସେହିପରି ହସ୍ପିଟାଲକୁ ଯାଇ ନବୀନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ (୯ ପୃଷ୍ଠାରେ)

## ହର ଘର ତ୍ରିରଙ୍ଗା

# ୭.୫୦ କୋଟି ସେଲଫି ଅପଲୋଡ




ନୂଆଦିଲ୍ଲୀ,୧୮।୮: ଲୋକପ୍ରିୟ ହର ଘର ତ୍ରିରଙ୍ଗା ସେଲଫି ଅଭିଯାନ କ୍ରମରେ ୧୬ ଅଗଷ୍ଟ ୨୦୨୫ ସନ୍ଧ୍ୟା ୬ଟା ସୁଦ୍ଧା ପ୍ରାୟ ୭.୫୦ କୋଟି ତ୍ରିରଙ୍ଗା ସେଲଫି ଅପଲୋଡ ହୋଇଥିଲା । ହର ଘର ତ୍ରିରଙ୍ଗା ଅଭିଯାନର ସଂସ୍କୃତି ମନ୍ତ୍ରଣାଳୟ ହେଉଛି ଏକ ନୋଡାଲ ମନ୍ତ୍ରଣାଳୟ । ଯାହାର ସଚିବ ବିବେକ ଅଗ୍ରୱାଲ କହିଥିଲେ ଯେ, ହର ଘର ତ୍ରିରଙ୍ଗା କେବଳ ଏକ ଜନଭାଗିଦାରୀ ଆନ୍ଦୋଳନରେ ପରିଣତ ହୋଇନି ବରଂ ଲୋକମାନଙ୍କର ଏକ ସାମାଜିକ ଓ ସାଂସ୍କୃତିକ ଉତ୍ସବରେ ପରିଣତ ହୋଇଛି । ଏ ପ୍ରକାର ସ୍ୱେଚ୍ଛାସେବା ଓ ଜାତୀୟତା ଭାବଧାରାର ଉଦ୍ରେକ ଅଭୂତପୂର୍ବ । ଏ ପ୍ରକାର ବିପୁଳ ପରିମାଣର ଜନ ଭାଗିଦାରୀ ହର ଘର ତ୍ରିରଙ୍ଗାକୁ ସମଗ୍ର ବିଶ୍ୱରେ ଏକ ବିରାଟ ଉତ୍ସବରେ ପରିଣତ କରିଛି ।

ହର ଘର ତ୍ରିରଙ୍ଗା ଆନ୍ଦୋଳନରେ ସାମିଲ ହୋଇ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ଆଗକୁ ନେବାରେ ଯୋଗ ଦେଇଥିବାରୁ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଦେଶବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏପ୍ରକାର ଆନନ୍ଦକୁ ପରିପ୍ରକାଶ କରିବାରେ ତାଙ୍କ ପାଖରେ ଶବ୍ଦ ନାହିଁ ବୋଲି ସେ କହିଥିଲେ । ତ୍ରିରଙ୍ଗା ରାଲି, ଯାତ୍ରା, ଚିଠି ଲେଖା, ରାକ୍ଷୀ ପ୍ରସ୍ତୁତି ଏବଂ ତ୍ରିରଙ୍ଗା ସେଲଫି ଅପଲୋଡ କରିବାରେ ବିଭିନ୍ନ ବର୍ଗର ଅଭୂତପୂର୍ବ ଯୋଗଦାନ ହର ଘର ତ୍ରିରଙ୍ଗା ଅଭିଯାନକୁ ଲୋକଙ୍କ ଉତ୍ସବରେ ପରିଣତ କରିଛି । (୯ ପୃଷ୍ଠାରେ)

# ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ

ନୂଆପଡ଼ା,୧୮।୮ (ସବ୍ୟୁ): ନୂଆପଡ଼ା ଜିଲା ଖଡ଼ିଆଳ ୱାର୍ଡ ନଂ ୧୦ ଲକ୍ଷ୍ମୀ ଛକ ନିବାସୀ ଗୋବିନ୍ଦ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ନିର୍ମାଣାଧୀନ ପାଇଖାନା ଟାଙ୍କି ଫଳସ ଖୋଲିବା ବେଳେ ଅଘଟଣ ଘଟି ଦୁଇ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଡ଼ିଆଳ ଥାନା ଅନ୍ତର୍ଗତ ଛତା ଗ୍ରାମର ରଘୁନାଥ ହାତୀ (୨୭) ଓ କୁଟେନମୁଣ୍ଡା ଗ୍ରାମର ବାସୁଦେବ ଭୋଇ (୩୫)।

ରବିବାର ଦିବା ପ୍ରାୟ ୨ଟା ସମୟରେ ପାଇଖାନା ଟାଙ୍କି ଭିତରର ଫଳସ ଖୋଲିବାକୁ ଦୁଇ ଜଣ ଶ୍ରମିକ ଟାଙ୍କି ଭିତରକୁ ପଶିଥିଲେ । (୯ ପୃଷ୍ଠାରେ)

# ଆତ୍ମସମର୍ପଣ କଲେ ୪ ମାଓବାଦୀ



ମାଲକାନଗିରି,୧୮।୮ (ସବ୍ୟୁ): ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଜିଲ୍ଲା ପୁଲିସ ନିକଟରେ ଦୁଇ ମହିଳା କ୍ୟାଡରଙ୍କ ସମେତ ୪ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି ଜିତେନ୍ଦ୍ର ଚନ୍ଦ୍ରକାର ସମେତ ସିଆରପିଏଫ ଅଧିକାରୀଙ୍କ ସମ୍ମୁଖରେ ଅସ୍ତ୍ରଶସ୍ତ୍ର ନେଇ ଆତ୍ମସମର୍ପଣ କରିଥିଲେ। ଏମାନେ ହେଲେ ମହିଳା ନକ୍ସଲ ରନୀତା ଓରଫ ପାୟକି, ସୁଜାତା ଓରଫ ଅରେ କୁରାମ, ଦୀପକ ଓରଫ ଭୀମା ମାଣ୍ଡବୀ ଏବଂ କୈଳାସ ଓରଫ ଭୀମା ଭୋଗମ। ତେବେ ଏହି ମାଓବାଦୀ ମାନେ ଅଟୋମେଟିକ ରାଇଫଲ ସହ ଆତ୍ମସମର୍ପଣ କରିଥିବାରୁ ସଂଗଠନକୁ ବଡ ଝଟକା ଲାଗିଥିବା ପୁଲିସ କହିଛି। ସରକାରଙ୍କ ତରଫରୁ ଆତ୍ମନିର୍ଭରଶୀଳ ନୀତି ମାଓବାଦୀଙ୍କୁ ବେଶ ଉତ୍ସାହିତ କରିଛି। ସେହିପରି ମାଓ ଶିବିରରୁ ୧୬.୫୦ ଲକ୍ଷ ଜବତ ହୋଇଛି । (୯ ପୃଷ୍ଠାରେ)

# ନଦୀରେ ଭାସି ଯାଇ ୭୩ ମଇଁଷି ମୃତ

## ୩ ଚାଷୀ ବେସାହାରା

ରାଜନଗର,୧୮।୮ (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ନଦୀର ଗୋଟିଏ ପଟରୁ ଆରପଟକୁ ଯିବା ବେଳେ ନଦୀରେ ୭୩ଟି ମଇଁଷିଙ୍କ ମତ୍ୟୁ ଘଟିଛି। ଏକକାଳୀନ ଏତେ ସଂଖ୍ୟାରେ ମଇଁଷିଙ୍କର ମୃତ୍ୟୁ ହେବା ଫଳରେ ତିନି ଜଣ ଚାଷୀ ବେସାହାରା ହୋଇପଡିଛନ୍ତି।

ସୂଚନା ଯୋଗ୍ୟ ଆଳି ବ୍ଲକ ଏକମାଣିଆ ଗାଁ ନିକଟ ଦେଇ ପ୍ରବାହିତ ହେଉଥିବା ନଦୀରେ ରବିବାର ସକାଳୁ ୭୩ଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ବ୍ରାହ୍ମଣୀ ନଦୀର ଶାଖା 'ଗଳିଆ' କୂଳରେ ୮୮ଟି ମଇଁଷି ଥିଲେ। ରବିବାର ସକାଳୁ ମଇଁଷିମାନଙ୍କୁ ଚରିବା ପାଇଁ ଖୋଲି ଦିଆଯାଇଥିଲା। ଘାସ ଚରିଚରି ମଇଁଷିମାନେ ଆଗକୁ ବିଥିଲେ। ଏହା ପରେ ମଇଁଷିମାନେ ଏହି ନଦୀରେ ପଶିଥିଲେ। ନଦୀଟି ଗହିରିଆ ଓ ଅଣଓସାରିଆ ଥିବାରୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଇଛି। ସୌଭାଗ୍ୟ ବଶତଃ ୧୫ଟି ମଇଁଷି ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ୭୩ଟି ମଇଁଷିର ମୃତ୍ୟୁ ପରେ ମଇଁଷି ଚାଷକରୀ ପରିବାର ଚଳାଉଥିବା ତିନିଜଣ ଚାଷୀ ଭାଙ୍ଗିପଡ଼ିଛନ୍ତି। ପରିବାର କେମିତି ଚଳିବ, ପିଲାମାନେ କେମିତି ବଞ୍ଚିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ମଇଁଷି ଦିନକୁ ପାଖାପାଖି ୧୦ଲିଟର କ୍ଷୀର ଦେଇଥାଏ। ଗଣେଶ ଦାସଙ୍କ ୪୦ଟି ମଇଁଷିଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଟି ରୁ ଊର୍ଦ୍ଧ୍ୱ ମଇଁଷି କ୍ଷୀର ଦେଉଥିଲେ। ଏହି ଅଘଟଣ ଯୋଗୁଁ ସେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଏକାମାଣିଆ ଗାଁର ଗଣେଶ ଦାସଙ୍କ ୪୦ଟି ଜଗନ୍ନାଥ ଦାସଙ୍କର ୧୭ଟି ଓ ପାଗଳା ବିଶ୍ୱାଳଙ୍କର ୧୬ଟି ମଇଁଷିଙ୍କର ମୃତ୍ୟୁ ଘଟିଛି । ମଇଁଷିମାନଙ୍କର ମୃଦହେହ ଉଦ୍ଧାର କରାଯାଇଛି। ଅପରପକ୍ଷେ ଜଗନ୍ନାଥ ଦାସଙ୍କର ୩ଟି ଓ ପାଗଳା ବିଶ୍ୱାଳଙ୍କର ୧୨ଟି ମଇଁଷି ବଞ୍ଚିଛନ୍ତି। ରାଜ୍ୟରେ ଏଭଳି ଅଘଟଣ ପ୍ରଥମ ଥର ଘଟିଛି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ମଇଁଷି ମୃତ୍ୟୁର ପ୍ରକୃତ କାରଣ କଣ ତାହାର ଅନୁସନ୍ଧାନ କରାଯିବାସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ, ଦୁଇ ଅଭିଯୁକ୍ତ ଗିରଫ






ଭୁବନେଶ୍ୱର,୧୮।୮(ସବ୍ୟୁ): ଦୁଇ ନାବାଳିକାଙ୍କୁ ଅପହରଣ କରିନେଇ ଦୁଷ୍କର୍ମ କରିବା ଅଭିଯୋଗରେ ଦୁଇଟି ଥାନାରେ ଭିନ୍ନ ଭିନ୍ନ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ଏୟାରପୋର୍ଟ ଥାନାରେ ହୋଇଥିବା ଅଭିଯୋଗରେ ପୋଲିସ ଦିଲ୍ଲୀ ନୋଇଡା ଅଞ୍ଚଳରୁ ଅଭିଯୁକ୍ତ ରବି ଓରଫ ରୁଦ୍ରପ୍ରସାଦ ଓତା (୨୩)ଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି । ଅଭିଯୋଗକାରିଣୀ ଏୟାରପୋର୍ଟ ଥାନା ଅନ୍ତର୍ଗତ ଡାକବଙ୍ଗଳ ଛକ ଅଞ୍ଚଳରେ ରହୁଥିବା ସମୟରେ ତାଙ୍କ ନାବାଳିକା କନ୍ୟାକୁ ରବି ହଇରାଣ ହରକତ କରୁଥିଲା । ଏ ସମ୍ପର୍କରେ ଅଭିଯୋଗକାରିଣୀ ଶ୍ରୀଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ରବିକୁ ଡାକିବା ପରେ ସେ ଭବିଷ୍ୟତରେ ଏପରି କରିବ ନାହିଁ ବୋଲି ଥାନାରେ ହାତଲେଖା ଦେଇଥିଲା । ଏହାପରେ ଅଭିଯୋଗକାରିଣୀ ଝିଅର ସୁରକ୍ଷା ପାଇଁ ପୂର୍ବରୁ ରହୁଥିବା ସ୍ଥାନ ଛାଡି ଅନ୍ୟ ଏକ ସ୍ଥାନରେ ଘରଭଡା ନେଇ ରହିଥିଲେ । ସେହି ଅଞ୍ଚଳ ହେଉଛି ଏୟାରପୋର୍ଟ ଥାନା ଅଞ୍ଚଳ । ରବି ଏ ସମ୍ପର୍କରେ ଜାଣିବା ପରେ ନୂଆ ଘର ନିକଟକୁ ଯାଇ ପୁନର୍ବାର ନାବାଳିକାଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲା । ବିବାହ କରିବା ପ୍ରତିଶ୍ରୁତି ଦେବା ସହ ଘରୁ ପଳାଇବା ଲାଗି ପ୍ରବର୍ତ୍ତାଇ ଥିଲା । ଗତ ଜୁନ୍ ୫ ତାରିଖ ଦିନ ଘରେ ଅଭିଯୋଗକାରିଣୀ ଓ ତାଙ୍କ ପୁଅ ଅନୁପସ୍ଥିତ ଥିବାବେଳେ ରବି ତାଙ୍କ ନାବାଳିକା କନ୍ୟାକୁ ଅପହରଣ କରିନେଇ ଦିଲ୍ଲୀ ନୋଇଡାକୁ ପଳାଇଥିଲା । ସେଠାରେ ସ୍ୱାମୀ-ସ୍ତ୍ରୀ ଭାବେ ରହୁଥିବାରୁ ରବି ଅପହୃତା ନାବାଳିକାଙ୍କୁ ବହୁବାର ଦୁଷ୍କର୍ମ କରିଥିଲା । ନୋଇଡାରେ ରହୁଥିବା ପୋଲିସ ଜାଣିବା ପରେ ସେଠାରେ ପହଞ୍ଚି ରବିକୁ ଗିରଫ କରି ଓଡ଼ିଶା ଆଣିବା ସହ ପୀଡିତା ନାବାଳିକାଙ୍କୁ ଉଦ୍ଧାର କରି ମା'ର ଜିମା ଦେଇଛନ୍ତି ।


ଦ୍ୱିତୀୟ ନାବାଳିକା ଅପହରଣ ଘଟଣା ସହିଦନଗର ଥାନାରେ ଅଭିଯୋଗ ହୋଇଥିଲା । ନାବାଳିକାକୁ ଅଭିଯୁକ୍ତ ଅଟୋଚାଳକ ବଂଶୀଧର ବେହେରା (୨୮) ଅପହରଣ କରିନେଇ କୋରାପୁଟ ନେଇ ଦୁଷ୍କର୍ମ କରିଥିଲା । ସେଠାରେ କିଛିଦିନ ଦୁଷ୍କର୍ମ କରିବା ପରେ ନାବାଳିକାଙ୍କୁ ଆଣି ତାଙ୍କ ଘର ପାଖରେ ଛାଡିଦେଇ ଖସିଯାଇଥିଲା । ବଂଶୀଧର ଅଟୋଚାଳକ ହୋଇଥିବାରୁ (୯ ପୃଷ୍ଠାରେ)

# ଗୁଡ୍ କୋଲେଷ୍ଟ୍ରୋଲ୍ ଡାଏଟ୍

କଲେଷ୍ଟ୍ରୋଲ୍ ଆମମାନଙ୍କ ପାଇଁ ଖୁବ କ୍ଷତିକାରକ ହୋଇଥାଏ । ତେବେ ଏହାର ଦୁଇ ପ୍ରକାର ରହିଛି ଗୋଟିଏ ଗୁଡ କଲେଷ୍ଟ୍ରୋଲ୍ ହୋଇଥିବାବେଳେ ଗୋଟିଏ ବ୍ୟାଡ୍ କଲେଷ୍ଟ୍ରୋଲ୍ । ତେବେ ଗୁଡ କଲେଷ୍ଟ୍ରୋଲ୍ ଆମ ପାଇଁ ଭଲ ହୋଇଥାଏ । ତେଣୁ ଏଭଳି କିଛି ଖାଦ୍ୟ ରହିଛି ଯାହାକୁ ଖାଇବା ଦ୍ୱାରା ଆମର ଗୁଡ କଲେଷ୍ଟ୍ରୋଲ୍ ବଢିଥାଏ । ଏଥିପାଇଁ ଖାଦ୍ୟରେ ବିଭିନ୍ନ କୋଳିକୁ ସାମିଲ କରନ୍ତୁ । କୋଳିରେ ଗୁଡ କଲେଷ୍ଟ୍ରୋଲର ମାତ୍ରା ଖୁବ ଅଧିକ ଥାଏ । ଏହା ଆମକୁ ଏନର୍ଜେଟିକ ରଖିଥାଏ । ଆଉ ଏକ ଖାଦ୍ୟ ହେଲା ତରଭୁଜ, ଯାହା ଆମର ଗୁଡ କଲେଷ୍ଟ୍ରୋଲ ଲେବଲକୁ ବଢାଇଥାଏ ଏବଂ ବ୍ୟାଡ୍ କଲେଷ୍ଟ୍ରୋଲକୁ କମାଇଥାଏ । କ୍ୱିଇ ମଧ ଏହି ତାଲିକାରେ ସାମିଲ । ଏହା ଆମର ଗୁଡ କଲେଷ୍ଟ୍ରୋଲ ବଢାଇବା ସହିତ ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କମଳାରେ ଥିବା ଭିଟାମିନ ସି ଆମ ପାଇଁ ବେଶ୍ ଉପକାରୀ ହୋଇଥାଏ । ଗୁଡ କଲେଷ୍ଟ୍ରୋଲ ପାଇଁ ମଧ ଏହା ଭଲ ହୋଇଥାଏ ।



## ସୋସିଆଲ କୋଟ୍ସ



“ଗୁଜୁରାଣ ମେଣ୍ଟାଇବା ପାଇଁ ଅନେକ ସଂଘର୍ଷ କରିଛି । ଶାକାହାରୀ ହୋଇ ମଧ ମାଂସ କାଟିବାର କାମ କରିଛି, ଯାହା କଷ୍ଟ ଥିଲା ।

ବିପିନ ଶର୍ମା, ଅଭିନେତା



“ମୋ ସହିତ ପୂର୍ବରୁ ଏହା ଘଟି ସାରିଛି, ମୁଁ ଯେଉଁ ଘରେ ରହୁନାହିଁ ସେହି ଘରେ ମଧ ମୋର ବିଲ୍ ଆସିଛି । କିଛି ବିଦ୍ୟୁତ୍ ବ୍ୟବହାର ନ କରି ମଧ ମୋର ସେଠାରେ ଏକଲକ୍ଷ ଟଙ୍କାର ବିଲ୍ ଆସିଛି, ଯାହା ମୋତେ ଆଶ୍ଚର୍ଯ୍ୟ କରିଥିଲା ।

କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ



“୨୦୧୮ ପରେ ରିଆଲିଟି ଶୋ’ ପ୍ରଡକସନ୍‌ର ପ୍ରକ୍ରିୟା ବଦଳି ଯାଇଛି । ଷ୍ଟେଜ୍‌ରେ ପ୍ରତିଯୋଗୀମାନେ ଗୋଟିଏ ଥର ଲାଇଭ୍ ପରଫରମାନ୍ସ ଦେଉଛନ୍ତି, ଯାହାକୁ ପରେ ଡବ୍ କରାଯାଉଛି ।

ଶାନ୍, ସିଙ୍ଗର



# ସବୁଠାରୁ ଶାନ୍ତ ସ୍ଥାନ

ଆଜିକାଲିର କୋଳାହଳ ଭିତରେ ସମସ୍ତେ ଟିକେ ଶାନ୍ତି ପାଇବାକୁ ଖୁବ ପରିଶ୍ରମ କରୁଛନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ସମସ୍ତେ ଆପଣାଉଛନ୍ତି । ଏଥିପାଇଁ ବେଳେବେଳେ ଦେଖିବାକୁ ମିଳେ ଲୋକମାନେ ଏଥିପାଇଁ ନିଜକୁ ଏକ ରୁମ୍‌ରେ ବନ୍ଦ କରି ରଖନ୍ତୁ । ତେବେ ସୂଚନା ଅନୁସାରେ ଓ୍ୱାସିଂଟନ୍‌ରେ ଏଭଳି ଏକ ରୁମ ରହିଛି ଯାହାକୁ ଦୁନିଆର ସବୁଠାରୁ ଶାନ୍ତ ସ୍ଥାନ ଭାବେ ବିବେଚନା କରାଯାଉଛି । ଏହି ରୁମ୍‌ଟି ଏତେ ମାତ୍ରାରେ ଶାନ୍ତ କି ଏଠାରେ ଆପଣ ଆଖି ପତା ପକାଇଲେ ବି ତାର ଶବ୍ଦ ଶୁଣାଯିବ । ଏହି ରୁମ୍‌ରେ ଇକୋ ହୋଇନଥାଏ ତେଣୁ ଏହା ବୈଜ୍ଞାନିକ ପଦ୍ଧତିରେ ମଧ ଶାନ୍ତ । ଏହା ମାଇକ୍ରୋସଫ୍ଟର ହେଡ୍‌କ୍ୱାଟର ଥିବା କ୍ୟାମ୍ପସରେ ରହିଛି । ଏହି କ୍ୟାମ୍ପସକୁ ୪୦ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା, ଯେଉଁଥିରେ ପାଖାପାଖି ୮୭ଟି ବିଲ୍ଡିଂ ରହିଛି । ଯେଉଁଥିରେ ଏହି ଆଣ୍ଟି ଇକୋ ରୁମ ଅବସ୍ଥିତ । ଏହାର ନାମ ଗିନିଜ୍ ଓ୍ୱାର୍ଲ୍ଡ ରେକର୍ଡରେ ମଧ ସ୍ଥାନିତ ହୋଇଛି । ଏହାର ବ୍ୟାକଗ୍ରାଉଣ୍ଡ ସାଉଣ୍ଡ ଲେବଲ ରହିଛି ମାଇନସ୍ ୨୦.୩୫ ଡେସିବେଲ୍ । ତେବେ ଗୋଟିଏ ମଣିଷ ନିଶ୍ୱାସ ନେବା ସମୟରେ ୧୦ ଡେସିବେଲ୍‌ର ଶବ୍ଦ ବାହାର କରିଥାଏ । ତେଣୁ ଏହି ସ୍ଥାନରେ ନିଶ୍ୱାସ ନେଲେ ମଧ ଶୁଣାଯାଇଥାଏ ।

୧୭୦୦– ମରାଠା ସାମ୍ରାଜ୍ୟର ମହାନ ସେନାନାୟକ ବାଜିରାଓ ପ୍ରଥମଙ୍କ ଜନ୍ମ ।

୧୮୦୦– ଲର୍ଡ ଓ୍ୱେଲେସ୍‌ଲିଙ୍କ ଦ୍ୱାରା କୋଲକାତାରେ ଫୋର୍ଟ ଓ୍ୱିଲିୟମ୍ କଲେଜ୍ ସ୍ଥାପିତ ।

୧୮୭୨– ମହାରାଷ୍ଟ୍ରର ଶାସ୍ତ୍ରୀୟ ଗାୟକ ତଥା ନେତ୍ରହୀନ ମହାନ ସଂଗୀତଜ୍ଞ ପଣ୍ଡିତ ବିଷ୍ଣୁ ଦିଗମ୍ବରଙ୍କ ଜନ୍ମ ।

୧୮୬୮– ଫ୍ରାନ୍ସର ଜ୍ୟୋତିର୍ବିଦ ପିୟରେ ଜେନ୍‌ସିନ୍ ହିଲିୟମ୍‌ର ସନ୍ଧାନ କଲେ ।

୧୯୦୦– ଜଓ୍ୱାହରଲାଲ୍ ନେହରୁଙ୍କ ଭଉଣି ତଥା ମହିଳା ସ୍ୱତନ୍ତ୍ରତା ସେନାନୀ ଏବଂ ୟୁଏନ୍ ଜେନେରାଲ୍ ଆସେମ୍ବ୍ଲିର ପୂର୍ବତନ ସଭାପତି ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ଜନ୍ମ ।

୧୯୨୩– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ଏ.ବି. ତାରାପୋରେଙ୍କ ଜନ୍ମ ।

୧୯୪୦– ପ୍ରଥମକରି ଟିଭିରେ ମୌସୁମୀ ମାନଚିତ୍ର ପ୍ରସାରଣ ।

୧୯୫୧– ପଶ୍ଚିମବଙ୍ଗରେ ଖଡଗପୁର ଆଇଆଇଟି ସ୍ଥାପିତ ।

୧୯୭୩– ଆମେରିକାର ବୋଷ୍ଟନ୍‌ରେ ପ୍ରଥମ ଏଫ୍‌ଏମ୍ ରେଡିଓ ଷ୍ଟେସନ୍ ନିର୍ମାଣକୁ ମଞ୍ଜୁରୀ ।

୧୯୯୯– ତୁର୍କୀ ଭୂକମ୍ପରେ ୪୫ ହଜାର ଲୋକଙ୍କ ମୃତ୍ୟୁ ।

# ପିଲାଙ୍କ ମଧରେ ରଖନ୍ତୁ ସନ୍ତୁଳନ

ଆଜିକାଲି ପିଲାଙ୍କୁ ଲାଳନ ପାଳନ କରିବା ଖୁବ କଷ୍ଟକର କାମ । ଯଦି ଦୁଇଟି ଛୁଆ ରହୁଛନ୍ତି ତେବେ ଅନେକ ସମୟରେ ଦେଖିବାକୁ ମିଳୁଛି ଜଣେ ଜଣଙ୍କ ପ୍ରତି ଅସହିଷ୍ଣୁ ମଧ ହୋଇ ପଡୁଛନ୍ତି । ଯଦି ବାପା ମାଆ ଜଣଙ୍କୁ ଅଧିକ ଧ୍ୟାନ ଦେଲେ ତେବେ ଅନ୍ୟ ଜଣଙ୍କ ଏହାକୁ ନକାରାତ୍ମକ ଦୃଷ୍ଟିରେ ଦେଖୁଛି । ତେବେ ଏଭଳି ପରିସ୍ଥିତିରେ ପିଲାଙ୍କ ଭିତରେ ବାଲାନ୍ସ ରଖିବା ଖୁବ କଷ୍ଟ ହୋଇ ପଡୁଛି । ତେବେ ଏଭଳି ପରିସ୍ଥିତିରେ ଅଭିଭାବକଙ୍କୁ ହିଁ ବୁଦ୍ଧିମତାର ସହ କାର୍ଯ୍ୟ କରିବାକୁ ହେବ । ଦୁଇ ପିଲାଙ୍କ ମଧରେ ସବୁବେଳେ ସନ୍ତୁଳନ ରଖିବାକୁ ଚେଷ୍ଟା କରନ୍ତୁ । ତେବେ ପ୍ରଥମେ ଏହି ସମୟରେ ବଡ ସନ୍ତାନର ଲକ୍ଷଣକୁ ଧ୍ୟାନ ଦିଅନ୍ତୁ । ଯଦି ଆପଣ ଅଧିକ ସମୟ ସାନ ପିଲାକୁ ଦେଉଥିବେ ତେବେ ସେମାନେ ଆପଣଙ୍କର ଧ୍ୟାନ ଆକର୍ଷଣ କରିବା ପାଇଁ କିଛି ନା କିଛି ପ୍ରକ୍ରିୟା ଆପଣାଇ ଥାଆନ୍ତି । ଏହି ସମୟରେ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଆସିଥାଏ । ସେମାନେ ଗୁମ୍‌ସୁମ୍ ହୋଇ ଯାଇଥାଆନ୍ତି । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଧ୍ୟାନ ଦିଅନ୍ତୁ, ଏହାକୁ କେବେ ବି ଅବହେଳା କରନ୍ତୁ ନାହିଁ । ଉଭୟଙ୍କୁ ଯଥା ସମ୍ଭବ ସମୟ ଦେବାକୁ ଚେଷ୍ଟା କରନ୍ତୁ । ଏପରି କରିବା ଦ୍ୱାରା ଉଭୟଙ୍କ ଭିତରେ ସନ୍ତୁଳନ ରକ୍ଷା ହୋଇ ପାରିବ । ଯାହା ବି କାର୍ଯ୍ୟ କରୁଛନ୍ତି ଉଭୟଙ୍କୁ ସେଥିରେ ସମାନ ଭାବେ ଭାଗନେବାକୁ ଦିଅନ୍ତୁ । ଉଭୟଙ୍କ ସହ ଏକାବେଳେ ସମୟ ବିତାନ୍ତୁ । ଏପରି କରିବା ଦ୍ୱାରା ସହଜରେ ସନ୍ତୁଳନ ରକ୍ଷା କରିହେବ ।





# ବର୍ଷାଦିନେ ଅଟାକୁ ରଖନ୍ତୁ ସୁରକ୍ଷିତ

ବର୍ଷାଦିନେ ସାଧାରଣତଃ ବାୟୁମଣ୍ଡଳରେ ଅଧିକ ଆଦ୍ରତା ରହିଥାଏ, ଯେଉଁ କାରଣରୁ ଘରେ ଥିବା ଖାଦ୍ୟ ପଦାର୍ଥ ନଷ୍ଟ ହେବାର ଆଶଙ୍କା ଅଧିକ ରହିଥାଏ । ସେହିଭଳି ଏହି ଖରାପ ଅଟାରେ ପ୍ରସ୍ତୁତ ଖାଦ୍ୟ ଖାଇଲେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯେପରି ପେଟ ଖରାପ, ବଦହଜମି, ବାନ୍ତି, ଝାଡା ଆଦି ହେବାର ଆଶଙ୍କା ରହିଥାଏ । ତେବେ କିଛି ଛୋଟଛୋଟ ଟିପ୍ସକୁ ଅନୁକରଣ କରି ଆମେ ବର୍ଷାଦିନେ ଘରେ ରଖୁଥିବା ଅଟାକୁ ନଷ୍ଟ ହେବାରୁ ବଞ୍ଚାଇ ପାରିବା । ପ୍ରଥମେ ଯେତିକି ଆବଶ୍ୟକ ସେତିକି ପରିମାଣର ଅଟା ପେଷାନ୍ତୁ ବା କିଣି କରି ଘରକୁ ଆଣନ୍ତୁ । ଯେପରି ସୀମିତ ସମୟ ଭିତରେ ଏହି ଅଟା ଶେଷ ହୋଇଯାଉଥିବା ସେ ନେଇ ଧ୍ୟାନ ଦିଅନ୍ତୁ । ସେହିଭଳି ଅଟାକୁ ସବୁବେଳେ ଏୟାର ଟାଇଟ ଡବାରେ ରଖନ୍ତୁ । ଯେପରି ଏଥିରେ କୌଣସି କୀଟପତଙ୍ଗ ବା ପୋକ ପଶିବ ନାହିଁ । ସେହିଭଳି ଡବାରୁ ଅଟା କାଢିବା ସମୟରେ ହାତ କିମ୍ବା ଚାମଚ ଶୁଖିଲା ଅବସ୍ଥାରେ ବ୍ୟବହାର କରନ୍ତୁ । ଅଟା ଡବାରେ ତେଜପତ୍ର ପକାନ୍ତୁ ଏହା ଲାଭ ଦାୟକ ହୋଇଥାଏ । ଏହା ଆଦ୍ରତା ଶୋଷିବାରେ ସହାୟକ ହୋଇଥାଏ । ଯଦି ଅଟା ବଳି ଯାଇଛି ଓ ନୂଆ ଅଟା ଘରକୁ ଆସିଛି, ତେବେ ଉଭୟ ଅଟାକୁ ମିଶାନ୍ତୁ ନାହିଁ ଅଲଗା ରଖି ବ୍ୟବହାର କରନ୍ତୁ ।




# ୨୦ ଟଙ୍କାରୁ ୨୫ ଲକ୍ଷ

କମେଡି ଦୁନିଆର ସୁନିଲ ଗ୍ରୋଭରଙ୍କ ନାଁ ବେଶ୍ ପରିଚିତ । କମେଡି କିଙ୍ଗଭାବେ ସୁନିଲଙ୍କୁ ସମ୍ବୋଧନ କରାଯାଇଥାଏ । ତାଙ୍କର ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥାଏ । ଅଭିନୟର ସବୁଠାରୁ କଷ୍ଟ କାମ ଅର୍ଥାତ ସେ ଦର୍ଶକଙ୍କୁ ହସାଇବାରେ ଖୁବ ପାରଙ୍ଗମ । ତେବେ ବର୍ତ୍ତମାନ ଭାରତୀୟ କମେଡି କିଙ୍ଗ କୁହାଯାଉଥିବା ସୁନିଲଙ୍କ କ୍ୟାରିୟର ଖୁବ ସଂଘର୍ଷପୂର୍ଣ୍ଣ ଥିଲା । କ୍ୟାରିୟର ପ୍ରଥମରୁ ସେ ଅନେକ ଷ୍ଟ୍ରଗଲ କରିଛନ୍ତି । ତାଙ୍କର ପ୍ରଥମରୁ ଗୋଟିଏ କମେଡି ପାଇଁ ପାରିଶ୍ରମିକ ଥିବା ୨୦ ଟଙ୍କା ଯାହା ବର୍ତ୍ତମାନ ୨୫ ଲକ୍ଷରେ ପହଞ୍ଚିଛି । ୨୦ ଟଙ୍କା ପାଇଁ କମେଡି କରୁଥିବା ସୁନିଲ ବର୍ତ୍ତମାନ କମେଡିର ନୂଆ ପରିଚୟ ପାଲଟିଛନ୍ତି । ତାଙ୍କ ଶୋ ଦେଖିବାକୁ ବର୍ତ୍ତମାନ ଲୋକମାନେ ଲାଇନ ଲଗାଉଛନ୍ତି । କପିଲଙ୍କ ସହିତ ତାଙ୍କ ଯୋଡି ସବୁବେଳେ ହିଟ୍ ରହିଥାଏ । କପିଲ ଶର୍ମା ଶୋର କିଛି ଚରିତ୍ରକୁ ଦର୍ଶକ ଖୁବ ଭଲ ପାଇବା ଦେଇଥାଆନ୍ତି । ଏହି ଚରିତ୍ର ଗୁଡିକୁ ଜୀବନ୍ତ କରିବାରେ ସୁନିଲ ଯେପରି ସିଦ୍ଧହସ୍ତ । ସବୁବେଳେ ନିଜ ପ୍ରତିଭା ଉପରେ ବିଶ୍ୱର ରଖି ଆଗକୁ ବଢୁଥିବାରୁ ସୁନିଲ ଆଜି ଜଣେ ଆଗ ଧାଡିର କମେଡିଆନ ଭାବେ ଇଣ୍ଡଷ୍ଟ୍ରୀରେ ନିଜର ଏକ ସ୍ୱତନ୍ତ୍ରସ୍ଥାନ ତିଆରି କରି ପାରିଛନ୍ତି ।

# କେଶରୁ ପ୍ରସ୍ତୁତ ହେବ ଟୁଥ୍‌ପେଷ୍ଟ !

ଅନେକ ସମୟରେ ବୈଜ୍ଞାନିକମାନେ ଏଭଳି କିଛି ସାମଗ୍ରୀର ଉଦ୍ଭାବନ କରନ୍ତି ଯାହାକୁ ସାଧାରଣ ଲୋକ ବିଶ୍ୱାସ କରି ପାରନ୍ତି ନାହିଁ । ସେହିଭଳି ଏକ ଉଦ୍ଭାବନ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରି ବୁଲୁଛି, ଯାହାକୁ ନେଇ ଖୁବ ଚର୍ଚ୍ଚା ଜାରି ରହିଛି । ସୂଚନା ଅନୁସାରେ ଖୁବଶୀଘ୍ର ଆମେ ବ୍ୟବହାର କରୁଥିବା ଟୁଥ୍‌ପେଷ୍ଟ କେଶରୁ ପ୍ରସ୍ତୁତ ହେବାକୁ ଯାଉଛି । ତେବେ ଏଥିପାଇଁ କେଉଁ କେଶ ବ୍ୟବହାର କରାଯିବ ସେନେଇ କୌଣସି ସ୍ପଷ୍ଟ ତଥ୍ୟ ନାହିଁ । ବୈଜ୍ଞାନିକ ପ୍ରକ୍ରିୟା ଅନୁସାରେ ପ୍ରଥମେ କେଶ କିମ୍ବା ଉଲରୁ କେରାଟିନ୍ ପ୍ରୋଟିନ୍‌କୁ ସଂଗ୍ରହ କରାଯିବ । ଏହାପରେ ଏହାକୁ ସାଲିଭା ସହିତ ମିଶ୍ରଣ କରାଯିବ । ଏହାପରେ କେରାଟିନ ସହିତ ମିନେରାଲର ମିଶ୍ରଣ ଘଟିବ । ଯାହାଦ୍ୱାରା ଏକ କ୍ରିଷ୍ଟାଲର ନିର୍ମାଣ ହେବ । ଏହାକୁ ଟୁଥ୍‌ପେଷ୍ଟରେ ନିର୍ମାଣ କରାଯିବ ବୋଲି ଜଣା ପଡିଛି । ଖବରଟି ଜଣା ପଡିବାପରେ ଖୁବ ଭାଇରାଲ ହେବାରେ ଲାଗିଛି । ଟୁଥ୍‌ପେଷ୍ଟରେ କେରାଟିନ୍‌ର ଶକ୍ତି ମିଶିବା ପରେ ଏହା ଖୁବ ଉପାଦେୟ ହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏହାକୁ ନେଇ ଅଧିକ ଗବେଷଣା ଜାରି ରହିଛି, ଯେଉଁଥିରୁ ଆହୁରି ତଥ୍ୟ ମିଳିବା ପରେ ପେଷ୍ଟକୁ ନିର୍ମାଣ କରାଯିବ ବୋଲି ଜଣା ପଡିଛି ।



## ଆଠଗଡ ଛାତ୍ର ବିଜେଡିର ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକ ପତ୍ର

ଆଠଗଡ,(ସବ୍ୟୁ): ଆଠଗଡ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ ଥାନା ଅଧିକାରିଣୀ ସୁମନ୍ତୀ ମହାନ୍ତିଙ୍କ ଜରିଆରେ ଏକ ସ୍ମାରକପତ୍ର ପୋଲିସ ମହାନିର୍ଦ୍ଦେଶକ ଓଡିଶାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି, । ଆଠଗଡ ସହର ସ୍ଥିତ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଗୋପବନ୍ଧୁ ମହିଳା ସ୍ନାତକ ଓ କନିଷ୍ଠ ମହିଦ୍ୟାଳୟ, ଟାଙ୍ଗୀ -ଚୌଦାର ଲକ କଖଡି ସ୍ଥିତ ମହାନଦୀ ମହାବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ର ମାଲ୍ୟାର୍ପଣ କରିଥିଲେ । ପରେ ଏକ ବିଶାଳ ଶୋଭାଯାତ୍ରାରେ ଆଠଗଡ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଆଠଗଡ ଏନଏସି ଛାତ୍ର ବିଜେଡି ସଭାପତି ଖଲ୍ଲିଦ ମହମ୍ମଦ ଓ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ମହାନ୍ତି ନେତୃତ୍ୱରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ଛାତ୍ର ନେତା ସରୋଜ ପରିଡା, ଯୁବ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦିପ୍ତ ଦାସ, ଲଳିତେନ୍ଦୁ ସେନାପତି,ଆଠଗଡ ଏନଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ସଂପାଦକ ରଞ୍ଜନ କୁମାର ଜେନା ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ।

### ରାଷ୍ଟ୍ରଦୀପର ଷଷ୍ଟିପୂର୍ତ୍ତି ସମାରୋହ

# ସାମ୍ବାଦିକଙ୍କ ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁଛନ୍ତି : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ସବ୍ୟୁ): ରାଷ୍ଟ୍ରଦୀପ ଓଡିଆ ସମ୍ବାଦପତ୍ର ଜଗତରେ ଏକ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା । ରାଷ୍ଟ୍ରଦୀପ ପରି ରାଷ୍ଟ୍ରୀୟ ବିଚାରଧାରା ପୋଷଣ କରୁଥିବା ଗଣମାଧ୍ୟମଙ୍କ ଭୂମିକା ଆଜିର ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ରାଷ୍ଟ୍ରଦୀପ ପରି ଗଣମାଧ୍ୟମ ଯେତେ ସକ୍ରୀୟ ମୁଖର, ଶକ୍ତିଶାଳୀ ଓ ପ୍ରଭାବଶାଳୀ ହେବ, ତାହା ଦେଶ ଓ ରାଜ୍ୟ ପାଇଁ କଲ୍ୟାଣକାରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଜୟଦେବ ଭବନରେ ରାଷ୍ଟ୍ରଦୀପର ଷଷ୍ଟିପୂର୍ତ୍ତି ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ କହିଥିଲେ, ଓଡିଶାରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ସମସ୍ୟା ପ୍ରତି ମୁଁ ଓ ଆମ ସରକାର ଅବଗତ ଅଛୁ । ଏନେଇ ବିଭିନ୍ନ ସାମ୍ବାଦିକ ସଂଗଠନଙ୍କ ପକ୍ଷରୁ ସରକାରଙ୍କର ଯେଉଁ ଦୃଷ୍ଟି ଆକର୍ଷଣ କରାଯାଇଛି । ସେ ଦିଗରେ କ'ଣ କରାଯାଇପାରିବ, ଏଥିପ୍ରତି ଆମେ ସମ୍ବେଦନଶୀଳ ଅଛୁ ଓ ସମସ୍ୟାର ସମାଧାନ ପାଇଁ ସକ୍ରୀୟତା ପୂର୍ବକ ଚିନ୍ତା କରୁଛୁ । ସାଂପ୍ରତିକ ବିଭେଦମୟ ରାଜନୈତିକ ପରିସ୍ଥିତିରେ ରାଷ୍ଟ୍ରବାଦର ଶିଖାକୁ ପ୍ରଜ୍ୱଳନ କରିବାରେ "ରାଷ୍ଟ୍ରଦୀପ' ପରି ସ୍ୱରର ଅତ୍ୟନ୍ତ ଆବଶ୍ୟକତା ଅଛି । ସମାଜରେ ଜାଗରଣ ଓ ସଚେତନତା ଆଣିବା ଗଣମାଧ୍ୟମର ପ୍ରମୁଖ କାର୍ଯ୍ୟ । ଗତ ଷାଠିଏ ବର୍ଷ ହେଲା ରାଷ୍ଟ୍ରଦୀପ ଏହି କାର୍ଯ୍ୟ ନିରନ୍ତର କରି ଆସୁଛି ।

ଗଣମାଧ୍ୟମ ସମାଜର ଆଖି ଓ କାନ ପରି କାର୍ଯ୍ୟ କରିଥାଏ । ଗଣମାଧ୍ୟମ ଅଧିକରୁ ଅଧିକ ପାଠକ ବା ଦର୍ଶକ ସଂଖ୍ୟା ବୃଦ୍ଧି କରିବା ସହିତ ଅଧିକ ପେସାଦାର ମନୋଭାବ ନେଇ ତଥା ସମାଜ ପ୍ରତି ଦାୟିତ୍ୱବୋଧର ଭାବନା ନେଇ କାର୍ଯ୍ୟ କଲେ ଏହା ତାଙ୍କ ପାଇଁ ତଥା ସମାଜ ପାଇଁ ମଙ୍ଗଳମୟ ହେବ । ସମାଜ କ'ଣ ଚାହୁଁଛି, ବିଶେଷକରି ସରକାରଙ୍କ ଠାରୁ ଏହା କ'ଣ ଆଶା କରୁଛି, ଏସବୁ ଗଣମାଧ୍ୟମରେ ପ୍ରତିଫଳିତ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ତଥା ଲେଖକ ଓ ଚିନ୍ତକ ଏବଂ ଇଣ୍ଡିଆ ଫାଉଣ୍ଡେସନର ଅଧ୍ୟକ୍ଷ ଡକ୍ଟର ରାମ ମାଧବ କହିଥିଲେ, ଆଜିର ପରିବର୍ତ୍ତନଶୀଳ ସମାଜରେ ରାଷ୍ଟ୍ରଦୀପ ଭଳି ରାଷ୍ଟ୍ରବାଦୀ ଖବର କାଗଜ ସର୍ବଦା ରାଷ୍ଟ୍ରର ହିତରେ ଏବଂ ରାଷ୍ଟ୍ରୀୟତା ଚେତନାର ପ୍ରଚାରକ ସାଜିଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରଦୀପର ସଭାପତି ଅନୁପ କୁମାର ବୋଷ, ରାଷ୍ଟ୍ରଦୀପର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ରାଷ୍ଟ୍ରଦୀପ ପରିଚାଳନା ସମିତିର ସମ୍ପାଦକ ସତ୍ୟନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ପ୍ରଜ୍ଞା ପାରମିତା ଆଚାର୍ଯ୍ୟ ପରିଚାଳନା କରିଥିଲେ ।

## ଭାଷା ଆନ୍ଦୋଳନ ପକ୍ଷରୁ ଓଡ଼ିଆ ସରକାରୀ ଭାଷା ଦିବସ



ଭୁବନେଶ୍ୱର, (ସବ୍ୟୁ): ସରକାର ୧୭ ଅଗଷ୍ଟ ୨୦୧୯ ରେ ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ଘୋଷଣା କଲେ ଏବଂ ଯେଉଁମାନେ ଏହି ଆଇନ ଉଲ୍ଲଙ୍ଘନ କରିବେ ସେମାନଙ୍କୁ ସରକାରୀ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ରାଜପତ୍ରରେ ପ୍ରକାଶ ପାଇବା ଦିନଠାରୁ ହିଁ ଓଡ଼ିଆ ଭାଷା ସରକାରୀ ଭାଷା ଭାବରେ ପରିଗଣିତ ହେଲା । ଏଥି ପାଇଁ "ଓଡ଼ିଆ ସରକାରୀ ଭାଷା ଦିବସ" ରୂପେ ପାଳନ କରାଯାଉଛି । ଏହି ପ୍ରେକ୍ଷାପଟ୍ଟରେ ଭାଷା ଆନ୍ଦୋଳନ ତରଫରୁ ୮୭୮ ଦିନର ଆନ୍ଦୋଳନରେ ସାମିଲ ହୋଇଥିବା ଭାଷା ଯୋଦ୍ଧା ମାନଙ୍କର ଭାଷା ପ୍ରତି ମମତ୍ୱବୋଧ ତଥା ଭାଷା ଆଇନ ପ୍ରଣେତା ନବକୃଷ୍ଣ ଚୌଧୁରୀ ତଥା ଓଡ଼ିଶା ନିର୍ମାତା ଉତ୍କଳଗୌରବ ମଧୁସୁଧନ ଦାସଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ଓଡ଼ିଆରେ ଓଡ଼ିଶାର ଶାସନ ନଚେତ ଦଣ୍ଡ ବିଧାନ ପାଇଁ ଆଇନ କଡାକଡି ଭାବରେ ଲାଗୁ କରିବାକୁ ଦାବି କରାଯାଇଛି । ଏହି ଭାଷା ପାଇଁ ଘଣ୍ଟାଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆଶିଷ ବେହେରା, ଆପୋଲୋ ସେଠି , ନବକିଶୋର ପ୍ରଧାନ , ନାରାୟଣ ଖୁଣ୍ଟିଆ, ବିସ୍ୱରାଜ ନାୟକ, ସତ୍ୟ ରଞ୍ଜନ ସ୍ୱାଇଁ, ମାନସ ବସ୍ତିଆ,ବି ମୁରଲୀଧର , ମନୋଜ ନାୟକ,ନୀଳମଣି ମିଶ୍ର,ସାଗର ଶତପଥୀ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଭାଷା ଯୋଦ୍ଧା ମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି ବୋଲି ଆବାହକ ପବିତ୍ର ମହାରଥା ଜଣାଇଛନ୍ତି ।

### ଗ୍ରାମ୍ୟ ଉନ୍ନୟନ ବିଭାଗର ରାଜ୍ୟସ୍ତରୀୟ ସମୀକ୍ଷା

# ନିର୍ମାଣରେ ମାନ ସହ ଅବଧିରେ କାର୍ଯ୍ୟ ସାର, ନଚେତ ଦରମା ବନ୍ଦ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ସହିତ ଉନ୍ନତମାନ ବଜାୟ ରଖ । ବିଳମ୍ବ ହେଲେ ଅଧିକାରୀଙ୍କ ଦରମା କାଟ ହେବ ବୋଲି ତାଗିଦ କରିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ରବି ନାଏକ ।




ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟର ସମସ୍ତ ୬୦ଟି ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ମାଣ କାର୍ଯ୍ୟକୁ ମନ୍ତ୍ରୀ ଶ୍ରୀ ନାଏକ ସମୀକ୍ଷା କରିଥିଲେ । ପିଏମ୍ ଜିଏସ୍ଓ୍ୱାଇ-୪ରେ ରାଜ୍ୟ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ସେ ବିଭାଗର ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ଯୋଜନାରେ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲାରେ ସାଚୁରେସନ୍ ମୋଡ୍‌ରେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ । ଏହାସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ଅନ୍ୟ ଯୋଜନା ଗୁଡ଼ିକର ନିର୍ମାଣ ଲକ୍ଷ୍ୟ ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୫୨୧ଟି ପ୍ରକଳ୍ପରେ ନିର୍ମାଣ ହେବାକୁ ଥିବା ୫୦୦୦ କିମି ରାସ୍ତା, ସେତୁ ବନ୍ଧନ ଯୋଜନାରେ ୪୦୦ ସେତୁ ଓ ୨୫୩ଟି କୋଠାର ନିର୍ମାଣ ଅଗ୍ରଗତି ବିଷୟରେ ସବିଶେଷ ସମୀକ୍ଷା କରି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । କିଛି ବିଭାଜନ ଆଶାନୁରୂପ ପ୍ରଦର୍ଶନ କରିନଥିବାରୁ ସେଠାକାର ସ୍ଥିତି ଓ ଉନ୍ନତ ପ୍ରଦର୍ଶନର ମାର୍ଗ ବିଷୟରେ ଆଲୋଚନା ହୋଇଥିଲା । ସେହି ବିଭାଜନର ଅଧିକାରୀ ଅଧିକ ଯନିଶୀଳ ହେବାପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ପ୍ରତିଟି ପ୍ରକଳ୍ପ ନିର୍ମାଣରେ ଉତ୍ତରଦାୟିତ୍ୱ ସ୍ଥିର କରିବାକୁ କହିଥିଲେ । ବିଭାଜନ ଗୁଡ଼ିକପାଇଁ ମାସିକ ନିର୍ମାଣ ଲକ୍ଷ୍ୟ ସ୍ଥିରୀକୃତ କରାଯିବା ସହ ସେଗୁଡ଼ିକର ମନିଟରିଂ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ଯେଉଁ ପ୍ରକଳ୍ପ ଗୁଡ଼ିକର ନିର୍ମାଣ ବିଳମ୍ବିତ ଅବସ୍ଥାରେ ରହିଛି, ସେଗୁଡ଼ିକର ସ୍ଥିତି ସମୀକ୍ଷା କରିବା ପାଇଁ ଏକ କ୍ଷେତ୍ରୀୟ ଟିମ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତିଟି ପ୍ରକଳ୍ପ ନିର୍ମାଣରେ ମାନ ବଜାୟ ରଖିବା ସହ ସ୍ଥିରୀକୃତ ସମୟରେ ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଦାୟିତ୍ୱରେ ଅବହେଳା ଯୋଗୁଁ ନିର୍ମାଣରେ ବିଳମ୍ବ ଓ ନିର୍ମାଣ ମାନରେ ଅସଂଗତି ରହିଲେ ଦରମା ବନ୍ଦ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବୟାମିନୀ ଷଡଙ୍ଗୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ବିଭିନ୍ନ ନିର୍ମାଣ କାର୍ଯ୍ୟ ବିଷୟରେ ତଥ୍ୟ ରଖିଥିଲେ ।

## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମ୍‌ରେ ଅଗ୍ନିକାଣ୍ଡ

ନିମାପଡା,(ସବ୍ୟୁ): ଶନିବାର ଅପରାହ୍ନରେ ନିମାପଡା ଠାରେ ଥିବା ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରେ ଅଗ୍ନିକାଣ୍ଡ ଘଟିଥିଲା। ତେବେ ବ୍ୟାଙ୍କ କର୍ମଚାରୀ ମାନେ ତୁରନ୍ତ ନିଆଁ ଲିଭା ଗ୍ୟାସ ସ୍ପ୍ରେ କରିବାରୁ ବଡ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛି ଏଟିଏମ୍। ଅପରାହ୍ନରେ ଏଟିଏମ୍ କାଉଣ୍ଟର ଘର ସାମ୍ନାରେ ବସିଥିବା ବିଦ୍ୟୁତ ମିଟରଟି ହଠାତ ଜଳିବାକୁ ଲାଗିଥିଲା। ବ୍ୟାଙ୍କର ଗୋଟିଏ ଛାତ ତଳେ ଏଟିଏମ ଥିବାରୁ ବ୍ୟାଙ୍କ କର୍ମଚାରୀ ମାନେ ବ୍ୟାଙ୍କ ଭିତରେ ଥିବା ଅଗ୍ନି ନିରୋଧ ଗ୍ୟାସକୁ ଆଣି ସ୍ପ୍ରେ କରିବାରୁ ନିଆଁ ଲିଭି ଯାଇଥିଲା। ଏହି ନିଆଁରେ କିଛି କ୍ଷୟକ୍ଷତି ହୋଇନଥିବା ବେଳେ ନିଆଁ ଦେଖି ସମସ୍ତେ ଭୟଭୀତ ହୋଇପଡିଥିଲେ। ବିଦୁ୍ୟତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି। ଯଦି ବିଳମ୍ବିତ ରାତ୍ରରେ ଏହି ନିଆଁ ଲାଗିଥାନ୍ତା ନିଶ୍ଚିତ ଅନେକ କ୍ଷୟକ୍ଷତି ହୋଇଥାନ୍ତା ବୋଲି କୁହାଯାଉଛି।

## କୃଷ୍ଣ ସ୍ତୁ ଭଗବାନ ସ୍ୱୟଂ ଶୀର୍ଷକ ଆଲୋଚନା ଚକ୍ର

ଭୁବନେଶ୍ୱର, (ସବ୍ୟୁ): ଭଗବାନ ଙ୍କ ଜନ୍ମ ଏକ ଅପ୍ରାକୃତିକ, ମାୟା ଓ ଦିବ୍ୟ ବିଷୟ, ସେ ମଣିଷ ରୂପେ ଦର୍ଶନ ଦେଲେ ମଧ୍ୟ ତାଙ୍କର ଶରୀର ଚିନ୍ମୟ ଅଟେ, ତେଣୁ ଶ୍ରୀକୃଷ୍ଣ ନିଜେ ଭଗବାନ ଅଟନ୍ତି ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ପୂଜ୍ୟ ପୂଜା ଓଡିଶା ପକ୍ଷରୁ ବିରଯା ଶତପଥୀ ଙ୍କ ସଭାପତିତ୍ୱରେ ବୁଦ୍ଧ ମନ୍ଦିର ସଭା ଗୃହରେ ଆୟୋଜିତ କୃଷ୍ଣସ୍ତୁ ଭଗବାନ ସ୍ୱୟଂ ଶୀର୍ଷକ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ମତ ପ୍ରକାଶ କରିଛନ୍ତି,ସମ୍ମାନିତ ଅତିଥି ବକ୍ତା ଓ ଆଲୋଚକ ଭାବେ ଡ଼କ୍ଟର ପୀତବାସ ରାଉତ୍ରାରାୟ, ଡ଼କ୍ଟର ଅଲେଖ ଚନ୍ଦ୍ର ପଢିଆରି, ଶ୍ରୀ ସୁକାନ୍ତ ପଧାନ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ, ପ୍ରାରମ୍ଭ ରେ ଶ୍ରୀମନ୍ତ ରାଉତ, ନଳିନୀ ପ୍ରଭୁ, ଅନିମେଷ ଅନୁପମ, ସମିତ ରାଉତ ଆଦ୍ଦି ଭଜନ ଗାନ କରିଥିଲେ, ଏହି ଅବସର ରେ କବିତା ପୁସ୍ତକ ଶ୍ରାବଣୀ ଓ ଏଣୁଚ ତେଣୁଛ ଉନ୍ମୋଚିତ ହୋଇଥିଲା, ସାହିତ୍ୟ ଓ ସମାଜ ସେବା ପାଇଁ ପ୍ରହଲ୍ଲାଦ ସା ହୁ, ପ୍ରଫେସର ମଧୁସ୍ମିତା ମିଶ୍ର, କାଳିନ୍ଦୀ ଭଞ୍ଜ,ଅନୁପମା ସାମନ୍ତରାୟ, ବନ୍ଦନା ପଣ୍ଡା, ପ୍ରଣତି ପଣ୍ଡା, ସରିତା ସିଂହ ମହାନ୍ତି ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ପୂଜ୍ୟ ପୂଜା, ଓଡିଶା ର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ ସହ ଜନ୍ମାଷ୍ଟମୀ ଦିନ ର ବୈଶିଷ୍ଟ୍ୟ ସମ୍ପର୍କ ରେ ସମ୍ୟକ ଆଲୋକ ପାଟ କରିଥିଲେ, ଅମୃତାୟନ ପତ୍ରିକା ର ସୁପରିଚାଳକ ବିଜୟ କୁମାର ତ୍ରିପାଠୀ ଏ ସମସ୍ତ କାର୍ଯ୍ୟ କ୍ରମ ପରିଚାଳନା କରିଥିବା ବେଳେ ପଣ୍ଡିତ କମଳାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ, ଏହି ଆଲୋଚନା ଚକ୍ର ରେ ଶୋଭନୀୟ ଶିକ୍ଷା ଶ୍ରମ ର ଛାତ୍ର ମାନେ ଜନ୍ମାଷ୍ଟମୀ ଉପଲକ୍ଷେ ଭଗବତ ଗୀତା ପାଠ କରିଥିଲେ, ରଜନୀକାନ୍ତ ଏବଂ ନିହାରିକା ମାନପତ୍ର ପାଠ କରିଥିଲେ।ପ୍ରାକ୍ତନ ମୁଖ୍ୟ ସଚିବ ସୁବାସ ପାଣି ଙ୍କ ବିୟୋଗ ରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବହୁ ସାହିତ୍ୟିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



## ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର, (ସବ୍ୟୁ): ପ୍ରସିଦ୍ଧ ଗଣିତଜ୍ଞ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ଡକ୍ଟର ଗୋକୁଳାନନ୍ଦ ଦାସଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ । ଜଣେ ଉତ୍କର୍ଷ ବିଦ୍ୱାନ ଭାବରେ ସେ ଶିକ୍ଷାଦାନ ଏବଂ ଗବେଷଣା ପ୍ରତି ବିଶେଷ ଆଗ୍ରହ ରଖୁଥିଲେ । ସେ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ମହାନ ଭକ୍ତ । ଆଧ୍ୟାତ୍ମିକତା ଏବଂ ଲୋକପ୍ରିୟ ବିଜ୍ଞାନ ଉପରେ ମଧ୍ୟ ଲେଖନୀ ଚାଳନା କରୁଥିଲେ । ସେ ଥିଲେ ସରଳ ସ୍ୱଭାବର ବ୍ୟକ୍ତି । ତାଙ୍କର କଥାବାର୍ତ୍ତା ଥିଲା ମଧୁର । ସେ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହ ବାହାରେ ବି ପ୍ରେରଣାଦାୟୀ ପରାମର୍ଶ ଦେଉଥିଲେ । ବିଶେଷ ଭାବରେ ତାଙ୍କ ଭଳି ଜଣେ ଶିକ୍ଷାବିତଙ୍କ ବିୟୋଗ ଶିକ୍ଷା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

### ଆରଟିପିଏସ୍ ଆଇନ ସମ୍ପର୍କରେ ବୈଠକ

# ସହରାଞ୍ଚଳରେ ନାଗରିକ ସେବାରେ ଆସିବ ପରିବର୍ତ୍ତନ

ଭୁବନେଶ୍ୱର(ସବ୍ୟୁ): ସହରାଞ୍ଚଳ ଶାସନ ଓ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗ ଜନସେବା ଅଧିକାର (ଆରଟିପିଏସ) ଆଇନ ଉପରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଅଧ୍ୟକ୍ଷତା କରି କହିଛନ୍ତି, ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା । ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଆମେ ଏପରି ସହର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ । ଯେଉଁଠାରେ ନାଗରିକମାନେ ଶାସନକୁ ଏକ ଅଧିକାର ଭାବରେ ଅନୁଭବ କରିବେ । ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି)ର ସହ-ପ୍ରତିଷ୍ଠାତା ତଥା ପରାମର୍ଶଦାତା ଜଗାନନ୍ଦ ଆରଟିପିଏସ୍ ଅଧିନିୟମର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଏକ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦାନ କରିଥିଲେ । ଆରଟିପିଏସ୍ ସହରାଞ୍ଚଳ ଶାସନରେ ଏକ ଉତପ୍ରେରକ ଭାବେ କାର୍ଯ୍ୟ କରିପାରିବ । ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ, ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ବିଡିଏର ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସିର କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ୍. ରାଉତ୍ରେଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

### ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା

# ଲୋକ ସଂପର୍କ ଅଧିକାରୀମାନଙ୍କୁ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବାକୁ ପରାମର୍ଶ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା ଆଜି ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଲୋକ ସଂପର୍କ ଅଧିକାରୀମାନଙ୍କୁ ବୃତ୍ତିଗତ ଦକ୍ଷତା ଓ ଅଭିଜ୍ଞତା ବୃଦ୍ଧି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଏବଂ ଓଡ଼ିଶା ସୂଚନା ସେବା କ୍ୟାଡରର ଉନ୍ନତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ୨୦୨୪ ଡିସେମ୍ବର ମାସରେ ଓଡ଼ିଶା ସୂଚନା ସେବା ସଂଘର ନିର୍ବାଚନ ପରେ ଏହା ସଂଘର ପ୍ରଥମ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଥିଲା । ଏଥିରେ ରାଜ୍ୟ, ଜିଲ୍ଲା ତଥା ଉପଖଣ୍ଡରେ କାର୍ଯ୍ୟରତ ସୂଚନା ସେବା ଅଧିକାରୀ , ଜିଲ୍ଲା ଓ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ତଥା ସୂଚନା ସେବା ସଂଘର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ନିକଟ ଅତୀତରେ ରାଜ୍ୟ ଏବଂ ଜିଲ୍ଲାସ୍ତରରେ କାର୍ଯ୍ୟକରି ଅବସରଗ୍ରହଣ କରିଥିବା ଓଡ଼ିଶା ସୂଚନା ସେବା ଅଧିକାରୀ ତଥା ସଂଘର ସଦସ୍ୟମାନଙ୍କୁ ଓଡ଼ିଶା ସୂଚନା ସେବା ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁଗ୍ମ ନିର୍ଦ୍ଦେଶକ ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକ ସଂପର୍କ ଅଧିକାରୀ ଚିତ୍ତ ରଂଜନ ପତି ଯୋଗଦେଇ କହିଥିଲେ ଯେ, ନୂତନ ଭାବେ ଯୋଗଦେଇଥିବା ସୂଚନା ସେବା ଅଧିକାରୀମାନେ ଭଲ କାମ କରୁଛନ୍ତି । କାର୍ଯ୍ୟରତ ସୂଚନା ସେବା ଅଧିକାରୀମାନଙ୍କୁ ଉତ୍ତମ କାର୍ଯ୍ୟ ସଂପାଦନ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ ସାକ୍ଷରତା, ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ପୂର୍ବକ ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି କରି କାର୍ଯ୍ୟ ଶୈଳୀରେ ଆଖିଦୃଶିଆ ପରିବର୍ତ୍ତନ ଆଣିବାକୁ ସେ ପରାମର୍ଶ ଦେଇଥିଲେ ।



ଓଡ଼ିଶା ସୂଚନା ସେବା ସଂଘର ସଭାପତି ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଅଧ୍ୟକ୍ଷତା କରି ସଂଘର ନିର୍ବାଚନ ପରଠାରୁ ଏହାର କାର୍ଯ୍ୟକଳାପ, ସଂଘର ଉନ୍ନତି ପାଇଁ ଆଗାମୀ ଦିନର ଲକ୍ଷ୍ୟ ଓ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ସଂଘର ସାଧାରଣ ସଂପାଦକ ପଠାଣି ରାଉତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଉପସ୍ଥାପନ କରିଥିଲେ । ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ବରିଷ୍ଠ ସୂଚନା ସେବା ଅଧିକାରୀମାନେ ସଂଘର ଏହି ପ୍ରୟାସକୁ ପ୍ରଶଂସା କରି ସଂଘ ତଥା ସୂଚନା ସେବା କ୍ୟାଡରର ଉନ୍ନତି ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସଂଘ ତରଫରୁ ଏହି ପ୍ରୟାସ ଜାରି ରହିବା ସହିତ ଅବସରପ୍ରାପ୍ତ ବରିଷ୍ଠ ସୂଚନା ସେବା ଅଧିକାରୀଙ୍କ ଅଭିଜ୍ଞତା, ଅନୁଭୂତି ଓ ପରାମର୍ଶକୁ ପାଥେୟ କରି ଓଡ଼ିଶା ସୂଚନା ସଂଘ ଏହାର କାର୍ଯ୍ୟରେ ଉତ୍କର୍ଷତା ପ୍ରତିପାଦନ କରିବ ବୋଲି ବୈଠକରେ ସଭ୍ୟସଭ୍ୟାମାନେ ଓ ସଦସ୍ୟ ସଦସ୍ୟାମାନେ ଯୋଗଦେଇ ନିଜ ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ବିଭିନ୍ନ ଆଲୋଚନା ମଧ୍ୟରେ ଓଡ଼ିଶା ସୂଚନା ସେବା କନିଷ୍ଠରୁ ବରିଷ୍ଠ, ବିଭିନ୍ନ ବର୍ଗରେ ଖାଲିଥିବା ପଦବୀଗୁଡ଼ିକୁ ପଦୋନ୍ନତି ଭିତ୍ତିରେ ପୂରଣ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା, ସଂଘର କ୍ୟାଡର ରୁଲରେ ଆବଶ୍ୟକ ପରିବର୍ତ୍ତନର ଆବଶ୍ୟକତା, ଜିଲ୍ଲାସ୍ତରରେ ବିଭିନ୍ନ ପଦବୀ ଖାଲିଥିବାରୁ ବୃତ୍ତିଗତ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଏବଂ ଏହାର ସମାଧାନ ସହିତ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ପୂରଣ ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଓଡ଼ିଶା ସୂଚନା ସେବା ସଂଘର ଯୁଗ୍ମ ସଂପାଦକ

#### ସୂଚନା ସେବା କ୍ୟାଡରର ଉନ୍ନତି ସଂପର୍କରେ ଆଲୋଚନା

ଆଶାବ୍ୟକ୍ତ କରିଛନ୍ତି । ସୂଚନା ସେବା ସଂଘର ବରିଷ୍ଠ ଅଧିକାରୀ ତଥା ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାଶ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଦୀପ୍ତିମୟୀ ମହାପାତ୍ର, ସଂଘର ଉପ ସଭାପତି ବିଭୂତି ନାୟକଙ୍କ ସମେତ ସଂଘର ଅନ୍ୟ କର୍ମକର୍ତ୍ତା ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଆଗାମୀ ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ପ୍ରକାଶ ପାଇ ଆସୁଥିବା "ଲୋକ ସଂପର୍କ" ସ୍ମରଣିକା ପ୍ରକାଶନ ପାଇଁ ପଦକ୍ଷେପ ନିଆଯିବାକୁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି ।

ସମୟ

### ଆଇଆଇଟି ଦିଲ୍ଲୀର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା

# ଆତ୍ମନିର୍ଭର ଭାରତ ପାଇଁ ଇନୋଭେସନକୁ ଆଗେଇ ନେବା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଆଇଆଇଟି ଦିଲ୍ଲୀ ପରିଦର୍ଶନ କରିବା ସହ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚଡ଼ି ଛାତ୍ରଛାତ୍ରୀ, ଉଭାବକ ଏବଂ ଗବେଷକଙ୍କ ସହିତ ଆଲୋଚନା କରିଛନ୍ତି । ଏହାବ୍ୟତୀତ ଶ୍ରୀ ପ୍ରଧାନ ପୃଥକ ଭାବରେ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନସିଟିଇ)ର ୩୧ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଶିକ୍ଷକ ସମୁଦାୟକୁ ସମ୍ବୋଧନ କରିଛନ୍ତି । ଆଲୋଚନା ସମୟରେ ଶ୍ରୀ ପ୍ରଧାନ ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିଭାଷଣରେ ଦେଇଥିବା ଦୃଷ୍ଟିକୋଣ ସହିତ ସ୍ୱାବଲମ୍ବୀ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ଦେଶକୁ ଆତ୍ମନିର୍ଭର କରିବା ଦିଗଗୁଡ଼ିକ ଉପରେ ଛାତ୍ରଛାତ୍ରୀଙ୍କ ଆଲୋଚନା କରିଥିଲେ କେନ୍ଦ୍ରମନ୍ତ୍ରୀ । ଜାତୀୟ ପ୍ରାଥମିକତାକୁ ଗୁରୁତ୍ୱ ଦେବା ଦିଗରେ ସାମୂହିକ ଉଦ୍ୟମ କରିବା ତଥା ୨୦୪୭ ସୁଦ୍ଧା 'ସମୃଦ୍ଧ ଭାରତ'ର କଳ୍ପନାକୁ ପୂରଣ କରିବା ଉପରେ ମତପ୍ରକାଶ କରିଥିଲେ ଶ୍ରୀ ପ୍ରଧାନ । ଛାତ୍ରଛାତ୍ରୀମାନଙ୍କ ସ୍ୱପ୍ନ ଓ ଆକାଂକ୍ଷା, ଗବେଷଣାର




କ୍ଷେତ୍ର ଉପରେ ପଚାରି ବୁଝିଥିଲେ । ଏହା ସହିତ ଦକ୍ଷତା ବୃଦ୍ଧି ଏବଂ ନବସୃଜନର ସ୍ପିରିଟକୁ ଆଗକୁ ବଢାଇବା ଦିଗରେ ଶ୍ରୀ ପ୍ରଧାନ ନିଜର ମତପ୍ରକାଶ କରିଥିଲେ ।

ସେ କହିଥିଲେ ଆମର ଆଇଆଇଟି ଗୁଡ଼ିକ ଆତ୍ମନିର୍ଭର ଭାରତର ମୂଳଦୁଆ ହେବ । ଆମର ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ଏବଂ ଭାରତକୁ ସମାଧାନର ଏକ ବିଶ୍ୱ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ସରକାର ଭାରତର ଉଭାବକ ଏବଂ ଗବେଷକଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଠିଆ ହୋଇଛନ୍ତି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହଯୋଗରେ ଆମର ପ୍ରତିଭାବାନ ଯୁବଶକ୍ତି ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଉଦ୍ୟମିତାର ନୂଆ ନିୟମ ଲେଖିବେ ଏବଂ ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ନିର୍ମାଣ କରିବାରେ ବଡ ଯୋଗଦାନ ରଖିବେ । ଆମ ଯୁବପିଢ଼ିଙ୍କ ପ୍ରତିଭା ଏବଂ ସଂକଳ୍ପ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସୁଦୃଢ଼ କରିବା ସହିତ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ସାର୍ବଭୌମତ୍ୱକୁ ବୃଦ୍ଧି କରିବାର ପଥ ପ୍ରଶସ୍ତ କରିବ । ଶ୍ରୀ ପ୍ରଧାନ ଆଇଆଇଟି, ଦିଲ୍ଲୀରେ ଛାତ୍ରଛାତ୍ରୀମାନଙ୍କ ସହ ସକାଳ ଜଳଖିଆ କରିଥିଲେ । ଏହି ଆଲୋଚନା କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ବିଭାଗର ସଚିବ ଡକ୍ଟର ବିନୀତ ଯୋଶୀ, ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ରଙ୍ଗନ ବାନାର୍ଜୀ, ଶିକ୍ଷା ମନ୍ତ୍ରଣାଳୟ, ଆଇଆଇଟି ଦିଲ୍ଲୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଅପରପକ୍ଷରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦର ୩୧ତମ ପ୍ରତିଷ୍ଠା ଦିବସରେ କହିଛନ୍ତି ଯେ ଶିକ୍ଷକମାନେ ଆମ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ନେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛନ୍ତି । ନବନସୃଜନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନିରନ୍ତର ଦକ୍ଷତା ବିକାଶ ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି । ଜାତୀୟ ଶିକ୍ଷା ନୀତି ଅନୁସାରେ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରି ଛାତ୍ରଛାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବର୍ତ୍ତମାନର ଟେକ୍ନୋଲୋଜି ଦୁନିଆ ସହ ଯୋଡ଼ିବା ଆମର ଲକ୍ଷ୍ୟ ରହିଛି । ଶିକ୍ଷକମାନେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥାନ୍ତି । ଏକବିଂଶ ଶତାବ୍ଦୀରେ ଭାରତ ଆଗକୁ ବଢୁଥିବା ବେଳେ ଶିକ୍ଷକମାନେ ଭବିଷ୍ୟତର ସୁଯୋଗର ମାନଚିତ୍ର ପ୍ରସ୍ତୁତ କରିବା ଏବଂ ଆମ ଯୁବପିଢ଼ି ଅଭିବୃଦ୍ଧି କାହାଣୀର ନେତୃତ୍ୱ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ସେହିପରି ଛାତ୍ରଛାଛାତ୍ରୀମାନଙ୍କୁ ସ୍ୱାକ୍ଷରତା ଓ ପରିସଂଖ୍ୟାନର ପାଠପଢାକୁ ବୁଝିବା ଭଳି ଶିକ୍ଷା ଦେବା ଦରକାର ବୋଲି ସେ କହିଛନ୍ତି ।

### ଆସିଲା ଆଜ୍ଞାମାଳ, ହେଲା ମାଟି ଅନୁକୂଳ

# ଅନ୍ଦରପୁର ପୂଜା କମିଟି ପକ୍ଷରୁ ହେବ ପ୍ରଥମ ଦୁର୍ଗାପୂଜା

କଟକ, (ସ୍ୱପ୍ର): ସ୍ଥାନୀୟ ୫୩ ନମ୍ବର ୱାର୍ଡ ଅନ୍ଦରପୁର ପୂଜା କମିଟି ପକ୍ଷରୁ ଜଗତଜନନୀ ମା' ଦୁର୍ଗାଙ୍କ ପୂଜା ନିମନ୍ତେ ମାଟି ଅନୁକୂଳ ହୋଇଛି । ଦୀର୍ଘ ୧୮ ବର୍ଷ ଧରି ହୋଇ ଆସୁଥିବା ମହାଦେବ (ଶିବ,ପାର୍ବତୀ)ଙ୍କ ପୂଜା ବଦଳରେ ଏଥର ପ୍ରଥମ ଥର ପାଇଁ ହେବ ଦୁର୍ଗାପୂଜା । ପୁରା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା' ଦୁର୍ଗାଙ୍କ ଆଗମନ ହେବ । ମା' ଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମା' ଶାରଳାଙ୍କ ପାଖରୁ ଆଜ୍ଞାମାଳ ଆସି ସାରିଛି । ସମସ୍ତ ଗ୍ରାମବାସୀ ଆଜ୍ଞାମାଳ ଆଣି ବିଧି ମୁତାବକ ନାଗେଶ୍ୱର ମନ୍ଦିର ପାଖରୁ ଘଣ୍ଟଘଣ୍ଟା ବାଦ୍ୟ ବଜାଇ ଏକ ବିରାଟ ପଟୁଆରରେ ମା' ଦୁଲ୍ଲାଦେଇଙ୍କ ପାଖରେ ରଖିଥିଲେ । ପବିତ୍ର ଜନ୍ମାଷ୍ଟମୀରେ ମା' ଙ୍କ ମାଟି ଅନୁକୂଳ କାର୍ଯ୍ୟ କର୍ତ୍ତା ଅଙ୍ଗଦ ସ୍ୱାଇଁଙ୍କ ଦ୍ୱାରା ଶ୍ରୀ ଅଭିରାମ ପରମହଂସ ମଠ ସନ୍ନିକଟ ଗାଦିଗୋସେଇଁ ପାଖରୁ ମାଟି ଉଠା ଯାଇଥିଲା । ଏହି ମାଟି ଉଠା କାର୍ଯ୍ୟକ୍ରମରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ କୁମାର ଭୋଳ, ପୂଜା କମିଟି



ସଭାପତି ବିନୟ କୁମାର ଦାସ, ସମ୍ପାଦକ ଅମର ସାମନ୍ତରାୟ, ରଂଜିତ ରାଉତ, ପ୍ରସନ୍ନ ମହାନ୍ତି, କର୍ପୋରେଟର ଅରବିନ୍ଦ ଜେନା, ବିନୋଦ ବେହେରା, ନଗେନ ଦାସ, ଡଃ ବ୍ୟୋମକେଶ କାନୁନଗୋ, ଚିତ୍ତରଞ୍ଜନ ନାୟକ, କିରଣାଳା ଦାସ, ବାମନ ଚରଣ ମହାନ୍ତି, ଅଙ୍ଗଦ ସ୍ୱାଇଁ, ଉଦୟନାଥ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଭୋଳ, ଆଡ଼ଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ସମରଜିତ କେଶରୀ ଦାସ, ସୌମ୍ୟ ରଞ୍ଜନ ସ୍ୱାଇଁ, ସାହି ମହନ୍ତ ଦିଲ୍ଲୀପ ଜେନା, କଟୁଆଳ ବିଶ୍ୱରଂଜନ ସ୍ୱାଇଁ, ଲାଲୁ ସ୍ୱାଇଁ, ବାସୁଦେବ ସ୍ୱାଇଁ, ସୁକାନ୍ତ ଜେନା, ଅଶୋକ ସାମଲଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ଓ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ହୋଟେଲରୁ ଦୁଇ ନାବାଳକ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ବାଣୀବିହାର ପରିସରରେ ଥିବା ସନା ହୋଟେଲରେ କାମ କରୁଥିବା ଦୁଇଜଣ ନାବାଳକଙ୍କୁ ଉଦ୍ଧାର କରିଛି ରୁଚିକା ସମାଜ ମଙ୍ଗଳ ସଙ୍ଗଠନ । ସହିଦନଗର ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟ ହୋଇଥିଲା । ଗଞ୍ଜାମ ଜିଲ୍ଲା ଶେରଗଡ ଅଞ୍ଚଳର ଜଣେ ମହିଳାଙ୍କ ସ୍ୱାମୀ ମରିଯିବା ପରେ ଦୁଇଜଣ ପୁଅଙ୍କୁ ଧରି ନହରକଣ୍ଟା ଅଞ୍ଚଳରେ ରୁହନ୍ତି । ମା' କାମ କରି ଗୁଜରାଣ ମେଣ୍ଟାଉଛନ୍ତି । ପରିସ୍ଥିତିରେ ପଡି ମା' ଦୁଇ ପୁଅଙ୍କୁ ବାଣୀବିହାର ପରିସରରେ ଥିବା ଗୋବିନ୍ଦ ସାହୁ ମାର୍କେଟ କମ୍ପ୍ଲେକ୍ସର ସନା ହୋଟେଲରେ କାମ କରିବା ପାଇଁ ଛାଡିଥିଲେ । ବଡପୁଅର ବୟସ ୧୩ ବର୍ଷ ହୋଇଥିବା ବେଳେ ସାନପୁଅର ବୟସ ୧୦ବର୍ଷ । ଦୁଇଭାଇ ୩ମାସ ହେବ ସେଠାରେ କାମ କରୁଥିଲେ । ସେ ହୋଟେଲରେ ରାତିରେ ରହୁଥିଲେ ।

ଉଦ୍ଧାର ଦୁଇ ପିଲାଙ୍କ କହିବାନୁଯାୟୀ ସେମାନେ ପ୍ରାୟ




୧୨ଘଣ୍ଟା କାମ କରନ୍ତି । ପ୍ଲେଟ୍ ଧୋଇବା ଠାରୁ ଆରମ୍ଭ କରି ଟେବୁଲ ପୋଛା, ବାସନ ମଜା ପ୍ରଭୃତି ହୋଟେଲର ସବୁ କାମ କରନ୍ତି । ଏହା ଏକ ଶିଶୁ ଚାଲାଣ ମାମଲା ଓ ପିଲାଙ୍କୁ ଶ୍ରମିକ ଭାବେ ହୋଟେଲ ମାଲିକ ରଶ୍ମିରଞ୍ଜନ ଜେନା ନିଯୁକ୍ତି ଦେଇଥିଲେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି କହିଛନ୍ତି । ଦୁଇଭାଇଙ୍କୁ ଉଦ୍ଧାର କରାଯାଇ ଅତିରିକ୍ତ ଶିଶୁ ମଙ୍ଗଳ ସମିତିରେ ରଖାଯାଇଛି । ସମିତିର ନିର୍ଦ୍ଦେଶ କ୍ରମେ ଦୁହିଁଙ୍କୁ ରୁଚିକା ଓପନ ସେଲଫରକୁ ପଠାଯାଇଛି । ପିଲାଙ୍କୁ ଉଦ୍ଧାର କାର୍ଯ୍ୟରେ ରୁଚିକା ସଙ୍ଗଠନର ଘନଶ୍ୟାମ ଭୋଇ, ହରପ୍ରିୟା ପତି, ଅଜୟ କୁମାର ମହାରଣା ପୋଲିସକୁ ସହଯୋଗ କରିଥିଲେ । ଏ ସମ୍ପର୍କରେ ସହିଦନଗର ଥାନାରେ ରୁଚିକା ପକ୍ଷରୁ ଏତଲା ହୋଇଛି ।

# କଂଗ୍ରେସରେ ଯୋଗଦେଲେ ବିଭିନ୍ନ ଦଳର କର୍ମୀ ଓ କର୍ମକର୍ତ୍ତା

ଭୁବନେଶ୍ୱର, (ସବ୍ୟୁ): କଂଗ୍ରେସର ଚିନ୍ତାଧାରା, ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସାଲେପୁର, କେଉଁଝର, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲାର ବହୁ ବିଜେଡି ଓ ବିଜେପି ପଦାଧିକାରୀ ସରପଞ୍ଚ, ଜିଲ୍ଲା ପରିଷଦ ପ୍ରାର୍ଥୀ ସମିତି ସଭ୍ୟଙ୍କ



ସହିତ ବହୁ କର୍ମକର୍ତ୍ତା ନିଜ ନିଜ ଦଳ ପରିତ୍ୟାଗ କରି ରବିବାର ଅନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଏହି ଅବସରରେ କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ପିସିସି ସଭାପତି ଶ୍ରୀ ଦାସ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଏଆଇସିସି ସହ ପ୍ରଭାରୀ ଚୌଧୁରୀ ଶାହାନଓ୍ୱାଜ , ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିବା ନେତୃବୃନ୍ଦ ଅନ୍ୟ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଥିବା ପଦାଧିକାରୀଙ୍କୁ ଦଳୀୟ ଟୋପି, ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ପିସିସି ସଭାପତି ଶ୍ରୀ ଦାସ କହିଥିଲେ, ତୃଣମୂଳ ସ୍ତରରେ ଲୋକମାନଙ୍କ କଂଗ୍ରେସ ପ୍ରତି ଆସ୍ଥା ଏବଂ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି ।

ପୂର୍ବତନ ସାଂସଦ ଯୋଶବନ୍ତ ନାରାୟଣ ସିଂ ଲାଗୁରୀଙ୍କ ତତ୍ୱାବଧାନରେ କେନ୍ଦୁଝରରୁ ସା ପଡାବ୍ଳକର ପୂର୍ବତନ ଅଧ୍ୟକ୍ଷ ଗୌରହରି ନାୟକ, ସରପଞ୍ଚ ଅନିରୁଦ୍ଧ ନାୟକ, ସରପଞ୍ଚ ମନୋହର ବେହେରା, ନାଏବ ସରପଞ୍ଚ ଭଗିଆ ଦାସ, ପୂର୍ବତନ ସରପଞ୍ଚ ସୁଚିତ୍ର ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ କଟକ ଗ୍ରାମାଞ୍ଚଳ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାରଙ୍କ ତତ୍ୱାବଧାନରେ କଟକ ଗ୍ରାମାଞ୍ଚଳ ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ତତ୍ୱାବଧାନରେ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜେଡି ଓ ବିଜେପିର ବହୁ କାର୍ଯ୍ୟକର୍ତ୍ତା ଯଥାକ୍ରମେ ବିଜେଡିର ହେମନ୍ତ ବିଶ୍ୱାଳ, ହେମନ୍ତ ସାହୁ ପ୍ରଖୁଖ ଯୋଗ ଦେଇଥିଲେ । ଭୁବନେଶ୍ୱର ଜିଲ୍ଲା ସଭାପତି ବିଶ୍ୱଜିତ ଦାଶଙ୍କ ତତ୍ୱାବଧାନରେ ୨୯ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର କୁମାର ନାଏକ, ପୂର୍ବତନ ବିଜେଡି ଓ୍ୱାର୍ଡ ସଭାପତି କରୁଣାକର ରାଉତ, ଓ୍ୱାର୍ଡ ନମ୍ବର ୬୩ ର ବିଦ୍ୟୁତ ଯନ୍ତ୍ରୀ ପ୍ରଦ୍ୟୁମ୍ନ ଦାଶ, ବିଜେଡି ଓ ବିଜେପିର ପୂର୍ବତନ ଅଫିସ ପଦାଧିକାରୀ ଅଲେଖ ଦାସ ଓ ଅଲେଖ ମଲ୍ଲିକ ପ୍ରମୁଖ ଯୋଗ ଦେଇଛନ୍ତି । ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ରାଜୀବ ପଟ୍ଟନାୟକଙ୍କ ତତ୍ୱାବଧାନରେ ଭୁବନେଶ୍ୱର ନିକଟବର୍ତ୍ତୀ ବାଲିପାଟଣା ନିର୍ବାଚନ ମଣ୍ଡଳୀର ଶୈଳେନ୍ଦୁ ଦାଶ (ସିଲୁ ଭାଇ) ତାଙ୍କ ବହୁ ସମର୍ଥକଙ୍କ ସହ ବିରାଟ ପଟୁଆରରେ ଆସି ଆଜି ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ଯୋଗଦାନ କରିଥିଲେ ।

ପିସିସି ମିଡ଼ିଆ ସେଲ ଅରବିନ୍ଦ ଦାସ ଓ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତିଙ୍କ ସଂଯୋଜନାରେ ଆଜିର ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭାପତିଙ୍କ ରାଜନୈତିକ ସଚିବ ସୁଧାଂଶୁ ଦେଓ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବିଧାୟକ ପ୍ରାର୍ଥୀୟାକୁବ ଖାନ, ଅଶୋକ ଦାଶ, ପ୍ରଶାନ୍ତ ଚମ୍ପତି, ପିସିସି ମୁଖପାତ୍ର ହିମାଂଶୁ ଲେଙ୍କା,ମିହିର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# କମ୍ପାନୀର ୭ ୯ ହଜାର ଆତ୍ମସାତ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ କମ୍ପାନୀର ୭ ୯ ହଜାର ଟଙ୍କା ଆତ୍ମସାତ କରିଥିବା ଅଭିଯୁକ୍ତ ସୀତାରାମ ପଣ୍ଡା ଓରଫ ସିଲୁ (୩୧)କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି ।

ଅଭିଯୁକ୍ତ ସୀତାରାମ ପଣ୍ଡା କମ୍ପାନୀର ଜଣେ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରେ । ସେ ମାର୍ଚ୍ଚ ୨୮ ତାରିଖ ଦିନ କାର୍ଯ୍ୟରେ ଯୋଗଦେବା ପରଠାରୁ ନିକଟସ୍ଥ ଅଞ୍ଚଳମାନଙ୍କରେ କମ୍ପାନୀର ଋଣ ନେଇଥିବା ଗ୍ରାହକଙ୍କୁ ଠାରୁ ମାସିକ କିସ୍ତି ଆଦାୟ କରେ । ଜୁନ୍ ୨୩ରୁ ଅଗଷ୍ଟ ୮ ତାରିଖ ମଧ୍ୟରେ ଲୋକଙ୍କ ଠାରୁ ଆଦାୟ କରିଥିବା ୭ ୯ ହଜାର ଟଙ୍କା କମ୍ପାନୀରେ ଦାଖଲ ନକରି ଆତ୍ମସାତ୍ କରିଦେଇଥିଲା । କମ୍ପାନୀ ପକ୍ଷରୁ ଶକ୍ତିପ୍ରସାଦ ବେହେରା ଏତଲା କରିବା ପରେ ମଞ୍ଚେଶ୍ୱର ଥାନା ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ସୀତାରାମକୁ ଗିରଫ କରିବା ପରେ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଦୀକ୍ଷିତ ବଡ ପୋଖରୀ ଜାଗା ପକ୍ଷରୁ ଯମୁନା ଗାଧୁଆ ଉତ୍ସବ ପାଳିତ




ପୁରୀ (ସବ୍ୟୁ): ପ୍ରତି ବର୍ଷ ପରି ଚଳିତ ବର୍ଷ ବାସେଳି ସାହି ଦୀକ୍ଷିତ ବଡ ପୋଖରୀ ଜାଗା ପକ୍ଷରୁ ଶ୍ରୀକୃଷ୍ଣ ଜନ୍ମ ଜନ୍ମାଷ୍ଟମୀ ଉପଲକ୍ଷେ ଯମୁନା ଗାଧୁଆ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ମଠ ଛକ ନିକଟରେ ଏକ ଭଜନ ସମାରୋହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ପରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ମଠ ପରିସରରେ ମହାପ୍ରସାଦ ସେବନ କରା ଯାଇ ଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ନୀଳାଦ୍ରି କର, ଉପସଭାପତି ମାଧବ ଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଜ୍ୟୋତି ପ୍ରକାଶ ମହାପାତ୍ର, ସହ ସମ୍ପାଦକ ରୁଦ୍ର ପ୍ରସାଦ ପଟ୍ଟନାୟକ, କୋଷାଧକ୍ଷ ଗଦାଧର ଗୋଛିକାର ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ବିରଞ୍ଚି ନାରାୟଣ ମହାପାତ୍ର ନନ୍ଦ, ଶିବ ପ୍ରସାଦ ମିଶ୍ର ଓ ବାବୁନା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଆମାଜନ ଇଣ୍ଡିଆକୁ ସେନାର ଉତ୍କର୍ଷତା ଆଣିଛନ୍ତି କ୍ୟାପ୍ଟେନ ଜ୍ୟୋତି

ଭୁବନେଶ୍ୱର, (ସବ୍ୟୁ) : ଭାରତ ଏହାର ୭ ୯ତମ ସ୍ୱାଧୀନତା ଦିବସ ପାଳନ କରୁଥିବାରୁ ଆମାଜନ ଇଣ୍ଡିଆ ପକ୍ଷରୁ ସେନାର ପୂର୍ବତନ ସୈନିକମାନଙ୍କୁ ସମ୍ମାନିତ କରାଯାଇଛି ଯେଉଁମାନେ ନିଜର ୨ୟ କ୍ୟାରିୟରରେ ସ୍ୱତନ୍ତ୍ରତା ସହିତ ସେବା ଜାରି ରଖିଛନ୍ତି। ସଶସ୍ତ୍ର ବଳରୁ ଇକମର୍ସ ଓ ଟେକ୍ନୋଲୋଜି କ୍ଷେତ୍ର ପର୍ଯ୍ୟନ୍ତ ସେମାନଙ୍କର ସଫଳ ରୂପାନ୍ତରଣ ଉଲ୍ଲେଖନୀୟ ଅନୁକଳତା ଓ ମୂଲ୍ୟବାଦ ଦକ୍ଷତାକୁ ପ୍ରଦର୍ଶିତ କରୁଛି। ନିଯୁକ୍ତି ପଦକ୍ଷେପ, ରୂପାନ୍ତରଣ ସହଯୋଗ ଓ ମେଂଟରସିପ ପ୍ରୋଗ୍ରାମ ମାଧ୍ୟମରେ ଆମାଜନ ସେନାର ଏହି ପୂର୍ବତନ ସୈନିକମାନଙ୍କର ସାମରିକ କ୍ଷମତା ଯେପରି କମ୍ପାନୀର ନେତୃତ୍ୱ ସିଦ୍ଧାନ୍ତ ସହ ସୁଗମ ଭାବେ ସମନ୍ୱିତ ହେବ ତାହା ସୁନିଶ୍ଚିତ କରୁଛି। ଏମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପଶ୍ଚିମବଙ୍ଗର କୋଲକାତାରେ ଆମାଜନ ସର୍ଟ ସେଂଟରରେ ଅପରେଶନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା କ୍ୟାପ୍ଟେନ ଜ୍ୟୋତି ବିଷ୍ଟ (ଅବସରପ୍ରାପ୍ତ) । କାର୍ଗିଲ, ଡ୍ରାସ ଓ ସିଆଚେନରେ କାର୍ଯ୍ୟ କରିଥିବା ଜ୍ୟୋତି ଲଜିଷ୍ଟିକ୍ସ ଅପରେଶନର ନେତୃତ୍ୱ ନେଉଛନ୍ତି ଏବଂ ୩୫୦ ଜଣ କର୍ମଚାରୀଙ୍କ ଏକ ସବ୍-ଡିପୋକୁ ପରିଚାଳନା କରିବା ସହ ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ୭୦,୦୦୦ରୁ ଅଧିକ ଇନଭେଂଟୋରୀ ସାମଗ୍ରୀଗୁଡିକର ପରିଚାଳନା ମଧ୍ୟ କରୁଛନ୍ତି। ପ୍ରାୟ ୧୦ ବର୍ଷ ତଳେ କର୍ପୋରେଟ ଦୁନିଆରେ ପ୍ରବେଶ କରିଥିବା ଜ୍ୟୋତି ନିଜର ସାମରିକ କ୍ଷେତ୍ରରେ ବିକଶିତ ପରିଚାଳନାଗତ ଶୃଙ୍ଖଳା, ନେତୃତ୍ୱ କ୍ଷମତାକୁ କୃଷି-ବ୍ୟବସାୟ, ସ୍ୱାସ୍ଥ୍ୟସେବା, ଆଇଟି ଓ ଇକମର୍ସ କ୍ଷେତ୍ରରେ ପ୍ରୟୋଗ କରିଛନ୍ତି।

# ରାହାସ ମହାନ୍ତି ଓ ପଞ୍ଚମୁଖୀ ବ୍ୟାୟାମ ବିଦ୍ୟାଳୟ ପକ୍ଷରୁ ଯମୁନା ଗାଧୁଆ ଉତ୍ସବ



ପୁରୀ (ସବ୍ୟୁ): ଶନିବାର ସନ୍ଧ୍ୟାରେ ସ୍ଥାନୀୟ ମଙ୍ଗଳାଘାଟ ରୋଡ ସ୍ଥିତ ରାହାସ ମହାନ୍ତି ଯାଗା ଓ ପଞ୍ଚମୁଖୀ ବ୍ୟାୟାମ ବିଦ୍ୟାଳୟ ପରିସରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ପାରମ୍ପରିକ ଯମୁନା ଗାଧୁଆ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଓଡିଶା ରାଜ୍ୟ ସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୁରୀ ଲୋକ ସଭା ସାଂସଦ ପ୍ରତିନିଧି ରବିନାରାୟଣ ଦାସ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମକୁ ରାହାସ ମହାନ୍ତି, ଯାଗା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ ରବିନାରାୟଣ ସୁପକାର , ପଞ୍ଚମୁଖୀ ବ୍ୟାୟାମ ବିଦ୍ୟାଳୟର ସଭାପତି ଫକୀର ପଣ୍ଡା ଓ ସମ୍ପାଦକ ତଥା ଆଇନଜୀବୀ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟମାନେ ଏହି ଉତ୍ସବରେ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# କୁଆଡେ ଗଲେ ରାୟପୁର ବ୍ୟବସାୟୀ

ଭୁବନେଶ୍ୱର, (ସବ୍ୟୁ) : ଜଗନ୍ନାଥ ଦର୍ଶନରେ ଆସିଥିବା ରାୟପୁରର ପ୍ରତିଷ୍ଠିତ ବ୍ୟବସାୟୀ ରବି ଭୋଟୱାରୀ ୭ମାସ ହେବ ଘରକୁ ଫେରିନାହାନ୍ତି । ପରିବାର ଲୋକଙ୍କ ସହ ଭୁବନେଶ୍ୱର ରେଳଷ୍ଟେସନ ପ୍ଲାଟ୍‌ଫର୍ମ-୧ରେ ଥାଇ ଘର ଲୋକଙ୍କ ସହ କଥା ହୋଇଥିଲେ । ହେଲେ ସେହିଠାରୁ କୁଆଡେ ଗଲେ ଦୀର୍ଘଦିନ ହେବ ତାଙ୍କ ପତ୍ତା ମିଳୁନଥିବାରୁ ପରିବାର ଲୋକେ ଓଡ଼ିଶା ପୋଲିସର ସହାୟତା ଲୋଡିଛନ୍ତି । ଜାନୁଆରୀ ୭ ତାରିଖରୁ ସେ ଜଗନ୍ନାଥ ଦର୍ଶନ କରିବାକୁ ଓଡ଼ିଶା ଆସିଥିଲେ । ସେହିଦିନ ଠାରୁ ଘରକୁ ନଫେରି କୁଆଡେ ଗଲେ ପରିବାର ଲୋକେ କେତେକ ରାଜ୍ୟରେ ଥିବା ସମ୍ପର୍କୀୟଙ୍କ ଘର ଖୋଜଖବର କରିବା ପରେ ନିରାଶ ହୋଇ ଓଡ଼ିଶା ପୋଲିସରେ ଏତଲା ଦାଏର କରିଛନ୍ତି । ଭୁବନେଶ୍ୱର ଜିଆର୍ ପୋଲିସ ଏତଲା ଭିତ୍ତିରେ ଅନୁସନ୍ଧାନ କରୁଥିବା ବେଳେ ଭୁବନେଶ୍ୱର ଷ୍ଟେସନ ଓ ଅନ୍ୟାନ୍ୟ ଜିଆର୍‌ପି ଥାନା ଅଞ୍ଚଳରେ ତାଙ୍କ ଫଟୋ ଲଗାଯାଇଛି । କେହି ଯଦି ତାଙ୍କ ସନ୍ଧାନ ପାଆନ୍ତି, ଖବର ଦେବା ପାଇଁ ଜିଆର୍ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

# ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ଟ୍ୟାନେରୀର ଦେବାଳିଆ ଅବସ୍ଥା ଦେଖି ଏହାର ପୁନରୁଦ୍ଧାର ପାଇଁ ସହାୟତା ନିମନ୍ତେ ୫ ଫେବ୍ରୁଆରୀ ୧୯୨୪ରେ ସାବରମତୀ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଭେଟି କଟକ ଆସିବା ପାଇଁ ନିମନ୍ତ୍ରଣ କରିଥିଲେ। ମଧୁବାବୁଙ୍କ ନିମନ୍ତ୍ରଣ ରକ୍ଷା କରି ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ୧୯୨୫ ମସିହା ଅଗଷ୍ଟ ୧୯ ଓ ୨୦ ଦୁଇଦିନିଆ ଗସ୍ତରେ ସଚିବ ମହାଦେବ ଦେଶାଇଙ୍କ ସହ କଟକ ଆସିଥିଲେ। ଉତ୍କଳ ଟ୍ୟାନେରୀ ବୁଲି ଦେଖିବା ସହ ଏହାର ଉନ୍ନତିକରଣ ଦିଗରେ ବିଭିନ୍ନ ଆଲୋଚନା କରିଥିଲେ। ରାଷ୍ଟ୍ରପିତାଙ୍କର ଦ୍ୱିତୀୟ ଓଡ଼ିଶା ଆଗମନ ଶତବାର୍ଷିକୀ ସ୍ମୃତିରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ଆଦି ଗାନ୍ଧୀ ବିଚାରର ସଙ୍ଗଠନମାନଙ୍କ ପକ୍ଷରୁ ଅଗଷ୍ଟ ୧୯ ତାରିଖରେ ଗାନ୍ଧୀ ରହିଥିବା ମଧୁକୋଠୀ ଅଧୁନା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଏକ ସେମିନାର ଆୟୋଜିତ କରାହେଉଛି। ୨୦ ତାରିଖ ସକାଳ ୮ ଘଟିକା ସମୟରେ ଐତିହାସିକ ସ୍ୱରାଜ ଆଶ୍ରମ ପରିସରରେ ସର୍ବଧର୍ମ ପ୍ରାର୍ଥନା ସଭା ଓ ଚରଖା ପ୍ରଦର୍ଶନୀ ଆୟୋଜିତ କରାହେବ ଓ ସେଠାରୁ ଏକ ଶାନ୍ତି ସଦଭାବନା ପଦଯାତ୍ରା ବାହାରି ମୁନିସିପାଲିଟି ପଡ଼ିଆ ହୋଇ ନେତାଜୀ ସୁଭାଷଙ୍କ ବାସଭବନରେ ପହଞ୍ଚିବ। ସନ୍ଧ୍ୟାରେ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମରେ ଏକ ସାଧାରଣ ସଭା ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକରେ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ୍, ମିହିର ପ୍ରତାପ ଦାସ, ଜୟନ୍ତ କୁମାର ଦାସ, ବିଜୟ ତ୍ରିପାଠୀ, ହରିହର ସେନ, ପ୍ରଦୀପ୍ତ କିଶୋର ନନ୍ଦ, ସୂର୍ଯ୍ୟ ନାରାୟଣ ନାଥ ମାନସ ପଟ୍ଟନାୟକ ପ୍ରମୁଖ ପ୍ରେସ ବିଜ୍ଞପ୍ତି ଯୋଗେ ଜଣାଇଛନ୍ତି।

## ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ
# ରୁଦ୍ର ରମଣ ମହାନ୍ତିଙ୍କୁ ପ୍ରାଣକୃଷ୍ଣ ଛାତ୍ର ଗୌରବ ସମ୍ମାନ



କଟକ, (ସ୍ୱପ୍ର): ପ୍ରାଣକୃଷ୍ଣ ପରିଜା ସ୍ମୃତି ପରିଷଦ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କଲ୍ୟାଣୀନଗର, ଅନ୍ଦରପୁର ଭିଜିଲାନ୍ସ କଲୋନୀ ସ୍ଥିତ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା ଉଦ୍ୟାନ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରିହର ସାମଲ ପୌରହିତ୍ୟ କରିଥିଲେ । ଉତ୍ସବରେ ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ତିନି ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏମାନଙ୍କ ମଧ୍ୟରେ ଚଳିତ ମାଟ୍ରିକ ପରୀକ୍ଷାରେ ନୂଆବଜାର ଶିଶୁ ମନ୍ଦିରର ଛାତ୍ର ତଥା ୫୩ ନମ୍ବର ୱାର୍ଡ ଅନ୍ଦରପୁରର ବାସିନ୍ଦା ପିତା ବାଉରୀବନ୍ଧୁ ମହାନ୍ତିଙ୍କ ପୁତ୍ର ରୁଦ୍ର ରମଣ ମହାନ୍ତିଙ୍କୁ ପ୍ରାଣକୃଷ୍ଣ ଛାତ୍ର ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବୈୟାଳିଶ ମୌଜା ସ୍ଥିତ ଉଫ ସେବାଶ୍ରମର ପ୍ରତିଷ୍ଠାତା ଚିନ୍ମୟୀ ପଟ୍ଟନାୟକ, ଡ଼ଃ ଆନନ୍ଦ ମହାରଣାଙ୍କ ସହିତ ସୁଇପର ରେଖାରାଣୀ ନାୟକଙ୍କୁ ପ୍ରାଣକୃଷ୍ଣ ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନାଙ୍କ ସମେତ ଅନୁଷ୍ଠାନର ସରୋଜ ରାଉତ, ସାହି ଅଧିକାରୀ ପ୍ରମୋଦ ଭୋଳ, ସାମ୍ବାଦିକ ସମୀର କର, ଆଡ଼ଭୋକେଟ ପୂର୍ଣ୍ଣଚନ୍ଦ୍ର ମହାରଣା, ମାଗୁଣୀ ଦାସ, ନିମାଇଁ ସ୍ୱାଇଁ, ମାନସ ପାଣି, ଇଂ ଶୈଳେନ୍ଦ୍ର ଭୋଳ, ପ୍ରଭାକର ମଲ୍ଲିକ, ଅମର ସାମନ୍ତରାୟ, ଡ଼ଃ ବ୍ୟୋମକେଶ କାନୁନଗୋ, ଦେବଦତ୍ତ ରାଉତ, ସଞ୍ଜୟ ସାହୁ, ଚିତ୍ତରଞ୍ଜନ ନାୟକ, ପୂର୍ବତନ କର୍ପୋରେଟର ଚିରଞ୍ଜୟ ସାହୁ, ବିନୋଦ ବେହେରା, ଧୀର ପ୍ରସାଦ ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର, କ୍ଷୀରୋଦ କୁମାର ସାହୁ, ବୀରକିଶୋର ସାହୁ, ଶିବ ପ୍ରସାଦ ପଣ୍ଡା, ଲଲାଟେନ୍ଦୁ ମହାପାତ୍ର, ପ୍ରଦୀପ ଦାସ, ଶ୍ରୀନିବାସ ରଣା, ସମରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ଜାତିର ପିତାଙ୍କୁ କେନ୍ଦ୍ର ସରକାରଙ୍କ ଅପମାନ ବରଦାସ୍ତ କରାଯିବ ନାହିଁ : କଂଗ୍ରେସ



ଭୁବନେଶ୍ୱର, (ସବ୍ୟୁ): କ୍ରମାଗତ ଭାବରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିଟି ବିଷୟରେ ଅପପ୍ରଚାର କରି ଅପମାନିତ କରିବା ଏବଂ ଏନସିଇଆରଟି ପାଠ୍ୟକ୍ରମରେ ମହାତ୍ମା ଗାନ୍ଧୀ ଏବଂ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ଭାରତ ବିଭାଜନର କାରଣ ରୂପେ ଦର୍ଶେଇ ଥିବାରୁ କଂଗ୍ରେସ ଏହାକୁ ବଳିଦାନ ଓ ତ୍ୟାଗ କରିଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଏବଂ ଭାରତ ଦେଶର ନାଗରିକଙ୍କ ପ୍ରତି ଅପମାନ ବୋଲି କେନ୍ଦ୍ର ସରକାରଙ୍କୁ କଡା ନିନ୍ଦା କରିଛନ୍ତି । ପ୍ରଦେଶ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ଏବଂ ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଏହି ମର୍ମରେ ମତବ୍ୟକ୍ତ କରିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ, ଯେଉଁ ଦଳ ଆଜି କେନ୍ଦ୍ର ସରକାରରେ ଅଛି ସେଇ ଦଳର ଇତିହାସ ସମ୍ପୂର୍ଣ୍ଣ ଦେଶଦ୍ରୋହ ଉପରେ ଆଧାରିତ । ମଦନ ମୋହନ ମାଳବ୍ୟ ୧୯୧୫ ମସିହାରେ କଂଗ୍ରେସଠାରୁ ଅଲଗା ହୋଇ ହିନ୍ଦୁ ମହାସଭା ଗଠନ କରିଥିଲେ । ୧୯୩୦ ମସିହାରେ ବିନାୟକ ଦାମୋଦର ସାବରକର ନେତୃତ୍ୱରେ ଏହା ଏକ ହିନ୍ଦୁ ଜାତୀୟତାବାଦୀ ଦଳରୂପେ ସାରା ଦେଶରେ ପରିଚିତ ହେଲା । ସାବରକର ଓ ହିନ୍ଦୁ ମହାସଭା ଧର୍ମ ନିରପେକ୍ଷତାକୁ କଠୋର ବିରୋଧ କରୁଥିଲା । ଏପରିକି ମୁସଲିମ ଲିଗ ସହିତ ମିଳିତ ଭାବରେ ପ୍ରୋଭିନସିଆଲ ଓ ସେଣ୍ଟ୍ରାଲ ଲେଜିସଲେଟିଭ କାଉନସିଲରେ ଅଂଶ ଗ୍ରହଣ କରିଥିଲେ । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଜାତୀୟ କଂଗ୍ରେସର ପ୍ରାଦେଶିକ ରାଜ୍ୟ ମାନଙ୍କର ମିଶ୍ରଣକୁ ସାବରକର ଘୋର ବିରୋଧ କରିଥିଲେ । ଭାରତ ବିଭାଜନକୁ ନେଇ ଯେଉଁ ତଥ୍ୟ ଉପସ୍ଥାପନ କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ଓ ବିଭ୍ରାନ୍ତକାରୀ । ବିଭାଜନ ପାଇଁ ଅଲ ଇଣ୍ଡିଆ ମୁସଲିମ ଲିଗ, ହିନ୍ଦୁ ମହାସଭା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଆରଏସଏସ ଏବଂ ଜନସଙ୍ଘଙ୍କର ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁଁ ଦେଶ ଦୁଇ ଫାଳ ହୋଇଗଲା । ଯେଉଁ ସାବରକର ବ୍ରିଟିଶଙ୍କୁ କ୍ଷମା ପ୍ରାର୍ଥନା କରି ତାଙ୍କଠାରୁ ପେନସନ ଗ୍ରହଣ କରୁଥିଲେ, ସିଏ ଆଜି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହୋଇଗଲେ ଏବଂ ପ୍ରିୟର ବାପୁ ବିଭାଜନକାରୀ ହୋଇଗଲେ । ହ୍ୱାଟ୍ସଆପ ବିଶ୍ୱବିଦ୍ୟାଳୟରୁ ଜ୍ଞାନ ଆହରଣ କରି ସେମାନେ ଦେଶର ସ୍ୱାଧୀନତା ସଂଗ୍ରାମ ବିଷୟରେ ଅତ୍ୟନ୍ତ କୁତ୍ସିତ ଅପପ୍ରଚାର କରୁଛନ୍ତି । ନୀଚତାର ଏତେ ଦୂର ସୀମା ଲଙ୍ଘନ କରି ସାରିଲେଣି ଯେ, ଜାତିର ପିତାଙ୍କୁ ମଧ୍ୟ ଛାଡୁନାହାନ୍ତି । ମହାତ୍ମା ଗାନ୍ଧୀଙ୍କ ବିରୋଧରେ କୌଣସି ପ୍ରକାର ଅପପ୍ରଚାରକୁ କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ମୁଖପାତ୍ର ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି । ମିଡ଼ିଆ ସେଲ ଅଧକ୍ଷ ଅରବିନ୍ଦ ଦାସ ଯୋଜନାବଦ୍ଧ ଭାବେ ମୋଦି ଦେଶରେ ଗାନ୍ଧୀ ବିରୋଧୀ ଭାବନାକୁ ପ୍ରଚାର କରାଇ ଚାଲିଛନ୍ତି ବୋଲି ଅଭିଯୋଗ କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, ଡ଼ ଦେବାଶିଷ ଭୂୟାଁ, ନଳିନୀକାନ୍ତ ମହାନ୍ତି ଉପସ୍ଥିତ ଥିଲେ।

## ଷ୍ଟେଜ୍ ଡ୍ୟାନ୍ସରଙ୍କ ସନ୍ଦେହଜନକ ମୃତ୍ୟୁ
## ଭଡ଼ା ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, (ସବ୍ୟୁ) : ଷ୍ଟେଜ୍ ଡ୍ୟାନ୍ସରଙ୍କ ସନ୍ଦେହଜନକ ମୃତ୍ୟୁ, ଭଡ଼ା ଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର । ଏହିପରି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ଭିଆରପି କୋଲନୀ ସାହିରେ । ମୃତକ ଜଣକ ହେଲେ ବଡସାହି ଥାନା ଅସ୍ତଝରଣ ଗ୍ରାମର କୁନୁ ବାରିକଙ୍କ ଝିଅ ଲକ୍ଷ୍ମୀ ବାରିକ । ଘଟଣାରୁ ପ୍ରକାଶ ଯେ, ବଡସାହି ଅଞ୍ଚଳର ଷ୍ଟେଜ୍ ଡ୍ୟାନ୍ସର ଲକ୍ଷ୍ମୀ ବାରିପଦା ତକତପୁର ଅଞ୍ଚଳରେ ରହି ପାଠପଢିବା ସହିତ ନୃତ୍ୟ ଅଭିନୟ କରୁଥିଲେ । ହେଲେ ରବିବାର ଦିନ ସେ ରହୁଥିବା ଭଡା ଘରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ପଡୋଶୀ ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଖବର ଦେଇଥିଲେ ।

ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲକ୍ଷ୍ମୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରିବାବେଳେ ଦେଖିବାକୁ ପାଇଥିଲେ କି ତାଙ୍କ ଗୋଡ ମାଟିରେ ଲାଗିରହିଥିଲା । ଅନ୍ୟପଟେ ଲକ୍ଷ୍ମୀଙ୍କ ଇନ୍‌ଷ୍ଟାଗ୍ରାମ ଡିପିରେ ତାଙ୍କ ପୁରୁଷ ବନ୍ଧୁର ଫୋଟ ରହିଥିବାବେଳେ ଘଟଣାରେ ସଂପୃକ୍ତି ଥିବା ସନ୍ଦେହ କରୁଛି ପୋଲିସ । ତେଣୁ ଲକ୍ଷ୍ମୀଙ୍କ ମୃତ୍ୟୁକୁ ନେଇ ଏବେ ସନ୍ଦେହରେ ପୋଲିସ । ଘଟଣାସ୍ଥଳରେ ଭଞ୍ଜପୁର ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ଦେଶୀ ମଦ କାରବାର
# ପୁଣି ଗିରଫ ହେଲେ ହିନ୍ଦୀ ଶିକ୍ଷକ

ବ୍ରହ୍ମପୁର, (ସବ୍ୟୁ): ଦେଶୀ ମଦ କାରବାର କରି ପୁଣି ଗିରଫ ହୋଇଛନ୍ତି କୁକୁଡାଖଣ୍ଡି ବ୍ଲକ ବଳରାମପଲ୍ଲୀର ହିନ୍ଦୀ ଶିକ୍ଷକ ସୁବାଷଚନ୍ଦ୍ର ସାହୁ । ବେଆଇନ ଭାବେ ୧୦୦ ଲିଟର ଦେଶୀ ମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗର ବ୍ରହ୍ମପୁର-୨ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି । ପୂର୍ବରୁ ମଧ୍ୟ ସେ ବେଆଇନ ଦେଶୀ ମଦ କାରବାର କରି ଧରା ପଡିଥିଲେ । ସୁବାଷଚନ୍ଦ୍ର ବର୍ତ୍ତମାନ ବଉଳଝୋଳି ପଞ୍ଚାୟତ ସାତପହଣ୍ଡିଆ ସ୍ଥିତ ଶ୍ରୀ ରାଧାକୃଷ୍ଣ ବିଦ୍ୟାପୀଠରେ ବର୍ତ୍ତମାନ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି । ତେବେ ବହୁ ବର୍ଷ ଧରି ଦେଶୀ ମଦ କାରବାରରେ ସଂପୃକ୍ତ ରହି ଏକାଧିକ ଥର ଜେଲ ଯାଇଥିବା ସୁବାଷଚନ୍ଦ୍ରଙ୍କ ବିରୋଧରେ ଶିକ୍ଷା ବିଭାଗ ପକ୍ଷରୁ କାହିଁକି ପଦକ୍ଷେପ ନିଆଯାଉ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ଫାଷ୍ଟଗେଟ ଠାରୁ ବାଇଗଣବାଡି ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ କାରବାର ହେଉଥିବା ଖବର ମିଳିବା ପରେ ଅବକାରୀ ବିଭାଗର ବ୍ରହ୍ମପୁର-୨ର ସବ ଇନ୍ସପେକ୍ଟର ସଂଗୀତା ମହାପାତ୍ର ସମେତ ଏଏସଆଇ ସନ୍ତୋଷ କୁମାର ପାଢୀ, ଅଜୟ କୁମାର ସାହୁ ଓ ଅନ୍ୟ କର୍ମଚାରୀ ବାଇଗଣବାଡି ରାସ୍ତାରେ ଯାଞ୍ଚ ଆରମ୍ଭ କରିଥିଲେ ।

ଏହି ସମୟରେ ପ୍ରଧାନ ଶିକ୍ଷକ ସୁବାଷଚନ୍ଦ୍ର ଏକ ବାଇକରେ ୧୦୦ ଲିଟର ଦେଶୀ ମଦ ଧରି ଯାଉଥିବା ବେଳେ ଅବକାରୀ ବିଭାଗ ଟିମ ତାଙ୍କୁ କାବୁ କରି ନେଇଥିଲେ । ଏହାପରେ ତାଙ୍କ ନିକଟରୁ ୧୦୦ ଲିଟର ଦେଶୀ ମଦ ସହ ବାଇକକୁ ଜବତ କରାଯାଇଥିଲା । ପ୍ରକାଶଥାଉକି, ଗତବର୍ଷ ବେଆଇନ ମଦ କାରଖାନା ଖୋଲିଥିବା ସୁବାଷଚନ୍ଦ୍ରଙ୍କୁ ଅବକାରୀ ବିଭାଗ ପକ୍ଷରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା । ସେହି ସମୟରେ ତାଙ୍କ ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଓ କଞ୍ଚାମାଲ ଜବତ ହୋଇଥିଲା । ତେବେ ସେହି ସମୟରେ ଗିରଫ ହୋଇ ଜେଲ ଯିବା ପରେ ସେ ଜାମିନରେ ଆସି ପୁଣିଥରେ ମଦ କାରବାରରେ ସଂପୃକ୍ତ ହୋଇଥିବା ଜଣାପଡିଛି ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ



କଟକ, (ସ୍ୱପ୍ର) : ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଦେଶର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ କରି ସୁରକ୍ଷା କର୍ମୀଙ୍କ ପକ୍ଷରୁ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ମୁକ୍ତି ସଂଗ୍ରାମରେ ଜୀବନ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରି ଏକ ବିକଶିତ ଭାରତ ନିର୍ମାଣ ଏବଂ ଡ୍ରିମ୍‌ସକୁ ଦେଶର ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ଦିଗରେ ସଂକଳ୍ପବଦ୍ଧ ପ୍ରୟାସ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ମୁଖପତ୍ର ଡ୍ରିମ୍‌ସ ଡାଇଜେଷ୍ଟ ଓ ମ୍ୟାନେଜମେଣ୍ଟ ଉଇଙ୍ଗର ମୁଖପତ୍ର ଡ୍ରିମ୍‌ସ ବିଜିନେସ୍ ରିଭ୍ୟୁ ଏବଂ ଦି ସେଡ୍‌ସ ଅଫ ଏନ୍‌ଭାର୍ଣ୍ଣମେଣ୍ଟ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏଥିସହିତ ଆଜାଦୀ କା ରଙ୍ଗ ମଞ୍ଚକ୍ରମରେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଅନ୍ୱେଷଣ ବିବିଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପୁରସ୍କୃତ କରାଯିବା ସହିତ ଉଲ୍ଲେଖନୀୟ କାର୍ଯ୍ୟ ନିର୍ବାହ ପାଇଁ ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ଓ ପଦ୍ମିନୀ କେୟାରର କର୍ମଚାରୀ ଶୁଭେନ୍ଦୁ ସିଂଙ୍କୁ ସମ୍ମାନିତ କରାଯାଇଥିଲା ।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଆଲୋକ ରଂଜନ ବିଶ୍ୱାଳ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ବିଶ୍ୱରଂଜନ ମହାନ୍ତି, ଡ. ନୟନ ରଂଜନ ସାମଲଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଙ୍କ ସଂଯୋଜନାରେ ଡ୍ରିମ୍‌ସ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଜାତୀୟ ସଂଗୀତ ଗାନ କରିଥିଲେ । ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ମୟୂରଭଞ୍ଜର ୩ଟି ଏନ୍‌ଏସି ଘୋଷଣା
# ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ବିଜେପି

ବାରିପଦା, (ସବ୍ୟୁ) : ଦୀର୍ଘ ଦିନ ଧରି ରାଜ୍ୟରେ ନୂଆ ଏନ୍‌ଏସି ଗଠନ ନେଇ ହୋଇ ଆସୁଥିବାବେଳେ ପ୍ରସ୍ତାବିତ ୨୧ଟି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨ଟି ନୂଆ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଅଗଷ୍ଟ ୧୫ତାରିଖ ଦିନ ଘୋଷଣା କରିବା ପରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ୩ଟି ବାଙ୍ଗିରିପୋଷି ବିଧାନସଭାରୁ ବାଙ୍ଗିରିପୋଷ, ମୋରଡା ବିଧାନସଭାରୁ ଚିତ୍ରଡା ଏବଂ ବଡସାହି ବିଧାନସଭାରୁ ବେତନଟୀକୁ ବିଜ୍ଞପ୍ତି ଅଞ୍ଚଳ ପରିଷଦ ଘୋଷଣା କରିଥିବାରୁ ବିଜେପି ଓ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଜଣାଯାଇଛି ।

# ୨୦ରେ ମୟୂର କଳାଭୂମୀ ପକ୍ଷରୁ ବାରିପଦାରେ ଖୋଲିବ ନୃତ୍ୟକେନ୍ଦ୍ର

ବାରିପଦା, (ସବ୍ୟୁ) : ମୟୂର କଳାଭୂମୀ ଅନୁଷ୍ଠାନ ପକ୍ଷରୁ ବାରିପଦା ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ ୧୫ ଠାରେ ଏକ ନୂତନ ନୃତ୍ୟକେନ୍ଦ୍ର ଖୋଲିବ । ଏହି ନୃତ୍ୟ କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିୟଗ୍ରାଫର ଏସ.କେ. ସାହିଲ ଯୋଗଦେଇ ପିଲାମାନଙ୍କୁ ନୃତ୍ୟ ପ୍ରଶିକ୍ଷଣ ଦେବେ । ଏହି କେନ୍ଦ୍ରରେ ଆଗ୍ରହୀ ଅନାଥ ପିଲା ମାନଙ୍କୁ ମାଗଣାରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ତରଫରୁ ନିର୍ଦ୍ଦେଶକ ଦିଲ୍ଲୀପ ପାତ୍ର କହିଛନ୍ତି । ବାରିପଦା ତଥା ମୟୂରଭଞ୍ଜ ଜିଲ୍ଲାର କୁନି କୁନି କଳାକାର ମାନଙ୍କୁ କିଭଳି ପ୍ରଶିକ୍ଷିତ କରାଯାଇ ଜାତୀୟ ତଥା ଅନ୍ତର୍ଜାତୀୟ ନୃତ୍ୟ ପତିଯୋଗିତା ପାଇଁ ପ୍ରସ୍ତୁତ କରାଯିବ ତାହା ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାବେଳେ, ପ୍ରତି ସପ୍ତାହର ମଙ୍ଗଳବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସଂଧ୍ୟା ୬ଟାରୁ ୯ଘଟିକା ପର୍ଯ୍ୟନ୍ତ ଏହି କେନ୍ଦ୍ରରେ ନୃତ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଜଣାଯାଇଛି ।

# ରେଞ୍ଜରଙ୍କ ଟଙ୍କା ନେବା ଭିଡିଓ ଭାଇରାଲ, ବିଭାଗୀୟ ତଦନ୍ତ ଆରମ୍ଭ



ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ରେଞ୍ଜର ପ୍ରଦୀପ କୁମାର ମିଶ୍ର ଜଣେ କାଠ ମାଫିଆଙ୍କ ଠାରୁ ୫ ହଜାର ଟଙ୍କା ନେଉଥିବା ଭିଡିଓ ଭାଇରଲକୁ ନେଇ ଚର୍ଚ୍ଚା ଜୋର ଧରିଛି । ବୁଗୁଡ଼ା ବନବିଭାଗ କାର୍ଯ୍ୟାଳୟରେ ଜଣେ କାଠ ମାଫିଆ ନିଜ ଗାଡି ଛାଡିବା ପାଇଁ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କୁ ପାଞ୍ଚ ହଜାର ଟଙ୍କା ଦେଉଥିବା ଭିଡ଼ିଓରେ ଦେଖିବାକୁ ମିଳିଛି । ତେବେ କାଠ ମାଫିଆ କିଏ, ସେ କେବେ ଟଙ୍କା ଦେଉଥିଲେ ଓ କାହିଁକି ଦେଉଥିଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି ।

ତେବେ ଭାଇରାଲ ହେଉଥିବା ଭିଡ଼ିଓ ସମ୍ପର୍କରେ ରେଞ୍ଜର ପ୍ରଦୀପ କୁମାର ମିଶ୍ରଙ୍କୁ ପଚରା ଯିବାରେ ଏହା ଦେଢ଼ , ଦୁଇ ବର୍ଷ ତଳର ଭିଡିଓ ହୋଇଥିବ ବୋଲି କହିବା ସହ କମ୍ପାଉଣ୍ଡ ଫି ନେଇ ଗଣିଲା ବେଳେ କେହି ସେ ସମୟରେ ଭିଡିଓ କରି ଏବେ ତାଙ୍କ ସ୍ୱାର୍ଥରେ ବାଧା ଆସିବାରୁ ଭାଇରାଲ କରିଥାଇ ପାରେ ବୋଲି କହିଛନ୍ତି । ଏନେଇ ଦକ୍ଷିଣ ବନଖଣ୍ଡ ଏସିଏଫ ପ୍ରଦୀପ ବେହେରା କହିଛନ୍ତି ଯେ ଭିଡ଼ିଓ ଭାଇଲର ପରେ ତଦନ୍ତ ଆରମ୍ଭ କରାଯାଇଛି । ଭିଡିଓଟି ପୁରୁଣା ହୋଇଥିବାରୁ ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କଲା ପରେ ପ୍ରକୃତ ତଥ୍ୟ ଜଣା ପଡିବ ଏବଂ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# କାର୍‌ରୁ ୮୦ କେଜି ଗଞ୍ଜେଇ ଜବତ : ୨ ଗିରଫ

ଭଞ୍ଜନଗର, (ସବ୍ୟୁ): କନ୍ଧମାଳ ଜିଲ୍ଲାରୁ ଅନ୍ୟ ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଭଞ୍ଜନଗର ଅବକାରୀ ବିଭାଗ ଖବର ପାଇ ଶନିବାର ଅପରାହ୍ନରେ ଚଢଉ କରି ୮୦କେଜିରୁ ଉର୍ଦ୍ଧ ଗଞ୍ଜେଇ ଜବତ କରି ଏକ କାର ସହ ଦୁଇ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଏସଆଇ ଅଲ୍ଲିଭା ମାଝି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ କନ୍ଧମାଳ ଜିଲ୍ଲା ସାରଙ୍ଗଗଡ ଥାନା ଇଲାକାର ବିରେନ୍ କୁମାର ତ୍ରିପାଠୀ ଓ ଜୁନାସ ନାଇକ ।

ଖବର ନେବାରେ ଶନିବାର ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ଭଞ୍ଜନଗର ଫୁଲବାଣୀ ରାସ୍ତାର ନିଧିଆପଲ୍ଲୀ ଛକରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ କାର୍ ସେହି ରାସ୍ତା ଦେଇ ଦ୍ରୁତ ଗତିରେ ଯାଉଥିଲା। ଅବକାରୀ ଟିମ୍‌ର ସନ୍ଦେହ ହେବାରୁ ପେଟ୍ରୋଲିଂ ଟିମ୍ ଗାଡିଟିକୁ ପିଛା କରିଥିଲେ । ସହର ଉପକଣ୍ଠ ଶ୍ରୀରାମ ନଗର ନିକଟରେ ଅବକାରୀ ଟିମ୍‌ର ଗାଡିକୁ ଗଞ୍ଜେଇ ଭର୍ତ୍ତି ଥିବା କାରଟି ଧକ୍କା ଦେଇଥିଲା। ପରେ ଅବକାରୀ ଟିମ୍ ଗାଡିକୁ କାବୁ କରିବା ସହ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ସେଥିରୁ ଗଞ୍ଜେଇ ଭର୍ତ୍ତି ବହୁ ପ୍ୟାକେଟ ମିଳିଥିଲା । ଜବତ ଗଞ୍ଜେଇକୁ ମାଜିଷ୍ଟ୍ରେଟ ତଥା ଭାରପ୍ରାପ୍ତ ତହସିଲଦାର ଅବିନାଶ କୁମାର ମାହାରଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା । ଜବତ ହୋଇଥିବା ଗଞ୍ଜେଇ ୮୦ କେଜିରୁ ଉର୍ଦ୍ଧ ହୋଇଥିବା ବେଳେ ତାହା ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଯାଞ୍ଚ ସମୟରେ ଅବକାରୀ ନିରିକ୍ଷୀକ ଡମ୍ବରୁଧର ହରିଜନ, ଥାନା ଅଧିକାରୀ ଅଲିଭା ମାଝୀ, ଏସଆଇ ବହୁମୁଲ୍ୟ ପରିଛାଙ୍କ ସମେତ ଅବକାରୀ କର୍ମଚାରୀ ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ଶୁବଳ ପ୍ରଧାନ, କୃଷ୍ଣ ସେଠୀ, ଦିପ୍ତିରଞ୍ଜନ ସାହୁ ସାମିଲ ଥିଲେ। ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଏକ ବୋଲେରୋକୁ ପିଛା କରୁଥିବା ବେଳେ ଗଞ୍ଜେଇ ବୋଝେଇ କାରଟି ଅବକାରୀ ବୋଲେରୋକୁ ଧକ୍କା ଦେବାରୁ ଅଳ୍ପକେ ଦୁଘର୍ଟଣାରୁ ବର୍ତ୍ତି ଯାଇଥିଲେ ମଧ୍ୟ ଗଞ୍ଜେଇ ବୋଝେଇ କାରଟିକୁ ଧରିବାରେ ସଫଳ ହୋଇଛି ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ।



# ପ୍ରତିଶ୍ରୁତି ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ



ବାରିପଦା, (ସବ୍ୟୁ) : ସ୍ୱାଧୀନତାର ୭୯ତମ ବର୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍‌ଭାବନା ସଭାଗୃହ) ଠାରେ ମୟୂରଭଞ୍ଜ ଏକ ସାରସ୍ୱତ ସମାରୋହ ଓ ବହୁଭାଷୀ କବି ସମ୍ମିଳନୀ ତଥା ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡାଃ ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତା, ଡଃ ଦୟାସିନ୍ଧୁ ପରିଡାଙ୍କ ରଚିତ ଜଗନ୍ନାଥ ତତ୍ତ୍ୱ ସମ୍ବଳିତ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହ ଭଞ୍ଜକବି ମଧୁସୂଦନଙ୍କ ରଚିତ ରେ ଆତ୍ମନ୍ ନିଦ୍ରାପରିହରି ଅତିସୁଲଳିତ କଣ୍ଠରେ ଗାନକରି ଶ୍ରୋତାମାନଙ୍କୁ ବିଭୋର କରିଦେଇଥିଲେ । ପରେ ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତା ହେଉଛି କବି ଜୀବନର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି । ସାହିତ୍ୟ ବିଷାଦ ପ୍ରାଣରେ ଆନନ୍ଦ ଭରିଦିଏ, ବିରହ ପ୍ରାଣରେ ଭରିଦିଏ ଆଶ୍ୱାସନା ଏବଂ ସମାଜର ବହୁ ବ୍ୟକ୍ତିଙ୍କୁ ଏକାଠି କରିବା ପାଇଁ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ ।

ମୁଖ୍ୟଅତିଥି ଉପ-ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା କବିତା ମାଧ୍ୟମରେ ତାଙ୍କର ଅଭିଭାଷଣ ପ୍ରଦାନ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି ଅବସରରେ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛଦେଇ ଭଞ୍ଜଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ପରେ କବୟିତ୍ରୀ ସୁଧାମୟୀ ଦାସ ଓ ସୁଶ୍ରୀ ଭାରତୀ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସର୍ବଶ୍ରୀ ବନମାଳୀ ପାତ୍ର, ଅଧ୍ୟାପକ ଦୋଳଗୋବିନ୍ଦ ମହାନ୍ତ, ହିମାଂଶୁ ଶେଖର ଦାସ, ପ୍ରତିମା ବାରିକ, ଶରତ ଚନ୍ଦ୍ର ନାୟକ, ପଦ୍ମନାଭ ସାହୁ, ଦୀପକ କୁମାର ନାୟକ, ବାସୁଦେବ ନାପିତ୍, ଡ.ମନ୍ଦାକିନୀ ସାହୁ, ଯତୀନ୍ଦ୍ରନାଥ ସାହୁ, ପ୍ରିୟନାଥ ପାଣି, ଅଧ୍ୟାପକ ରାଜେନ୍ଦ୍ର ସାମଲ, ପ୍ରଦୀପ ମହାନ୍ତି, ବିଶ୍ୱମିତ୍ରା ଦାସ, କାବେରୀ ମିଶ୍ର, ଆଶିଷ ବସା, ଦେବଜାନୀ ବେହେରା, ମୀନତି ସିଂହ, ଭଗବତୀ ଦାଶ, ଲଳିତ କୁମାର ସିଂବାବୁ, ମିନତୀ ଦାଶ, ମୀନକେତନ ମହାନ୍ତି, ସତୀଶ ଚନ୍ଦ୍ର ବେହେରା, ମମତାମୟୀ ଭୋଇ, ବାସନ୍ତୀଲତା ମହାପାତ୍ର, ରାଜଲକ୍ଷ୍ମୀ ଦାସ, ବୀଣାପାଣି ପଣ୍ଡା, ପ୍ରଦୀପ କୁମାର ନାୟକ, ଗୋପାଳ ଚନ୍ଦ୍ର ସାଓ, ଅଜମ୍ବର ପୃଷ୍ଟି, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ନରିସଂହ ବାରିକ ପ୍ରମୁଖ ୭୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ସଭାପତି ଡାଃ ଜେନା ପଠିତ ସମସ୍ତ କବିତା ଗୁଡିକ ସମିକ୍ଷା କରି ଆଧ୍ୟାତ୍ମିକ ଚେତନା ସମ୍ବଳିତ ଲେଖା ବାସ୍ତବିକ୍ ମଣିଷକୁ ମୁକ୍ତିର ମାର୍ଗ ପ୍ରଦାନ କରି ପାରିବ ବୋଲି କହିଥିଲେ । ପରିଶେଷରେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ସ୍ଥାନରେ ଛାତ୍ରୀ, ମହିଳାଙ୍କୁ ଦୁଷ୍କର୍ମ ଓ ଅସଦାଚରଣ
# ସୁରକ୍ଷା ଦାବିରେ ଏଆଇଡିଏସଓର କନଭେନସନ

ବ୍ରହ୍ମପୁର, (ସବ୍ୟୁ): ଆଜି ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀ, ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ନିର୍ଯାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ଏକ ଛାତ୍ର କନଭେନସନ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ବ୍ରହ୍ମପୁର ସ୍ଥିତ ଉତ୍କଳ ଆଶ୍ରମ ଠାରେ ଅନୁଷ୍ଠିତ ହୋଇଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ରୀ ସୌମ୍ୟାଶ୍ରୀର ଆତ୍ମଦାହ ପରେ ମୃତ୍ୟୁ, ବଳଙ୍ଗା ଛାତ୍ରୀ ପୋଡ଼ି, ପଟ୍ଟାମୁଣ୍ଡାଇରେ ଛାତ୍ରୀ ଆତ୍ମଦାହ ଆଦି ଘଟଣା ସହିତ ଗୋପାଳପୁର ବେଳାଭୂମି ଛାତ୍ରୀ ଗଣଦୁଷ୍କର୍ମ ଠାରୁ ଆରମ୍ଭ କରି ବ୍ରହ୍ମପୁରର ୧୭ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା, ଗୋଳନ୍ଥରାରେ ମାତ୍ର ୧୨ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କୁ ବିଚଳିତ କରିଛି । ଅତୀତରେ ମଧ୍ୟ ଏଭଳି ଅନେକ ଘଟଣା ଘଟିଯାଇଛି । ଯେଉଁଠି ଯେଉଁଠି ଏଭଳି ଅମାନବୀୟ ଘଟଣା ଘଟୁଛି ସରକାର ଦୋଷୀକୁ ଚିହ୍ନଟ କରି କଠୋର ଦଣ୍ଡ ଦେବା ପରିବର୍ତ୍ତେ ଚଞ୍ଚକତା କରି ତଦନ୍ତର ପ୍ରକ୍ରିୟାକୁ ଦୀର୍ଘାୟିତ କରି ପୀଡ଼ିତାର ପରିବାରକୁ କିଛି ଆର୍ଥିକ ଅନୁକମ୍ପା ଦେଇ ଦୋଷୀମାନଙ୍କୁ ଘଣ୍ଟ ଘୋଡ଼େଇବାରେ ଲାଗିଛନ୍ତି । ଏହି କାର୍ଯ୍ୟକ୍ରମରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନ ଭିତରେ ଓ ବାହାରେ ଛାତ୍ରୀ, ମହିଳାମାନଙ୍କ ଉପରେ ହେଉଥିବା କ୍ରମବର୍ଦ୍ଧିଷ୍ଣୁ ନିର୍ଯାତନା, ଦୁଷ୍କର୍ମ ଓ ଅସଦାଚରଣ ବିରୁଦ୍ଧରେ ସଚେତନ, ସଂଗଠିତ, ଶୃଙ୍ଖଳିତ, ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଅନ୍ୟତମବକ୍ତା ଭାବେ କିପରି ମହାମନୀଷୀଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଛାତ୍ରଛାତ୍ରୀମାନେ ନିଜ ଜୀବନକୁ ଗଢିତୋଳି ପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । କନଭେନସନର ସଭାପତିତ୍ୱ କରିଥିଲେ ଏଆଇଡିଏସଓ ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ । ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଥିଲେ ସଂଗଠନର ଜିଲ୍ଲା ସମ୍ପାଦକ ନାରାୟଣ ସାହୁ । କନଭେନସନର ଭିତ୍ତିପତ୍ର ପାଠ କରିଥିଲେ ସଙ୍ଗଠନର କୋଷାଧକ୍ଷ କିସାନ କୁମାର ସାହୁ । ଭିତ୍ତିପତ୍ର ସମର୍ଥନରେ ଜିଲ୍ଲା ଉପସଭାପତି ପପୁନ ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀଙ୍କ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶଶିଭୂଷଣ ରଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ଆଦିରୁ ଆସିଥିବା ଛାତ୍ରଛାତ୍ରୀଗଣ ବକ୍ତବ୍ୟ ରଖିଥିଲେ। ଏହି କନଭେନସନରେ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ଚିତ୍ର ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

# ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଶ୍ରାଦ୍ଧ ଦିବସ ପାଳିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଫୁଲଝରଣ ସ୍ଥିତ ଡ଼ା. ଆଇଜାକ ସାନ୍ତ୍ରା ବାଳନିକେତନ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ୩୦ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏଥିସହ ପରିସରରେ ଥିବା ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପାର୍ବତୀ ଗିରି ମିଳିତ ଜୟନ୍ତି କମିଟି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମାତ୍ର ୧୩ ବର୍ଷ ବୟସରୁ ଦେଶର ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଝାସ ଦେଇ ସଂଗ୍ରାମ କରିଥିବା ଓ ଜୀବନ ବ୍ୟାପି ଲୋକଙ୍କ ସେବା କରିଥିବା ଏହି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କୁ ମିଳିତ ଭାବେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ନୂତନ ନିର୍ମିତ କୋଠା ମହୁଲପାଲି ଠାରେ ଉଦଘାଟନ କରାଯାଇଥିବା ସହ ଏକ ରକ୍ତଦାନ ଶିବିର ମଧ ଆୟୋଜନ କରାଯାଇଥିଲା । ଏଥିସହ ବିଶିଷ୍ଟ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ପାର୍ବତୀ ପ୍ରଭା ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଆଶା ବିଦି କିଶୋରୀ ତ୍ରିପାଠୀଙ୍କୁ ପାର୍ବତୀ ଗିରି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିରେ ସମ୍ପାଦକ କୃଳଧର ପ୍ରଧାନଙ୍କ ସମେତ ଯୁଯୋମୁରା ବ୍ଲକର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ନିଶାର୍ଦ୍ଧପରେ ଲାଗିବ ମାଁ ସମଲେଇଙ୍କ ପୀଠରେ ନବାନ୍ନ



ବରଗଡ଼,(ସବ୍ୟୁ): ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ବରଗଡ଼ର ଗ୍ରାମ୍ୟଦେବୀ ମା ସମଲେଶ୍ୱରୀଙ୍କ ପୀଠରେ ଲଗ୍ନ ନିର୍ଦ୍ଧାରିତ ହୋଇଛି । ରବିବାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ପଣ୍ଡିତ ବୃନ୍ଦାମଣି ରଥ, ପଣ୍ଡିତ ବିଘ୍ନରାଜ ଦାଶ , ପଣ୍ଡିତ ସୁଧାଂଶୁ ଚରଣ ଦାଶ, ପଣ୍ଡିତ ବିଷ୍ଣୁଦୟାଲ ଦାଶ, ପଣ୍ଡିତ ଆୟୁଷ୍ମାନ ଷଡ଼ଙ୍ଗୀ, ମନ୍ଦିରର ପୂଜକ କ୍ଷୀରୋଦ୍ର ଖାଙ୍କର ପ୍ରମୁଖ ଲଗ୍ନ ନିର୍ଦ୍ଧାରଣ କରିଥିଲେ । ଆଗାମୀ ଅଗଷ୍ଟ ୨୭ ତାରିଖ ବୁଧବାର ନିଶାର୍ଦ୍ଧ ପରେ ୨୮ ତାରିଖ ଗୁରୁବାର ପାହାନ୍ତିଆ ହେବା ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ଠାରେ ନବାନ ଭୋଗର ସମସ୍ତ କାର୍ଯ୍ୟ ସଂପାଦନ କରାଯିବ । ବରଗଡ଼ ସମଲେଶ୍ୱରୀ ମନ୍ଦିରର ଏକ ନିଆରା ପରମ୍ପରା ରହିଛି। ମାଁଙ୍କ ଠାରେ କେତେବେଳେ ନବାନ ଭୋଗ ଲାଗି କରାଯାଏ ତାହା ଲୋକଲୋଚନକୁ ଅଣାଯାଏ ନାହିଁ । ସେଥିପାଇଁ ନିଶାର୍ଦ୍ଧରେ ମାଁଙ୍କ ଠାରେ ନବାନ ଭୋଗ ଲାଗି କରାଯାଏ । ସେହିପରି ଅଗଷ୍ଟ ୨୮ ତାରିଖ ଗୁରୁବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ସିଂହ ୧୨ ଦିନ ବିଶୁଦ୍ଧ ତୁଳ ଲଗ୍ନେ ତୁଳ ଚନ୍ଦ୍ରେ ସ୍ୱାତୀ ନକ୍ଷତ୍ରେ ଶୁକ୍ଳ ଯୋଗେ ମୀନ ନବାଂଶେ ପୂର୍ବାହ୍ନ ୧୦ ଘ ୨୩ ମିନିଟରୁ ୧୦ଘ ୩୭ ମିନିଟ ମଧ୍ୟେ ସର୍ବସାଧାରଣ ନିଜ ଇଷ୍ଟଦେବାଦେବୀଙ୍କ ଠାରେ ନବାନ ଭୋଗ ଲାଗି କରି ନବାନ ଭକ୍ଷଣ କରିବା ଶୁଭପ୍ରଦ ଅଟେ ବୋଲି ଲଗ୍ନ ସ୍ଥିରୀକୃତ ହୋଇଥିଲା । ଏ ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ହାଟପଡ଼ା ଦୁର୍ଗା ମନ୍ଦିର, ମାଁ ଶ୍ୟାମା କାଳୀ ମନ୍ଦିରର କର୍ମକର୍ତ୍ତା ତଥା ବରଗଡ଼ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସହରର ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ ।

# ଡିଆଇଇଟି ନୂତନ କୋଠା ନିର୍ମାଣର ଶିଳାନ୍ୟାସ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ପୌରାଞ୍ଚଳ ଅନ୍ତର୍ଗତ ପଞ୍ଚପଡା ସିଟି ସ୍କୁଲ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡିଆଇଇଟି ର ନୂତନ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି । କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାୟ ୩ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କୋଠାର ଶିଳାନ୍ୟାସ କରିଥିଲେ । ଏହି ଅବସରରେ ବିଧାୟକ ସ୍କୁଲର ଅନ୍ୟାନ୍ୟ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହାସହ ସମୟ କ୍ରମେ ସମସ୍ତ ଅସୁବିଧାକୁ ଦୂର କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁନାଲ ମୋତି ରାମ ଚୌହାନ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ ଡି ଓ ଜ୍ଞାନ ରଞ୍ଜନ ରାଉତ, ଆସିଷ୍ଟାଣ୍ଟ ଇଂଜିନିୟାର ନମିତା ପତ୍ର, ଡିଆଇଇଟିର ଅଧକ୍ଷା ମମତା ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର

ଦେବଗଡ଼,(ସବ୍ୟୁ): ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କୃଷି ଭିତ୍ତିକ ସର୍ବେକ୍ଷଣ ଦ୍ୱାରା କେଉଁ କୃଷକ କେତେ ପରିମାଣ ଚାଷ କରିଛନ୍ତି ତାହା ସଠିକ୍ ଜଣା ପଡିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପରିପ୍ରକାଶ କରିଥିଲେ । ଏହା ଦ୍ୱାରା ସରକାରୀ ଯୋଜନା ଗୁଡ଼ିକ ସଠିକ ରୂପାୟନ ହୋଇପାରିବ ବୋଲି କହିଛନ୍ତି । ଆସନ୍ତା ଅଗଷ୍ଟ ମାସ ୧୬ ତାରିଖରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଫସଲ ସର୍ବେକ୍ଷଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ , ପ୍ରକଳ୍ପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଦେବାଶିଷ ଜଗଦେବ , ଉଦ୍ୟାନ କୃଷି ବିଭାଗ ସହାୟକ ନିର୍ଦ୍ଦେଶକ ଅନ୍ତର୍ଯାମୀ ସାହୁ , ମତ୍ସ ଅଧିକାରୀ ଅଶୋକ ଇଣ୍ଡର, ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି , ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ସ୍ୱୟଂ ଶିଖା ପ୍ରିୟଦର୍ଶିନୀ, କୃଷି ଓ ଆନୁସାଙ୍ଗିକ ବିଭାଗ , ରାଜସ୍ୱ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମରିବାକୁ ଚାହୁଁନି ହେଲେ ବଞ୍ଚିବାକୁ ଦେଉନାହାନ୍ତି

ନୂଆପଡା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ପୋଲିସରେ କାର୍ଯ୍ୟରତ ରୁକ୍ମିଣୀ ନାଗ। ସେ କୋମନା ଥାନା ଭେଲା ଅଞ୍ଚଳର ଚୁଡାମଣି ଶବରଙ୍କୁ ପ୍ରେମ ବିବାହ କରିଥିଲେ। ହେଲେ ଏ ବିବାହରେ ରାଜି ନଥିଲେ ତାଙ୍କ ସ୍ୱାମୀଙ୍କ ପରିବାର ଲୋକେ। ପ୍ରଥମେ କୋର୍ଟ ମ୍ୟାରେଜ ପରେ ବୁଝାସୁଝା କରି ମନ୍ଦିରରେ ପଡିଥିଲା ହାତଗଣ୍ଠି ଚୁଡାମଣି ମଧ ଜିଲ୍ଲା ପୋଲିସ କନଷ୍ଟେବଲ ଭାବେ କାର୍ଯ୍ୟରତ। ଉଭୟ ରାଧାକୃଷ୍ଣପଡ଼ାରେ ରହୁଥିଲେ। ହସଖୁସିରେ ବିତୁଥିଲା ଉଭୟଙ୍କ ଜୀବନ। ହେଲେ ଦାମ୍ପତ୍ୟ ଜୀବନରେ ଏଣ୍ଟ୍ରି ମାରିଥିଲେ ଶାଶୁ ମାଳତୀ ଶବର। ଆରମ୍ଭ ହୋଇଥିଲା ଅକଥନୀୟ ଅତ୍ୟାଚାର । ମା'ର କଥାରେ ପଡି ପୁଅ ବି ପାଲଟିଗଲା ଶତ୍ରୁ। ହାତ ଧରି ବାହା ହୋଇଥିବା ସ୍ତ୍ରୀକୁ ଚାହିଁଲାନି। ଶେଷରେ ଆଉ ସହିପାରିଲେନି ମହିଳା କନଷ୍ଟେବଲ। ଝୁଲି ପଡିଲେ। ତେବେ ଆତ୍ମହତ୍ୟା କରିବା ପୂର୍ବରୁ କାନ୍ଦି କାନ୍ଦି ବଖାଣିଛନ୍ତି ନିଜ କୋହଭରା କାହାଣୀ। ୭ ମିନିଟ୍ ୨୦ ସେକେଣ୍ଡର ଏକ ଭିଡିଓ ଜାରି କରି ଶାଶୁ ଓ ସ୍ୱାମୀ ଦେଉଥିବା ନିର୍ଯାତନାର ଗୋଟି ଗୋଟି କଥା କହିଛନ୍ତି। ମରିବାକୁ ଇଚ୍ଛା ନାହିଁ ହେଲେ ସେମାନେ ବଞ୍ଚିବାକୁ ଦେଉନାହାନ୍ତି। ମୋ ମଝିଆ ନାନି ପୁଅ କଥା ବୁଝିବ। ଏସ୍ପି ସାର୍ ଆପଣ ନ୍ୟାୟ କରିବେ କହି ଝୁଲି ପଡିଛନ୍ତି ରୁକ୍ମଣୀ ।

# ରାଉରକେଲାରେ ପୋଷ୍ଟମର୍ଟମ ପାଇଁ ଲୋକେ ନାକେଦମ୍

ରାଉରକେଲା,(ସବ୍ୟୁ): ରାଉରକେଲା ସରକାରୀ ହସପିଟାଲରେ ଶବ ବ୍ୟବଚ୍ଛେଦ ପାଇଁ ମୃତକଙ୍କ ସମ୍ପର୍କୀୟ ହେଉଛନ୍ତି ହଇରାଣ । ଠିକ ସମୟରେ ଆମ୍ବୁଲାନସ୍ ମିଳୁନି ଆଉ ଯଦି ବି ମିଳୁଛି ତେବେ ମନ ଇଚ୍ଛା ଭଡ଼ା ନେଉଛନ୍ତି । ସରକାରୀ ଡାକ୍ତରଖାନାରୁ ପୋଷ୍ଟ ମର୍ଟମ ଗୃହର ଦୂରତା ପ୍ରାୟ ୩ କିଲୋମିଟର ଥିବାରୁ ହଇରାଣ ହେଉଛନ୍ତି ମୃତକଙ୍କ ସମ୍ପର୍କୀୟ । ଲୋକଙ୍କ ସୁବିଧା ଦୃଷ୍ଟିକୋଣରୁ ପାନପୋଷରୁ ସରକାରୀ ଡାକ୍ତରଖାନା ପରିସରରେ ନୂତନ ପୋଷ୍ଟ ମର୍ଟମ୍ ଗୃହ ନିର୍ମାଣ ପାଇଁ ଯୋଜନା ହୋଇଥିଲା । ସ୍ଥାନାନ୍ତର ପାଇଁ ଓଡିଶା ସରକାର ଓ ରାଉଲକେଲା ମହାନଗର ନିଗମ ତରଫରୁ ନିଷ୍ପତ୍ତି ନିଆଯାଇଥିଲା । ଘୋଷଣା ପରେ ନୂଆ ଶବ ବ୍ୟବଚ୍ଛେଦ ଗୃହର ନିର୍ମାଣ କାର୍ଯ୍ୟ ବି ଆରମ୍ଭ ହୋଇଥିଲା । ପ୍ରକଳ୍ପ ଏନଏସସିପିସିଏଲର ସିଏସଆର ପାଣ୍ଠି ବିନିଯୋଗରେ ନିର୍ମାଣ ହେଉଛି । ଜୁଲାଇ ମାସରେ ନୂଆ ପୋଷ୍ଟମର୍ଟମ ଗୃହ କାର୍ଯ୍ୟକ୍ଷମ ହେବା କଥା କିନ୍ତୁ ଏପର୍ଯ୍ୟନ୍ତ ଗୃହ କାମ ସରିନି । ଏନେଇ ଉପରକୁ ଚିଠି ଲେଖା ଯାଇଛି ଖୁବ ଶୀଘ୍ର ନୁଆ ପୋଷ୍ଟ ମର୍ଟମ୍ ଗୃହ ଚାଲୁ ହେବ ବୋଲି କହିଛନ୍ତି ମେଡିକାଲ୍ କର୍ତ୍ତୃପକ୍ଷ ।

# ନାବାଳିକା ଗର୍ଭବତୀ ଅଭିଯୁକ୍ତ ଯୁବକ ଅଟକ

ସୁନ୍ଦରଗଡ଼,(ସବ୍ୟୁ): ପୁଣି ଜଣେ ନାବାଳିକା ଗର୍ଭବତୀ । ଏନେଇ ସୁନ୍ଦରଗଡ଼ ଜିଲ୍ଲା ବଣାଇ ଥାନାରେ ଅଭିଯୋଗ ହୋଇଛି। ଦଶମ ଶ୍ରେଣୀର ଗର୍ଭବତୀ ଛାତ୍ରୀଙ୍କୁ ପୁଲିସ ପଚରାଉଚରା କରୁଥିବା ଜଣାଯାଇଛି। ଖାଲି ସେତିକି ନୁହେଁ, ଅଭିଯୁକ୍ତ ଯୁବକକୁ ମଧ୍ୟ ଅଟକ ରଖି ତଦନ୍ତ କରୁଛି ବଣାଇ ପୁଲିସ ।

# ମଦ ନଦେବାରୁ ପତ୍ନୀଙ୍କୁ ପିଟିପିଟି ହତ୍ୟା କଲା ସ୍ୱାମୀ

ମାଲକାନଗିରି,(ସବ୍ୟୁ): ମଦ ପିଇବାକୁ ନ ଦେବାରୁ ପତ୍ନୀଙ୍କୁ କୋଦାଳରେ ପିଟିପିଟି ହତ୍ୟା କଲା ସ୍ୱାମୀ । ଏତିକିରେ ସ୍ୱାମୀର ରାଗ ଶାନ୍ତ ହୋଇନ ଥିଲା । ନିଜ ପତ୍ନୀର ଗୁପ୍ତାଙ୍ଗରେ ବାଡ଼ି ପୁରେଇବାକୁ ପଛାଇ ନ ଥିଲା ମଦ୍ୟପ ସ୍ୱାମୀ। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏମଭି ୭୯ ଥାନା ଅନ୍ତର୍ଗତ ଗିନି ପାଲୀ ଗ୍ରାମରେ। ମୃତ ମହିଳା ଜଣଙ୍କ ହେଲେ ୩୮ ବର୍ଷୀୟା ପ୍ରଭାତୀ କୁଞ୍ଜି ବୋଲି ସୂଚନା ମିଳିଛି। ପୁଲିସ ହତ୍ୟାକାରୀ ସ୍ୱାମୀ ଭୀମା କୁଞ୍ଜିକୁ ଅଟକ ରଖି ତଦନ୍ତ ଜାରି ରଖିଛି ।

## ବିଷପାନ କରିଥିବା ମହିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ

# ବଡ଼ ଭାଇ ଆଣିଲେ ହତ୍ୟା ଅଭିଯୋଗ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ମହୁରୁଣ୍ଡି ଗାଁର ଜଣେ ବିବାହିତା ମହିଳା ବିଷପାନ କରି ଚିକିତ୍ସାଧିନ ଅବସ୍ଥାରେ ବୁର୍ଲା ବଡ଼ ମେଡ଼ିକାଲରେ ଶନିବାର ରାତିରେ ମୃତ୍ୟୁ ହୋଇଥିଲା । ମୃତ ମହିଳା ହେଲେ ଲକ୍ଷ୍ମଣ ଭୋଇ ଓରଫ ମିଟୁଙ୍କ ସ୍ତ୍ରୀ ସୁରେଖା ଭୋଇ (୪୭) । ଗତ ୧୪ ତାରିଖ ଗାଁରେ ବିଷ ପିଇ ଦେଇଥିବା ପରିବାର ଲୋକଙ୍କୁ କହିଲା ପରେ ପରିବାର ତରଫରୁ ବୁର୍ଲା ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସା ଧୀନ ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ଏହି ଘଟଣାକୁ ବଡ ଭାଇ ନରେନ୍ଦ୍ର ସାହୁ ଭଉଣୀକୁ ଭିଣେଇ ଲକ୍ଷ୍ମଣ ଏବଂ ତାଙ୍କ ମାଁ କାଠ ଫାଳିଆରେ ମାଡ଼ ମାରି ଘାସ ମରା ବିଷ ପିଆଇ ଦେଇଥିବା ଅଭିଯୋଗ କରିବା ସହିତ ମୃତ୍ୟୁ ପାଇଁ ଉଭୟ ଦାୟୀ ବୋଲି ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ଥାନା କେସ ନମ୍ବର ୧୮୯/୨୫ ରେ ଏକ ମାମଲା ରୁଜୁ କରି ବୁର୍ଲାରୁ ମୃତ ଦେହ ଆସିଲା ପରେ ଶବର ପଞ୍ଚ ନାମା କରିଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ମୃତା ମହିଳାଙ୍କ ସ୍ୱାମୀକୁ ଖପ୍ରାଖୋଲ ଥାନାରେ ଅଟକ ରଖିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି। ସୁଚନା ଯୋଗ୍ୟ ମାହୁରୁଣ୍ଡି ଗାଁର ଲକ୍ଷ୍ମଣ ଓରଫ ମିଟୁ ଭୋଇ ପ୍ରାୟ ୧୮ ବର୍ଷ ତଳେ ବେଲପଡ଼ା ଥାନା ଭାଲୁଖାଇ ଗାଁ ର ସୂରେଖା ଙ୍କୁ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ଝିଅ ୧୫ ବର୍ଷ ଓ ୧୨ ବର୍ଷ ର ଅଛନ୍ତି ।

# ରତନସରା ଜଙ୍ଗଲ ଉପରେ ମାଫିଆଙ୍କ ଆଖି

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ରେ ମାଫିଆଙ୍କ କବଜାରେ ମୂଲ୍ୟବାନ ଜଙ୍ଗଲ । ୫ ରୁ ୬ ଏକର ଜଙ୍ଗଲ କାଟି ପଦା କରି ଦେଇଛନ୍ତି ମାଫିଆ । କୁହାଯାଉଛି ମାଫିଆ କୋଇଲା ଚୋରି କରିବା ପାଇଁ ଏହିଭଳି ନୂଆ ଉପାୟ ଆପଣାଇଛନ୍ତି । ଖବର ପାଇବା ପରେ ଘଟଣାସ୍ଥଳରେ ବନବିଭାଗ ଓ ରାଜସ୍ୱ ବିଭାଗ ପହଞ୍ଚି ଆରମ୍ଭ କରିଛନ୍ତି ତଦନ୍ତ । ହେଲେ କିଏ ଓ କାହିଁକି ଜଙ୍ଗଲ କାଟି ପଦା କରିଦେଲା ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ।

ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ ରତନସରା ରାଜସ୍ୱ ଜଙ୍ଗଲ । ଯେଉଁ ଜଙ୍ଗଲ ଠିକ୍ ତିନି ମାସ ତଳେ ରାଜ୍ୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିଲା । ଯେଉଁ ଜଙ୍ଗଲରୁ ଲକ୍ଷଲକ୍ଷ ଟନ୍ କୋଇଲା ଚୋରି ହୋଇଥିଲା ଏବେ ସେଇ ଜଙ୍ଗଲରୁ ଜଙ୍ଗଲ ଚୋରି ହୋଇଛି । ପ୍ରାୟ ୫ ଏକର ଜଙ୍ଗଲ ଜମିରୁ ୧୫ଶହରୁ ଅଧିକ ମୂଲ୍ୟବାନ ଗଛ କାଟି ପଦା କରିଦେଇଛନ୍ତି ମାଫିଆ। ଲମ୍ବାଲମ୍ବା ହୋଇ ପଡିଛି କଟାଗଛ । କେଉଁ ଗଛ ୧୦ରୁ ୧୨ ବର୍ଷର ତ ଆଉ କେଉଁ ଗଛ ୫୦ରୁ ୧୦୦ ବର୍ଷ ହେବ। ରତନସରାର ଘଞ୍ଚ ଜଙ୍ଗଲ ଭିତରେ ଏଭଳି କାମ କିଏ କରିଛି ତାକୁ ନେଇ ଅଞ୍ଚଳରେ ଜୋର ଧରିଛି ଆଲୋଚନା । ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚୁଥିବା ସ୍ଥାନୀୟ ବାସିନ୍ଦା ଏମିତି ପ୍ରଶ୍ନର ଉତ୍ତର ଖୋଜୁଛନ୍ତି। ଜଙ୍ଗଲରେ ଗଛକଟା ଘଟଣା ଜାଣିବା ପରେ ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗକୁ ଖବର ଦେଇଛନ୍ତି ଗ୍ରାମବାସୀ । ଉଭୟ ବିଭାଗ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକୃତରେ କେତେ ଗଛ କଟା ଯାଇଛି ତା'ର ହିସାବ କରୁଛି ବନ ବିଭାଗ । କେତେ ଜମି ଓ ଜମିର କିସମ କ'ଣ ତାକୁନେଇ ଖୋଳତାଡ଼ କରୁଛି ରାଜସ୍ୱ ବିଭାଗ । ସେପଟେ ସ୍ଥାନୀୟ ବୁଦ୍ଧିଜୀବୀ ସିଧାସଳଖ ପ୍ରଶ୍ନ କରୁଛନ୍ତି । ଏତେଗଛ କଟା ଗଲା ବନ ବିଭାଗ ଜାଣି ପାରିଲା ନାହିଁ କେମିତି।

# ତରଭା ବ୍ଲକର ୨୧ଟି ପଞ୍ଚାୟତରେ ବନ୍ଦ ପାଳନ ନିଷ୍ପତ୍ତି

ତରଭା,(ସବ୍ୟୁ): ଗତ ୧୨ ତାରିଖ ତରଭା ବ୍ଲକର ଜନପ୍ରତିନିଧି ମାନେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କାରିବାକୁ ଯାଉଥିବା ବେଳେ ସୋନପୁର ପଟାଭାଡ଼ି ଛକରେ ୧୫/୨୦ ଜଣ ଦୁର୍ବୃତ୍ତ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ମାନଙ୍କୁ ଧରିବାରେ ପୋଲିସର ନିଷ୍କ୍ରିୟତା ତରଭା ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ନିଷ୍କ୍ରିୟତାର ପ୍ରତିବାଦରେ ମଙ୍ଗଳବାର ୧୯ ଅଗଷ୍ଟ କ୍ରିୟାନୁଷ୍ଠାନ କମିଟି ତରଫରୁ ତରଭା ବନ୍ଦ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବ୍ଲକ ଅଧକ୍ଷ ସରୋଜ କମ୍ପଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଙ୍ଗଳବାର ସକାଳ ୬ ଟାରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ତରଭା ସହର ସମେତ ବ୍ଲକର ସମସ୍ତ ୨୧ ଟି ପଞ୍ଚାୟତରେ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିଙ୍କ ସମେତ ଏନଏସି କାଉନସିଲର, ମାହେଶ୍ୱରୀ ସଂଗଠନ,ନବଜ୍ୟୋତି କ୍ଲବ, ପୂର୍ଣ୍ଣମାସୀ କ୍ଲବ, ଗୀତା ପାଠାଗାର, ଭୀମଭୋଇ ସେବା ସଂସଦ, ସୋସିଆଲ ସର୍ଭିସ କ୍ଲବ,ଏଫଆରସିସି,ହିନ୍ଦ ୟଙ୍ଗଷ୍ଟାର କ୍ଲବ, ଆମ୍ବେଦକର କ୍ଲବ, ଗୋପବନ୍ଧୁ ସେବା ସଂସଦ, ବିଜୁ ପଟ୍ଟନାୟକ କ୍ଲବ, ଡ୍ରାଇଭର ସଂଘ,ବରିଷ୍ଠ ନାଗରିକ ସଂଘ,ବଣିକ ସଂଘର କର୍ମକର୍ତ୍ତା ,ଗଣ ମାଧମ ପ୍ରତିନିଧି ଯୋଗଦେଇ ବନ୍ଦ ସପକ୍ଷରେ ମତ ଦେଇଥିଲେ।

# ସ୍ୱାଧୀନତା ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ସମ୍ପାଦକ ଜୟଶଙ୍କର ପାଢ଼ୀ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଏକ ସାଲିସ ବିହୀନ ସୁଦକ୍ଷ ରାଷ୍ଟ୍ର ଗଠନ କରିବାକୁ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ଼କ୍ଟର ଦେବେନ୍ଦ୍ର ପଣ୍ଡା ଯୋଗଦେଇ ଭାରତୀୟ ନାଗରିକ ହିସାବରେ ଗୁରୁ ଦାୟିତ୍ୱ ରହିଛି ବୋଲି କରିଥିଲେ । ବିଦ୍ୟାଳୟର ଅୟନାଂଶ ଭାଇ ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ । ଛାତ୍ରୀ ସୋମ୍ୟା ସୋନାଲିକା ସଂଯୋଜନା କରିଥିଲେ । ଏହି ଅବସରରେ ସପ୍ତମ ଶ୍ରେଣୀର ଛାତ୍ର ମାନେ ଚିତାକର୍ଷକ ପିରାମିଡ୍ ପ୍ରଦର୍ଶନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଆସ ସ୍କୁଲ ଯିବା' ଅଭିଯାନ ବୈଠକ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଏକ ରାଜ୍ୟବ୍ୟାପୀ ଅଭିଯାନ 'ଆସ ସ୍କୁଲ ଯିବା' ବିଷୟରେ ବିଶଦ ଆଲୋଚନା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲାରେ କିଛି ମାସ ପୂର୍ବରୁ ହୋଇଥିବା ଚାଇଲ୍ଡ ଟ୍ରାକିଙ୍ଗ ସର୍ଭେରେ ଜିଲ୍ଲାରେ ସେଭଳି ୩୦୩ ପିଲା ଥିବାର ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡ଼ତିଆ ଜିଲ୍ଲାପାଳଙ୍କୁ ସୂଚନା ପ୍ରଦାନ କରିଥିଲେ। ସେହି ପିଲା ତଥା ସେମାନଙ୍କର ଅଭିଭାବକ ଅଭିଭାବିକାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଚିତ ପରାମର୍ଶ ଦେବା ସହିତ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରତ୍ୟେକ ପିଲା ପାଇଁ ଜଣେ ଲେଖାଏଁ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ସ୍ତରରେ ପ୍ରତି ମାସରେ ବୈଠକ କରି ପିଲାମାନଙ୍କୁ ମୁଖ୍ୟସ୍ରୋତ ସାମିଲ କରିଥିବାର ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଝାରସୁଗୁଡା ଜିଲ୍ଲାରେ ଯେପରି ୫ ବର୍ଷରୁ ୧୮ ବର୍ଷ ବୟସର ଅଧାରୁ ପାଠ ଛାଡ଼ିଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ସମସ୍ତ ପିଲାମାନେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ତରଫରୁ ହୋଟେଲ ମ୍ୟାନେଜମେଣ୍ଟରେ ନାମ ଲେଖାଇବା ପାଇଁ ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟ ଓ ବନ୍ଧବହାଲ ଉଚ୍ଚ ବିଦ୍ୟାଳୟରେ ଏକ ବୃତ୍ତି ମାର୍ଗଦର୍ଶନ ଓ ପରାମର୍ଶ ଶିବିର ଅନୁଷ୍ଠିତ ମଧ ହୋଇଥିଲା। ବୈଠକରେ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀଣୀ ହେଲେନ୍ ଖେସ୍ ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବ୍ରହ୍ମାକୁମାରୀଜ୍‌ରେ ଯୋଗ ଶିବିର



କଲମପୁର,(ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସେବାକେନ୍ଦ୍ରରେ ଯୋଗ ଶିବିର ପାଳିତ ହୋଇଯାଇଛି। ଜିଲ୍ଲାର ସମସ୍ତ ବ୍ଲକ ସ୍ତରର ବି.କେ ଭାଇ ଭଉଣୀ ମାନଙ୍କୁ ନେଇ କେନ୍ଦ୍ର ସଂଚାଳିକା ବି.କେ ଶଶୀ ଭଉଣୀ ସହଜ ରାଜଯୋଗ ଦ୍ୱାରା ଆତ୍ମିକ ଶକ୍ତିକୁ ଜାଗୃତ କରିବାର ବିଧି ଉପସ୍ଥାପନ କରିଥିଲେ। କେନ୍ଦ୍ରର ବରିଷ୍ଠ ଭ୍ରାତା ବି.କେ ମାନସ ଭାଇ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବିଚାର ଧାରା ସହିତ ଚାରିଟି ବିଷୟ ଜ୍ଞାନ ଯୋଗ ସେବା ଓ ଧାରଣା ସମ୍ପର୍କିତ ବକ୍ତବ୍ୟ ରଖିଥିଲେ। ଏଥିରେ ଧର୍ମଗଡ,କଲମପୁର, ମହାଲିଙ୍ଗ, ଏମ ରାମପୁର, ଛତିଗୁଡ଼ା, ରୁପ୍ରାରୋଡ, ରିଶିଡା, ଜୁନାଗଡ଼, ଉକ୍ରେଲା ଆଦି ଅଞ୍ଚଳରୁ ଉପ ସେବାକେନ୍ଦ୍ର ସଂଚାଳିକା ସମେତ ବହୁ ସଂଖ୍ୟାରେ ଭାଇ ଭଉଣୀ ମାନେ ଅଂଶ ଗ୍ରହଣ କରିଥିଲେ। କଲମପୁର ବ୍ଲକ ବିଭାଗୀୟ ଅଧିକାରୀ ବୈକୁଣ୍ଠ ବାଗଙ୍କ ଏକ ନୂତନ ଭାବେ ନିର୍ମିତ ଭବନର ଉଦଘାଟନ କରାଯାଇଥିଲା । ସମସ୍ତ ବ୍ରହ୍ମାକୁମାରୀ ଏବଂ ବରିଷ୍ଠ ଭ୍ରାତା ମାନଙ୍କୁ ଶ୍ରୀ ବାଗ ଈଶ୍ୱରୀୟ ଉପହାର ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ଭ୍ରାତା ବି.କେ ସୁବାଷ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାୟଗଡା ଜିଲ୍ଲାରେ କାୟା ମେଲାଇଛି ଗୁଣିଗାରେଡ଼ି

ରାୟଗଡା,(ସବ୍ୟୁ): ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ଗୁଣିଗାରେଡି କାୟା ମେଲାଇଛି । ଗତ ୨୦୧୮ ରୁ ୨୦୨୫ ମସିହା ପର୍ଯ୍ୟନ୍ତ ରାୟଗଡା ଜିଲ୍ଲାରେ ୫୫ଟି ଗୁଣିଗାରେଡି ଜନିତ ଆକ୍ରମଣ ଘଟଣା ଘଟିଛି । ଏହି ଘଟଣାରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୨ ଜଣ ଗିରଫ ହୋଇଛନ୍ତି । ତନମଧ୍ୟରେ ୭ ଜଣ ନାବାଳକ ସାମିଲ ଅଛନ୍ତି। ଜିଲ୍ଲା ପ୍ରଶାସନର ସଚେତନତା କାମ ଦେଉନାହିଁ। ଦିନକୁ ଦିନ ଅନ୍ଧବିଶ୍ୱାସରେ କବଳିତ ହୋଇ ପଡିଛି ରାୟଗଡ଼ା ଜିଲ୍ଲା । ଆଉ ଏହାର ଅନ୍ଧବିଶ୍ୱାସ କୁପରିଣାମ ଭୋଗୁଛନ୍ତି ନିରୀହ ଆଦିବାସୀ। ଜିଲ୍ଲାରେ ଗୁଣିଗାରେଡିକୁ ନେଇ ଅନେକ ହତ୍ୟାକାଣ୍ଡ ଘଟିଥିବାବେଳେ ଅନେକ କାରାଗାରରେ ଦଣ୍ଡ ଭୋଗୁଥିବା ନଜିର ରହିଛି। ପ୍ରଶାସନ ତରଫରୁ ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସରୁ ଦୁରେଇ ରହିବାକୁ ତୁହାକୁତୁହା ପଥପ୍ରାନ୍ତ ନାଟକ,ବୈଠକ ମାଧ୍ୟମରେ କାର୍ଯ୍ୟକ୍ରମମାନ ଜାରି ରହିଥିଲେ ସୁଦ୍ଧା ଦୁର ହୋଇପାରୁନାହିଁ ଅନ୍ଧବିଶ୍ୱାସ। ସମ୍ପୃକ୍ତ ଆଦିବାସୀଙ୍କ ପାଖକୁ ପହଞ୍ଚିପାରୁ ନାହିଁ ସଚେତନାର ବାର୍ତ୍ତା।

ରାୟଗଡା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବୁରୁସୁବାଡି ଗାଁରେ ଗୁଣିଗାରେଡି ସନ୍ଦେହରେ ଏକ ହତ୍ୟାକାଣ୍ଡ ଘଟିଛି । ମୃତ ବ୍ୟକ୍ତି ହେଲେ ରାମାରାଓ ଜିଲାକାର।। ରାମାରାଓ ଗୁଣିଗାରେଡି କରୁଥିବା ସନ୍ଦେହ କରି କିଛି ବ୍ୟକ୍ତି ତାଙ୍କୁ ଗତ ୮ ତାରିଖରେ ବିଷ ପିଆଇବା ପରେ ପରବର୍ତ୍ତୀ ସମୟରେ ପୋଡ଼ି ଦେଇଥିଲେ। ତେବେ ଏହି ଘଟଣା ୮ ତାରିଖରେ ଘଟିଥିଲେ ମଧ୍ୟ ପରିବାରବର୍ଗ ଭୟରେ ଥାନାର ଦ୍ୱାରସ୍ଥ ହୋଇ ନ ଥିଲେ। ପରେ ୧୨ ତାରିଖରେ ପରିବାରବର୍ଗ ଶେଷଖାଲ ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାର ତଦନ୍ତ କରି ୧୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ରାୟଗଡ଼ା ଏସଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ରାମାରାଓଙ୍କ ପରିବାରବର୍ଗଙ୍କୁ ତାଙ୍କ ସମ୍ପର୍କୀୟ ଘରେ ରଖାଯାଇଥିବା କହିଛନ୍ତି ଏସଡପିଓ ଶ୍ରୀ ସାହୁ। ବର୍ତ୍ତମାନ ଏହିଭଳି ଅନ୍ଧବିଶ୍ୱାସ ନପଡ଼ିବା ପାଇଁ ବାରମ୍ବାର ସଚେତନତା କରାଯାଉଥିଲେ ମଧ ଲୋକେ ବର୍ତ୍ତମାନ ସୁଦ୍ଧା ଗୁଣିଗାରେଡି ଉପରେ ଭରସା ରଖୁଛନ୍ତି। ତେଣୁ ଆଗାମୀ ଦିନରେ ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ସଚେତନତା କରାଯିବ ବୋଲି ଏସଡିପିଓ ସାହୁ କହିଛନ୍ତି। ଯଦିଓ ସେହିପରି ଗତ ୭ ବର୍ଷ ମଧ୍ୟରେ ରାୟଗଡା ଜିଲ୍ଲାର କାଶୀପୁର ବ୍ଲକରେ ସର୍ବାଧିକ ୨୪ଟି ଘଟଣା ଘଟିଥିବା ବେଳେ ରାୟଗଡା ବ୍ଲକରେ ୧୪ଟି,କଲ୍ୟାଣସିଂହପୁର ବ୍ଲକରେ ୯ ଟି,ଗୁଣପୁର ବ୍ଲକରେ ୪ଟି, ବିଷମକଟକ ଗୋଟିଏ ଓ ପଦ୍ମପୁର ବ୍ଲକରେ ୨ଟି ଘଟଣା ଘଟିଛି । ତେବେ ଏପରି ଘଟଣା ବିଶେଷ କରି ଆଦିବାସୀ ଅଞ୍ଚଳରେ ଦେଖିବାକୁ ମିଳୁଛି । ଏହି ଘଟଣାକୁ ନେଇ ରାୟଗଡା ଏସପି ଗ୍ରାମାଞ୍ଚଳରେ ବ୍ୟାପକ ସଚେତନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅପର ପକ୍ଷରେ ପୁଲିସ ଓ ପ୍ରଶାସନର ଚେଷ୍ଟା ସତ୍ତ୍ୱେ ଜିଲ୍ଲାରୁ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ହଟୁନାହିଁ। ଏ ସମ୍ପର୍କରେ ସାମାଜିକ କର୍ମୀ ବିଜୟ ମିଶ୍ର କହିଛନ୍ତି ସରକାର ଗୁଣିଗାରେଡ଼ିକୁ ନେଇ ଗମ୍ଭୀର ହେଉନାହାନ୍ତି। ଘଟଣା ପୂର୍ବରୁ ପ୍ରତିହତ କରିବା ଦିଗରେ ଆଦୌ ଧ୍ୟାନ ଦିଆଯାଇନାହିଁ। ଦକ୍ଷିଣ ଓଡ଼ିଶାରେ ଗୁଣି ସନ୍ଦେହରେ ନାନା କାଣ୍ଡ ଘଟୁଛି । ଗୁଣିଗାରେଡ଼ି ଘଟଣାରୁ ହିଂସା, ହତ୍ୟା ଘଟିଗଲା ପରେ କାର୍ଯ୍ୟାନୁଷ୍ଠାନ ହେଉଛି। ବର୍ତମାନ ଏହିଭଳି ଅନ୍ଧବିଶ୍ୱାସରେ ନପଡ଼ିବା ପାଇଁ ବାରମ୍ବାର ସଚେତନତା କରାଯାଉଥିଲେ ମଧ ଲୋକେ ଗୁଣିଗାରେଡି ଉପରେ ଭରସା ରଖୁଛନ୍ତି। ତେଣୁ ଆଗାମୀ ଦିନରେ ପୋଲିସ ପକ୍ଷରୁ ଉକ୍ତ ଅଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ସଚେତନତା କରାଯିବ ବୋଲି ଏସଡ଼ିପିଓ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ




ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ସମାରୋହରେ ପ୍ୟାରେଡ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଜନଜାତି, ସଂଖ୍ୟା ଲଘୁ, ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି ସମବେତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସାଂସଦ କଳାହାଣ୍ଡି ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଆରକ୍ଷୀ ଅଧିକ୍ଷକ ନାଗ ରାଜ ଦେବରକୋଣ୍ଡା,ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ ବଇଡୁରା ଦୀପ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଭାରତୀୟ ପ୍ରଶାସନିକ ସେବା, (ପ୍ରବେଶନ) ଅନିମେସ ପ୍ରଧାନ, ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଥିଲେ। ମିଳିତ ପ୍ୟାରେଡରେ ପୋଲିସ ବାହିନୀ, ହୋମଗାର୍ଡଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟରୁ ୪୬ ଗୋଟି ଦଳ ଅଂଶଗ୍ରହଣ କରି ଆକର୍ଷଣୀୟ ପରେଡ୍ ପ୍ରଦର୍ଶନ କରିଥିଲେ, । ବିଜେତା ଦଳକୁ ମୁଖ୍ୟ ଅତିଥଙ୍କ ଦ୍ୱାରା ସିଲଡି,ଟ୍ରଫି ପ୍ରଦାନ କରାଯାଇଥିଲା।

# ସ୍ୱଭାବ ଅଭାବର କବି ଗଙ୍ଗାଧର ମେହେର



ଝାରସୁଗୁଡ଼ା,(ସବ୍ୟୁ) : କବିତା କେମିତି ହେବା ଉଚିତ ତାହା ସ୍ୱଭାବ କବି ଗଙ୍ଗାଧରଙ୍କ କବିତାରୁ ଶିଖିବା ଉଚିତ ବୋଲି କହିଛନ୍ତି ଡ଼ଃ ଶ୍ୟାମ ଭୋଇ । ଝାରସୁଗୁଡା ଜିଲ୍ଲା ବେଲପାହାଡ ଆର୍ଟ ଅଫ ଲିଭିଂ ହଲରେ ବେଲପାହାଡ ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୪ ତମ ଜୟନ୍ତୀ ଉତ୍ସବ ରବିବାର ସନ୍ଧ୍ୟାରେ ପାଳନ କରାଯାଇଛି । ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ପ୍ରତାପ ବେହେରା ଯୋଗଦେଇ ଗଙ୍ଗାଧରଙ୍କ କବିତା ଅତ୍ୟନ୍ତ ଚମତ୍କାର ବୋଲି କହିଥିଲେ । ଗଙ୍ଗାଧର ମେହେର କେବଳ ଓଡିଶାର ନୁହନ୍ତି ସେ ଭାରତ ବର୍ଷର ଅଦ୍ୱିତୀୟ କବି । ସେ ଏକ ଅଲିଭା ତାରା । ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ଓ ଭାଇସ ପ୍ରେସିଡେଣ୍ଟ (ଏଚଆର ଏବଂ ଆଇଆର, ଆଡମିନ) ସୁଶାନ୍ତ କୁମାର ଦାସ ଉପସ୍ଥିତ ରହି କବି ଗଙ୍ଗାଧରଙ୍କ ଆତ୍ମଜୀବନୀ ବିଷୟରେ ଆଲୋଚନା କରିବା ସହିତ ଗଙ୍ଗାଧରଙ୍କୁ କବି ଶ୍ରେଷ୍ଠ ଉପାଧି ଉଚିତ ହେବ ବୋଲି କହିଥିଲେ । ସହକାରୀ ପ୍ରଫେସର ଜିଏମ ବିଶ୍ୱବିଦ୍ୟାଳୟ ର ଡ଼ଃ ଶ୍ୟାମ ଭୋଇ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଗଙ୍ଗାଧରଙ୍କ କବିତାକୁ ଜୀବନ୍ତ କରିଥିଲେ । ଓଡ଼ିଆ ଭାଷା ସାହିତ୍ୟର ଅଧୋଗତି ସମୟରେ ସେ ଜଣେ ନୂତନ ସୂର୍ଯ୍ୟୋଦୟ ରୂପେ ଆସି ଏକ ନୂତନ ଦିଗ ଦର୍ଶନ ଦେଇଥିଲେ। ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ପାଇଁ ସେ ବହୁତ କାବ୍ୟ ରଚନା କରିଥିଲେ । କାର୍ଯ୍ୟକ୍ରମରେ ଅନେକ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ବେଲପାହାଡ଼ ସାହିତ୍ୟ ସଂସଦ ର ସଭାପତି ପ୍ରମୋଦ ସେନାପତି,ଉପ ସଭାପତି ଡ଼. ଦିଲୀପ କୁମାର ନାଏକ , ସମ୍ପାଦକ ଶ୍ରୀକର ଭୋଇ, ସମେତ ଆଲୋକ ଖମାରି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଶ୍ରୀକର ଭୋଇ ପରିଚାଳନା କରିଥିବା ବେଳେ ମୋତିରାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଗଙ୍ଗାଧରଙ୍କ କବିତାକୁ ଆଦର୍ଶ କରି ଏକ ପତ୍ରିକା ଉନ୍ମୋଚନ ହୋଇଥିଲା ।

## ମୁରିବାହାଲ ବ୍ଲକ୍‌ରେ ପୁଣି ମରୁଡି ଆଶଙ୍କା

# ବର୍ଷା ଅଭାବ, ବହୁ ଜମି ପଡିଆ, ଚିନ୍ତାରେ ଚାଷୀ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଯୋଗୁଁ ଚଳିତ ବର୍ଷ ପୁଣି ମରୁଡି ଆଶଙ୍କା ଦେଖାଦେଇଛି। ଚଳିତ ଖରିଫରେ ଆବଶ୍ୟକ ପରିମାଣରେ ବର୍ଷା ହୋଇନଥିବାରୁ ବ୍ଲକର ମୋଟ ୨୨ଟି ପଞ୍ଚାୟତ ଅଞ୍ଚଳରେ ରୁଆ, ବିହୁଡ଼ା ଆଦି ବହୁ ପଛରେ ରହିଯାଇଛି। ଚାଷୀମାନେ ଧାର କରି ଅଧିକ ଦାମ୍‌ରେ ଧାନ ବିହନ କିଣି ଆଣି କେଉଁଠି ଧାନ ବୁଣିଥିବା ବେଳେ ଆଉ କେଉଁଠି ବିଳମ୍ବରେ ପହ୍ଳା ପକାଇଥିଲେ। କିନ୍ତୁ ଠିକ୍ ସମୟରେ ଆବଶ୍ୟକ ପରିମାଣର ବର୍ଷା ନ ହେବାରୁ ଚାଷକାମ କରିନପାରି ପୁଣି ମରୁଡି ଆଶଙ୍କା କରି ଦୁଶ୍ଚିନ୍ତାରେ ରହିଛନ୍ତି। ମୁରିବାହାଲ ବ୍ଲକ ଅଞ୍ଚଳରେ ସରକାରୀ ଭାବେ ଗତବର୍ଷ ଓ ଚଳିତବର୍ଷ ବର୍ଷା ପରିମାଣକୁ ଦେଖିଲେ ଚଳିତ ବର୍ଷ ଅତି ସ୍ୱଳ୍ପ ବର୍ଷା ରେକର୍ଡ କରାଯାଇଥିବା ଜଣାପଡିଛି। ଚଳିତ ବର୍ଷ ଜୁନ ମାସରେ ବ୍ଲକରେ ୮୬ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ୨୮୫ମିମି ବର୍ଷା ରେକର୍ଡ କରାଯାଇଛି। ସେହି ସମୟରେ ବିଗତ ୨୦୨୪ ବର୍ଷରେ ଜୁନ ମାସରେ ୬୮ମିମି ଓ ଜୁଲାଇ ମାସରେ ୩୨୦ମିମି ବର୍ଷା ରେକର୍ଡ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟ ମାସ ୧୭ତାରିଖ ସୁଦ୍ଧା ମାତ୍ର ୧୨୩ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଗତ ୨୦୨୪ବର୍ଷ ଅଗଷ୍ଟ ମାସ ଶେଷ ସୁଦ୍ଧା ସର୍ବାଧିକ ୪୭୫ମିମି ବର୍ଷା ରେକର୍ଡ କରାଯାଇଥିଲା। ମୌସୁମୀ ବର୍ଷା ଠିକ୍ ସମୟରେ ନ ହେବା, ଲଘୁଚାପ ବର୍ଷା ଅତି କମ୍ ଝିପି ଝିପି ବର୍ଷା ହେବା ତଥା ଚାଷୀଙ୍କ ପାଇଁ ବିକଳ୍ପ କୌଣସି ଜଳସେଚନ ସୁବିଧା ନ ଥିବାରୁ କେବଳ ବର୍ଷା ଜଳ ଉପରେ ନିର୍ଭର କରୁଥିବା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଚାଷୀର ବୁଣାଧାନକୁ ବିହୁଡା ସମୟ ପାର ହୋଇଯାଇଥିବା ବେଳେ ବର୍ଷା ଅଭାବରୁ ଜମି ଫାଟି ଆଁ କଲାଣି।

ସେହିପରି ପହ୍ଳା ରୁଆ ପାଇଁ କେତେକ ଚାଷୀ ଜମି ପ୍ରସ୍ତୁତି କରି ସାରିଥିବା ବେଳେ ଜମିରେ କାଦୁଅ ପାଇଁ ଆବଶ୍ୟକ ପରିମାଣର ବର୍ଷା ନ ଥିବାରୁ ଧାନ ପହ୍ଳା ରୁଆ ହୋଇପାରୁନାହିଁ। ବ୍ଲକ ଅଞ୍ଚଳର କେତେକ ଚାଷୀ ଶୁଖିଲା ଜମିରେ ରୁଆ, ବିହୁଡ଼ା କରିଥିଲେ ମଧ ସେହି ଚାଷୀମାନେ ଉଭୟ ପଟୁ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନ୍ୟପଟେ ବ୍ଲକର କେତେକ ଖାଲୁଆ ଜମି ଓ ଯାହାର ବୋରୱେଲ ସୁବିଧା ରହିଛି ସେମାନେ କେବଳ କିଛି କିଛି ଧାନଚାଷ କରିଥିବା ଦେଖିବାକୁ ମିଳିଛି। ମରୁଡି ଆଶଙ୍କା କରି କ୍ଷତିଗ୍ରସ୍ତ ଦନ୍ଦରା ଗ୍ରାମର ଚାଷୀ ରାଜକୁମାର ପାତ୍ର ଗତ ୦୧ତାରିଖ ଦିନ ବିଷପିଇ ଆତ୍ମହତ୍ୟା କରିଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଚିର ମରୁଡି ପ୍ରପୀଡ଼ିତ ତଥା ପୂର୍ବରୁ ବହୁଥର ମରୁଡ଼ିରେ କବଳିତ ହଳଦୀ ପଞ୍ଚାୟତ ଯମୁନା ଗ୍ରାମର ଚାଷୀ ଉଦ୍ଧାଧର ମହାକୁର,ଜେହେରୁ ମହାକୁର,ନାଭ ମହାକୁର ଓ ମକାରୁ ମହାକୁରଙ୍କ ସହ ବହୁ ଚାଷୀ କେବଳ ବର୍ଷା ଜଳ ଉପରେ ନିର୍ଭର କରୁଥିବାରୁ ରୁଆ,ବିହୁଡ଼ା କରିନପାରି ମରୁଡ଼ି ଆଶଙ୍କାରେ ସମ୍ପୂର୍ଣ୍ଣ ଚିନ୍ତାରେ ଥିବା ପ୍ରକାଶ କରିଛନ୍ତି। କେବଳ ଧାନ ନୁହେଁ ଅର୍ଥକାରୀ ଫସଲ ଭାବେ କପା ଫସଲ କରୁଥିବା ଚାଷୀମାନେ ମଧ ବର୍ଷା ଅଭାବରୁ ତଥା ସାର,ବିହନ ଚଢା ଦରରେ କିଣି ସର୍ବସ୍ୱାନ୍ତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପଟେ ୟୁରିଆ ସାର ନ ପାଇ ଚାଷୀ ବସ୍ତାକୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ କିଣୁଥିବା ଅଭିଯୋଗ ହୋଇଛି । ତୁରନ୍ତ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଇନପୁଟ ସବସିଡି ସହ ମରୁଡି ଘୋଷଣା କରାଯାଇ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବୀ କରିଛନ୍ତି।

# ଗାଁ ରାସ୍ତା ଶୋଚନୀୟ : ୪ କିଲୋମିଟର ଶବ ବୋହିଲେ ପରିବାର ଲୋକେ

ନବରଙ୍ଗପୁର,(ସବ୍ୟୁ): ସ୍ୱାଧୀନତାର ୭୯ ବର୍ଷ ପରେ ଗାଁ କୁ ରାସ୍ତା ନାହିଁ । ଗାଁକୁ ମହାପରାୟଣ ଗାଡ଼ି ପହଞ୍ଚି ପାରୁ ନାହିଁ । ଫଳରେ ଦୀର୍ଘ ୪ କିଲୋମିଟର ଧରି ଶବକୁ ଖଟିଆରେ ବୋହି ଗାଁକୁ ନେଇଛନ୍ତି ପରିବାରଲୋକେ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପାଟଖାଲିଆ ପଞ୍ଚାୟତ ଜାମପାଣି ଗାଁରେ। ଜାମପାଣି ଗ୍ରାମର ଟଙ୍କଧର ଗୌଡ଼ଙ୍କ ୧୫ବର୍ଷର ଝିଅ ଉଷାରାଣୀ । ଶନିବାର ଅସୁସ୍ଥ ଅନୁଭବ କରିଥିଲେ। ଉଷାଙ୍କୁ ପରିବାରବର୍ଗ ପ୍ରଥମେ ଝରିଗାଁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ି ସଂକଟାପନ୍ନ ହେବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଉଷାଙ୍କର ରବିବାର ମୃତ୍ୟୁ ଘଟିଥିଲା। ଶବକୁ ପରିବାରବର୍ଗ ମହାପରାୟଣ ଗାଡ଼ି ସାହାଯ୍ୟରେ ଉମରକୋଟରୁ ଚନ୍ଦାହାଣ୍ଡି ବ୍ଲକର ଜମପାଣି ଗାଁକୁ ଆଣୁଥିଲେ। ଗାଁ ଠାରୁ ୪ କିଲୋମିଟର ଦୂର ମୁଣ୍ଡିଗୁଡ଼ା ନିକଟରୁ ରାସ୍ତା ଅତି ଶୋଚନୀୟ ଥିବା ଯୋଗୁଁ ଆଉ ଶବ ବାହକ ଗାଡ଼ିଟି ଆଗକୁ ଯାଇ ପାରିନଥିଲା। ଶେଷରେ ପରିବାର ବର୍ଗ ଶବକୁ ଏକ ଖଟିଆ ସାହାଯ୍ୟରେ ଦୀର୍ଘ ୪ କିଲୋମିଟର ବୋହି ନେଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗାଁଟି ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକର ସୀମାନ୍ତରେ ଏବଂ ଦୁର୍ଗମ ଅଂଚଳରେ ରହିଛି। ବହୁ ଦିନ ଧରି ଗ୍ରାମବାସୀ ମାନେ ଦାବି କରି ଆସୁଥିଲେ ହେଁ ପ୍ରଶାସନ ଏହି ଗାଁକୁ ପକ୍କା ରାସ୍ତା କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷା ମାସ ଆସିବା ମାତ୍ରକେ ଏହି ଗ୍ରାମବାସୀଙ୍କ ଦୁର୍ଦ୍ଦଷା ଆରମ୍ଭ ହେଉଥିବା ଗ୍ରାମବାସୀ କହିଛନ୍ତି। ଏହା ଦିନକର ନୁହେଁ ପ୍ରତି ଦିନର ଘଟଣା ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଜିଲ୍ଲାପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଯୁଯୋମୁରାରେ ମେଗା ଚାରାରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ପଞ୍ଚାୟତ ଠାରେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ମେଗା ଚାରାରୋପଣ କରାଯାଇଥିଲା । ଏନେଇ ଆୟୋଜିତ ସଭାରେ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାରାରୋପଣ କରିବା ବଡକଥା ନୁହେଁ, ଏହାର ସୁରକ୍ଷା ଓ ଯତ୍ନ ଜରୁରୀ ଅଟେ । ଲୋକଙ୍କ ଉତ୍ସାହ ଓ ଏକତା ଯୋଗୁଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପୂରଣ ହେବ ବୋଲି କହିଥିଲେ । ଯୁଯୋମୁରା ସମିତିସଭ୍ୟ ଜୟନ୍ତ ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ଏହି ପରିପେକ୍ଷୀରେ ମୋଟ ୫୦୦ଚାରାରୋପଣ କରାଯାଇଥିଲା । ସବୁଜ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ । ଏଥିରେ ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ସମିତିସଭ୍ୟ ନୃପଶେଖର କୁମ୍ଭାର, ଅଶ୍ୱିନୀ କୁମୁରା, ସଞ୍ଜୟ ବିଶ୍ୱାଳ, ଓମ୍‌ପ୍ରକାଶ ବିଶ୍ୱାଳ, ବଷ୍ଟି ପ୍ରଧାନ, ସୁରେଶ ପ୍ରଧାନ, ମହାଦେବ ପ୍ରଧାନ, ଅରୁଣ ଦେହୁରୀ ଓ ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ ବୈଠକ

ଦେବଗଡ଼,(ସବ୍ୟୁ): ଜିଲ୍ଲା ଶିକ୍ଷା ବିଭାଗର ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟର ବୈଠକ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ବିକାଶ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତା କରି ପ୍ରତ୍ୟେକ ଶିକ୍ଷାର୍ଥୀ ମୌଳିକ ସାକ୍ଷାରତା ଓ ସଂଖ୍ୟାଜ୍ଞାନକୁ ହାସଲ କରିବା ସହ କାର୍ଯ୍ୟକ୍ରମକୁ ସୁଦୃଢ କରାଯାଇପାରିବ ଏବଂ ଏହାକୁ ତଳ ସ୍ତର ପର୍ଯ୍ୟନ୍ତ ସମସ୍ତେ ପାଳନ କରିବେ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ଗୌଡ଼ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଥମରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଶିକ୍ଷଣର ଗୁରୁତ୍ୱ ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ହାସଲ କରିବା ନିମନ୍ତେ ଜିଲ୍ଲା ସ୍ତରରେ କରାଯାଉଥିବା କାର୍ଯ୍ୟକ୍ରମର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ଏଡିଇଓ ସୁଶାନ୍ତ କୁମାର ଘୁଟାଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ଏହା ଉପରେ ନିଜର ମତାମତ ପ୍ରଦାନ କରିଥିଲେ।

## ହକି ଷ୍ଟାଡିୟମରେ ସ୍ୱାଧୀନତା ଦିବସ ପାଳିତ

ଝାରସୁଗୁଡ଼ା ,(ସବ୍ୟୁ): ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ହକି ଷ୍ଟାଡିୟମରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ସମାଜସେବୀ ଜ୍ୟୋତି ଲାଟ ଯୋଗଦେଇ ଆନୁଷ୍ଠାନିକ ଭାବେ ପତକା ଉତୋଳନ କରିବା ସହିତ ଉପସ୍ଥିତ ଥିବା ବାଳକ ବାଳିକା ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ହକି ଓଡିଶାର ଉପ–ସଭାପତି ଜୀବନ ମହାନ୍ତି , ହକି କୋଚ ସକୁନ ନାୟକ, ପ୍ରଫୁଲ୍ଲ କୁଲୁ , ଡେଙ୍ଗର ଡେଡେ ପ୍ରମୁଖ ଉପସ୍ଥିତ ଥିଲେ।

# ସିନାପାଲିରେ ବନ୍ଧୁକ ଚାଳନା ପ୍ରତିଯୋଗିତା

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲିର ସାମୁହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ନୂଆଁଖାଇ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଶୁକ୍ରବାର ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସିନାପାଲି ଅଞ୍ଚଳରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବାରୁ ଏନେଇ ସାଧାରଣରେ ଉତ୍ସାହ ଦେଖିବାକୁ ମିଳିଥିଲା । ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିନାଥ ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷା ମାଧୁରୀ ମାଝୀ, ଅଭିନେତା ମନୋଜ ମିଶ୍ର, ବନାଞ୍ଚଳ ଅଧିକାରୀ କାମେଶ୍ୱର ତାଣ୍ଡି, ପୂର୍ବ ବ୍ଲକ ଅଧକ୍ଷ ନୀଳମଣି ମେହେର, ନାଗରିକ କମିଟି ସଭାପତି ଡମ୍ବରୁଧର ମେହେର, ଶିକ୍ଷାବିତ ନାରାୟଣ ପାତ୍ର, ତୁଳସୀରାମ ମେହେର, ନନ୍ଦ କୁମାର ପାତ୍ର, ଅରିଗଞ୍ଜନ ଯୋଶୀ, ବରିଷ୍ଠ ସାମ୍ବାଦିକ ଅଜିତ ଯୋଷୀ, ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର, ସମ୍ପାଦକ ତରୁଣ ମେହେର, ଅଧ୍ୟାପକ ନବୀନ ଚନ୍ଦ୍ର ମେହେର, ଗୌତମ ମେହେର ପ୍ରମୁଖ ଯୋଗଦେଇ ଏଭଳି ପ୍ରତିଯୋଗିତା ପ୍ରତିଭାଗିଙ୍କ ଆତ୍ମବିଶ୍ୱାସକୁ ବଦ୍ଧି କରେ ବୋଲି ମତ ଦେଇଥିଲେ । ପ୍ରାରମ୍ଭରେ ଲଳିତ କୁମାର ସୁନାରି ସ୍ୱାଗତ କରିଥିଲେ । ପ୍ରତିଯୋଗିତାରେ ୮୦ ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ଗଣେଶରାମ ମେହେର, ପ୍ରଫୁଲ୍ଲ ଦଣ୍ଡସେନା, ସତ୍ୟବାନ୍ ମେହେର ବିଚାରକ ଥିବା ବେଳେ ହେମନ୍ତ ତାଣ୍ଡି, ସୁଶାନ୍ତ ମେହେର, ଯୁଧିଷ୍ଠିର ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ ବିଜେତାଙ୍କୁ ଆସନ୍ତା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମ ପରିଚାଳନାରେ ସୁରଜ ମେହେର , ଜିତେନ୍ଦ୍ର ମେହେର, ମହେନ୍ଦ୍ର ମେହେର, ସୁନୀଲ ମେହେର, ଧନଞ୍ଜୟ ମେହେର ପ୍ରମୁଖ ସହଯୋଗ କରିଥିଲେ । ପ୍ରଭାତ ମେହେର ଧନ୍ୟବାଦ ଦେଇଥିଲେ ।।

# ପ୍ରଥମ ଆଦିମ ଦିଦାୟୀ ଜନଜାତି ଯୁବତୀ ଚମ୍ପା ରାସପେଦା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ



ମାଲକାନଗିରି, (ସବ୍ୟୁ): ଡାକ୍ତର ହେବେ ଖଇରପୁଟ ବ୍ଲକ୍ ନାକାମାମୁଡି ଗ୍ରାମ ପଞ୍ଚାୟତର ଆମ୍ଳିବେଡ଼ା ଗ୍ରାମର ଆଦିମ ଦିଦାୟୀ ଜନଜାତି ଯୁବତୀ ଚମ୍ପା ରାସପେଦା । ନିଟ ପରୀକ୍ଷାରେ କୃତକାର୍ଯ୍ୟ ପରେ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ପ୍ରତିଭାଶାଳୀ ଯୁବତୀ ଚମ୍ପା ପ୍ରଥମ ପ୍ରୟାସରେ ସଫଳତାର ସହ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚମ୍ପା ନିଜ ଦୃଢ ଇଚ୍ଛା ଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁଁ ଏହି ସଫଳତା ପାଇଛନ୍ତି । ବାଲେଶ୍ବର ଫକୀର ମୋହନ ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ପଢ଼ିବେ ଚମ୍ପା । ବାପା ଲାଛମୁ ରାସପେଦା ଜଣେ ଗରିବ ଚାଷୀ। ଚମ୍ପା ଚିତ୍ରକୋଣ୍ଡା ଏସଏସଡି ବାଳିକା ବିଦ୍ୟାଳୟରୁ ୨୦୧୯ ରେ ଦଶମ ଶ୍ରେଣୀ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ। ତାପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ନିଜର କଠିନ ଅଧ୍ୟବସାୟ, ଦୃଢ଼ ସଂକଳ୍ପ ଓ ଅନେକ ସଂଘର୍ଷ ପରେ ଏହି ଗୌରବ ହାସଲ କରିଛନ୍ତି ଚମ୍ପା। ଏହି ସଫଳତା ପାଇଁ ବଡବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି । ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜସ୍ ଅର୍ଥରେ ବାଲେଶ୍ୱରର ଏକ କୋଚିଂ ସେଣ୍ଟରରେ ତାଲିମ ନେବାରେ ସହଯୋଗ କରିଥିଲେ । ଏବେ ତାଙ୍କ ସଫଳତା ପାଇଁ ତାଙ୍କ ଗ୍ରାମ ସମେତ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି । ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ମଧ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି।

## ଚୋରି ସାମଗ୍ରୀ ଜବତ ଦୁଇ ଯୁବକ ଗିରଫ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଅଇଁଠାପାଲି ପୋଲିସ ଚୋରି ସାମଗ୍ରୀ ସହ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଗୋଟିଏ ଲାପଟପ୍, ୬ଟି ସୁନା କାନଫୁଲ, ଗୋଟିଏ ପିତ୍ତଳ ହାତ ଘଣ୍ଟି, ଗୋଟିଏ ପିତ୍ତଳ ଥାଳି, ଗୋଟିଏ ପିତ୍ତଳ ଦୀପ, ୨ଟି ମୋବାଇଲ ଫୋନ୍ ଓ ଗୋଟିଏ ଆଇଫୋନ୍ ଜବତ ହୋଇଛି ।ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲଣ କରାଯାଇଛି । ସୂଚନାଯୋଗ୍ୟ, ଅଇଁଠାପାଲି ଥାନା ଅନ୍ତର୍ଗତ ବିନାୟକ ବିହାର ଅଞ୍ଚଳର ସୁଧାଂଶୁ ଶେଖର ମିଶ୍ରଙ୍କ ଘରୁ ଗତ ୧୩ ତାରିଖ ରାତିରେ ଚୋରି ହୋଇଥିଲା। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି କରମଟୋଲି ଅଞ୍ଚଳର ମୁକେଶ ମୁଣ୍ଡା (୧୮) ଓ ରୋହିତ ମୁଣ୍ଡା (୨୨)ଙ୍କୁ ଗିରଫ କରିଛି ।

## ଉତ୍ତରାଞ୍ଚଳ ଆରଡ଼ିସିଙ୍କ ସମୀକ୍ଷା

ସମ୍ବଲପୁର,(ସବ୍ୟୁ): ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଏବ କ୍ରୀଡା ସଚିବ ସଚିନ ରାମଚନ୍ଦ୍ର ଯାଦବ ସମ୍ବଲପୁର ଜିଲ୍ଲାର ମୁଖ୍ୟ କ୍ରୀଡା ସୁବିଧା ସ୍ଥଳ ଗୁଡିକର ବିସ୍ତୃତ ନିରୀକ୍ଷଣ କରିଥିଲେ । ସେ ଭିଏସଏସ୍ ଷ୍ଟାଡିୟମ୍, ଜି.ଆଇ.ଏଚ୍ ବୁର୍ଲା, ମନ୍ଦଲିଆ ପଡ଼ିଆ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଭିତ୍ତିଭୂମି ସମୀକ୍ଷା କରିବା ସହ ଉନ୍ନତି ଏବଂ ବିସ୍ତାର ପାଇଁ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ ଖେତ୍ରି, ଆଇଏସ ଶିକ୍ଷା ନିବେଶ ଶୁଭ୍ରା ପଣ୍ଡା , ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମୃତ ଲାଲ ବେହେରା ଉପସ୍ଥିତ ଥିଲେ।

## ଜିଲ୍ଲା କଂଗ୍ରେସର ମଶାଲ ଶୋଭାଯାତ୍ରା

ଭବାନୀପାଟଣା,(ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ପି ସି ସି ସଭାପତି ଭକ୍ତ ଦାସଙ୍କ ଆହ୍ୱାନରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଭୋଟ ଚୋର ଗାଦୀ ଛୋଡକୁ ଗୁରୁତ୍ୱ ଦେଇ ଏକ ବିଶାଳ ମଶାଲ ଶୋଭାଯାତ୍ରା । ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲ, ଇନ୍ଦ୍ରଜିତ ମହାକୁଡ ,ବରିଷ୍ଠ ନେତା ଭାଗବତ ଲାଲ,ସୁକାନ୍ତି ସରାଫ,ମାଣିକ୍ୟ ସୁନା, ପ୍ରେମ ଲାଲ ସାଗର, ଦ୍ରୌପଦୀ ମାଝୀ, ମାର୍ଜିନା ପ୍ରଧାନ, ସରୋଜ ବାଗ, ସୁବାଷ ପ୍ରଧାନ, ପ୍ରୀତମ ବେହେରା, ମହମ୍ମଦ ସାହେବ, ଶୁଭମ୍ ବାରିକ୍, ବ୍ରଜ୍ ସାହୁ ନିମାଞ୍ଚଳ ନାଏକ,ସଚିନ ନାଏକ, ସିଦ୍ଧାର୍ଥ ନାୟକ, ସନ୍ତୋଷ ପ୍ରଧାନ ସମେତ ଶହଶହ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

## ଚାଷୀଙ୍କୁ ଚଢ଼ା ଦରରେ ସାର ବିକ୍ରୟ କରୁଥିବା ବେପାରୀଙ୍କୁ ଗିରଫ ଦାବି

ସମ୍ବଲପୁର,(ସବ୍ୟୁ): ଦେଶର ଅନ୍ନଦାତା ଚାଷୀଙ୍କୁ କଳାବଜାରରେ ସାର ବିକ୍ରୟ କରାଯାଉଛି। ଫଳରେ ଚାଷୀ ମାନେ ଆର୍ଥିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏଭଳି ସ୍ଥଳେ କଳାବେପାରୀଙ୍କୁ ଅପରାଧିକ ମାମଲାରେ ଗିରଫ କରି ଜେଲ ଦଣ୍ଡ ଦେବାକୁ ସମ୍ବଲପୁର ବିଚାର ମଞ୍ଚ ପକ୍ଷରୁ ଦାବି କରାଯାଇଛି । ମଞ୍ଚର ଆବାହକ ବେଣୁଧର ଦାସ ଓ ଯୁଗ୍ମ ଆବାହକ ଦୁର୍ଗାମାଧବ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ସମ୍ବଲପୁର ଜିଲ୍ଲାରେ କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଠାରୁ ପ୍ରାୟ ଦେଢ ଦୁଇ ଗୁଣ ଦରରେ ସାର କିଣିବାକୁ ବାଧ କରାଯାଉଛି । ଏନେଇ ବିଭିନ୍ନ ଚାଷୀ ସଂଗଠନ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଗତକାଲି କୃଷକ ସଙ୍ଗଠନ ୟୁରିଆ ସାର କଳାବଜାର ହେଉଥିବା ଖବର ପାଇ ଗୋପାଳପାଲି ସ୍ଥିତ ଏକ ସାର ବ୍ୟବସାୟ କେନ୍ଦ୍ରକୁ ଚଢାଉ କରି ଜିଲାରେ ଚାଲିଥିବା ସାର ବିଶେଷ କରି ବହୁଳ ଭାବରେ ବ୍ୟବହାର ହେଉଥିବା ୟୁରିଆ ସାରର କଳା ବଜାର ଖବରକୁ ସତ୍ୟ ପ୍ରମାଣିତ କରିଛନ୍ତି। ତେବେ ଜିଲ୍ଲାରେ ଚାଲିଥିବା ସାର କଳାବଜାରୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଅପରାଧୀକ ମାମଲା ରୁଜୁ ଓ ସେମାନଙ୍କୁ ପ୍ରୋତ୍ସାହିତ କରୁଥିବା ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ଚାଷୀ ପଞ୍ଜିକରଣ ନୀତିରେ ସରକାର ଆଣିଲେ ପରିବର୍ତ୍ତନ

ବରଗଡ଼,(ସବ୍ୟୁ): ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ସରକାରଙ୍କ ନୂତନ ପଞ୍ଜୀକରଣ ନୀତି ଜଟିଳ ହୋଇଥିବା ଅଭିଯୋଗ କରି ବିଭିନ୍ନ ଚାଷୀ ସଂଗଠନ ସମେତ ବିରୋଧୀ ରାଜନୈତିକ ଦଳ ଗୁଡିକ ସରକାରଙ୍କୁ ଘେରି ବସିଥିଲେ। ଏହାକୁ ନେଇ ଏବେ ମଧ ଚାଷୀ ଅସନ୍ତୋଷ ଲାଗି ରହିଥିବା ବେଳେ ରାଜନୈତିକ ଦଳ ଗୁଡିକ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ଏହି କ୍ରମରେ ଚାଷୀ ପଞ୍ଜୀକରଣ ସରଳୀକରଣ ଦାବି ସହିତ ବିଭିନ୍ନ କୃଷି, କୃଷକ ସମସ୍ୟା ନେଇ ସୋମବାର ବିଜେଡି ପକ୍ଷରୁ ବରଗଡ଼ରେ ବିଶାଳ କୃଷକ ବିକ୍ଷୋଭ କାର୍ଯ୍ୟକ୍ରମ ରହିଛି। ତେବେ ଚାଷୀ ସଂଗଠନ ଏବଂ ବିରୋଧୀ ଦଳର ଆନ୍ଦୋଳନ ଚାପରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ କିଛି ପରିବର୍ତ୍ତନ ଆଣିଛନ୍ତି । ଚାଷୀ ପଞ୍ଜୀକରଣ ପାଇଁ ଏଣିକି ଚାଷୀଙ୍କୁ ଚାଷଜମି ଏବଂ ନିଜ ବଂଶାବଳୀ ନେଇ ଉଦ୍ଦିଷ୍ଟ ଆବେଦନ ଫର୍ମରେ କେବଳ ସ୍ୱ ଘୋଷଣା ଦେବାକୁ ପଡିବ ବୋଲି ରାଜ୍ୟ ସରକାରଙ୍କ ଖାଦ୍ୟ, ଯୋଗାଣ ଏବଂ ଖାଉଟୀ କଲ୍ୟାଣ ବିଭାଗ ପକ୍ଷରୁ ଏକ ଚିଠି ଜାରି ହୋଇଛି। ସେହିପରି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣ ଏବଂ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ପଞ୍ଜୀକୃତ ଚାଷୀଙ୍କ ଡିଜିଟାଲାଇଜେଶନ ଅବଧିକୁ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି।

# ଜନ୍ମାଷ୍ଟମୀରେ ନନ୍ଦୋତ୍ସବ ପାଳିତ



ଜୟପାଟଣା,(ସବ୍ୟୁ): ଯାଦବ ସମାଜ ଜୟପାଟଣା ତରଫରୁ ସ୍ଥାନୀୟ ଯାଦବ ଭବନ ଠାରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ଦିବସ ଓ ନନ୍ଦ ଉତ୍ସବ ଧୁମ୍ ଧାମରେରେ ପାଳିତ ହୋଇଯାଇଛି। ଜନ୍ମାଷ୍ଟମୀ ଦିନ ସାରା ରାତ୍ର ଉଜାଗର ରହି ହୋମ ଯଜ୍ଞ, ପୂଜନ କାର୍ଯ୍ୟ ଚାଲୁ ରହିଥିଲା। ଦୀପକ କୁମାର ରାଉତ ଓ ତାଙ୍କ ସହଧର୍ମିଣୀ ଗୋପ ଲକ୍ଷ୍ମୀ ରାଉତ କର୍ତ୍ତା କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ। ପରଦିନ ସକାଳ ୯ଘଣ୍ଟା ସମୟରୁ ନନ୍ଦ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏକ ସୁସଜ୍ଜିତ ଟୋକେଇରେ ସପ୍ତଫେଣି କାଳୀୟ ନାଗ ସହ ବାଳୁତ କୃଷ୍ଣଙ୍କୁ ମୁଣ୍ଡରେ ବହନ କରି ଏକ ବିରାଟ ପଟୁଆର ମାଧମରେ ନଗର ପରିକ୍ରମା ଜୟପାଟଣା ସହରକୁ ଢୁଲୁକେଇ ଦେଇଥିଲା। ପାରମ୍ପାରିକ ବନାବାଡ଼ି, ବାଲାଙ୍ଗୀରଜିଲ୍ଲା ସାଲେଭଟା ଗ୍ରାମରୁ ଆସିଥିବା ଦୁଲଦୁଲି ବାଜା, ଭଜନ କୀର୍ତ୍ତନ, ଜୟଯାଦବ –ଜୟମାଧବ ନାରା ମଧରେ ବାଳୁତ କୃଷ୍ଣଙ୍କ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ରହିଥିଲା।

ଯାଦବ ପୁଅଙ୍କ ଦହିହାଣ୍ଡି ଭଙ୍ଗା ଦୃଶ୍ୟ ଅତୀବ ମନୋରଞ୍ଜନ ହୋଇପାରିଥିଲା। ସହର ପରିକ୍ରମା ପରେ ଜୟପାଟଣା ପର୍ଶୁରାମ ପେଲେସ ଠାରେ ଏକ ସଭାର ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କୁଶଧର ଯାଦବ ପୂର୍ବତନ ଜିଲ୍ଲା ସମ୍ପାଦକ କଳାହାଣ୍ଡି, ମୁଖ୍ୟବକ୍ତା ଭାବେ ଅଶ୍ୱିନୀ କୁମାର ତାଣ୍ଡି ଭଏରୀପାଲି ଯାଦବ ସମାଜ, ସମ୍ମାନୀୟ ଅତିଥିଭାବେ ନୀଳାଞ୍ଚଳବାଗ ସଭାପତି ରଣ ମାଲ, ଭୁକଚନ ନାଗ ଜୟପାଟଣା, ନୀଳକଣ୍ଠ ରାଉତ,ରବୀନ୍ଦ୍ର ରାଉତ, ଦୀପକ ରାଉତ ପ୍ରଦୀପ ରାଉତ, ଦମ୍ବରୁ ଧର ରାଉତ, ଜୟପାଟଣା ବ୍ଲକ ଯାଦବ ସମାଜ ସମ୍ପାଦକ ରଷିମଣୀ ରାଉତ, ଆଞ୍ଚଳିକ ସଭାପତି ଦିଲ୍ଲୀପ ରାଉତ, ଯୋଗଦେଇ ଯାଦବ ସମାଜର ଉନ୍ନତି, ପ୍ରଗତି, ଶିକ୍ଷା, ସଂସ୍କାର, ସହ ଭାଇଚାରାର ସମ୍ପର୍କ ମଧରେ ଗଢି ଉଠିବା ପାଇଁ ମଞ୍ଚାସୀନ ଅତିଥିମାନେ ଦୃଢ଼ ମତ ପ୍ରକାଶ କରିଥିଲେ। ବ୍ଲକ ଯାଦବ ସମାଜ ସଭାପତି ଶତ୍ରୁଘ୍ନ ରାଉତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ସୁପରିଚାଳିତ ହୋଇଥିଲା। ଆଜିର ଦିନରେ ପାରମ୍ପରିକ ଭାବେ ପ୍ରତି ବର୍ଷ ପାଳନ କରିଆସୁଥିବା ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବକୁ ଆହୁରି ଯାକ ଜମକର ସହ ପାଳିତ କରିବାକୁ ଦୃଢ଼ ମତ ପ୍ରକାଶ ପାଇଥିଲା।

# ମେଗା ରକ୍ତଦାନ ଶିବିର



ଭବାନୀପାଟଣା, (ସବ୍ୟୁ): ସ୍ୱାଧିନତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ୪ ର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା ଓ ଶ୍ରୀ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପୁରୁଣା ପଡ଼ା କମିଟି ମିଳିତ ସହଯୋଗରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଶିବିରରେ ଲୋକସଭା ସଦସ୍ୟା ମାଳବିକା ଦେବୀ, ଜିଲ୍ଲାପାଳ,ଏସପି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ସରକାରୀ କର୍ମଚାରୀ ତଥା ମନ୍ଦିର କମିଟିର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଶିବିରରେ ମୋଟ୍ ୯୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଧାୟକ ଭବାନୀ ପାଟଣା ସଦର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଜୁନାଗଡ଼ ରୋଡ ଶାଖା ଓ ଅନ୍ୟାନ୍ୟ ସୁଭେଚ୍ଛୁ ତଥା ରକ୍ତଭଣ୍ଡାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ସମୟ

(ଶ୍ରୀମଦଭଗବଦ୍ ଗୀତା ୧୮/୧୭)

-ମୋକ୍ଷଯୋଗଃ-

(ଶ୍ରୀଭଗବାନୁବାଚ)

**ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।**
**ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ।। ୧୭ ।।**

(କଃ ତର୍ହିଁ ସୁମତିଃ ଯସ୍ୟ କର୍ମ୍ମଲୋପୋ ନାସ୍ତି ଇତି ଉକ୍ତଂ ଇତି ଅପେକ୍ଷାୟାଂ ଆହ)- ଯସ୍ୟ ଅହଂକୃତଃ ( ଅହଂ ଇତି କୃତଃ ଅହଂ କର୍ତ୍ତା ଇତି ଏବମ୍ଭୂତଃ) ଭାବଃ (ଅଭିପ୍ରାୟଃ) ନାସ୍ତି, ଯସ୍ୟ ବୁଦ୍ଧିଃ ନ ଲିପ୍ୟତେ (ଇଷ୍ଟାନିଷ୍ଟବୁଦ୍ଧ୍ୟା କର୍ମ୍ମସୁ ନ ସଜ୍ଜତେ), ସଃ (ଦେହାଦିବ୍ୟତିରିକ୍ତାତ୍ମଦର୍ଶୀ) ଇମାନ୍ ଲୋକାନ୍ (ସର୍ବାନପି ପ୍ରାଣିନାଃ) (ଲୋକାଦୃଷ୍ଟ୍ୟା) ହତ୍ୱାପି (ବିବିକ୍ତତୟା ସ୍ୱଦୃଷ୍ଟ୍ୟା) ନ ହନ୍ତି, ନ ନିବିଧ୍ୟତେ (ତତ୍କାର୍ଯ୍ୟେଣ ନ ସମ୍ବଧ୍ୟତେ) ।। ୧୭ ।।

# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ପ୍ରଧାନମନ୍ତ୍ରୀଙ୍କ ପଣ

୨୦୪୭ ମସିହାରେ ଅର୍ଥାତ୍ ଆଉ ପ୍ରାୟ ବାଇଶ ବର୍ଷ ପରେ ବିକଶିତ ଭାରତର ଲକ୍ଷ୍ୟ ହାସଲ ଦିଗରେ ଭାରତ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କର ସ୍ୱାଧୀନତା ଦିବସ (୨୦୨୫)ର ଅଭିଭାଷଣରେ ଉଦ୍‌ବୋଧନ ଦେଇ କହିଛନ୍ତି । ଭାରତ ଏବେ ଯେପରି ଘଡ଼ିସନ୍ଧି ମୁହୂର୍ତ୍ତ ମଧ୍ୟରେ ଗତି କରୁଛି, ତାହାକୁ ଠିକଣା ବାଟରେ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଯେ ସଂକଳ୍ପ କରିଛନ୍ତି, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ୨୦୧୪ରେ ପ୍ରଥମେ ପ୍ରଧାନମନ୍ତ୍ରୀ ହୋଇ ଅଗଷ୍ଟ ୧୫ରେ ଲାଲକିଲାରେ ଉଦ୍‌ବୋଧନ ଦେବା ସମୟରେ ସେ କହିଥିଲେ ଯେ ସେ ' ଭାରତର ପ୍ରଧାନମନ୍ତ୍ରୀ ନୁହଁନ୍ତି, ବରଂ ପ୍ରଧାନ ସେବକ' । ସେହି ସେବା ମନୋବୃତ୍ତି ନେଇ ଶ୍ରୀ ମୋଦୀ ଭାରତର ଉତ୍ଥାପନ ଚାହୁଁଛନ୍ତି ।

ଭାରତ ଶତ୍ରୁ କବଳିତ ଥିଲା ଏବଂ ପାକିସ୍ତାନ ପରି ଆତଙ୍କବାଦୀ ରାଷ୍ଟ୍ର, ଭାରତରେ ଆତଙ୍କବାଦ ଭିଆଇ ସର୍ବଦା ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଜାରି ରଖିଥିଲା । ଏପରିକି ସୀମାନ୍ତବର୍ତ୍ତୀ ଜାମ୍ମୁ ଓ କାଶ୍ମୀର ଅଞ୍ଚଳ ଭାରତ ଅନ୍ତର୍ଗତ ଥିଲେ ମଧ୍ୟ ସେଠାରେ ପାକିସ୍ତାନ ଆତଙ୍କବାଦ ସୃଷ୍ଟି କରୁଥିଲା । ସେଠାରେ କଂଗ୍ରେସ ଅମଳରୁ ତ ଦ୍ୱୈତ ଶାସନ ଚାଲୁଥିଲା । ଭାରତ ଓ କାଶ୍ମୀର ଏହି ପରି ଭିନ୍ନ ଭିନ୍ନ ପତାକା ବି ସ୍ୱାଧୀନତା ଦିବସରେ ଉଡ଼ା ଯାଉଥିଲା । ମାତ୍ର ମୋଦିଜୀ ଜାମ୍ମୁ ଓ କାଶ୍ମୀରକୁ ସମ୍ପୂର୍ଣ୍ଣ ଭାବେ ଭାରତ ମଧ୍ୟକୁ ଆଣି ପାରିଲେ । ତାହା ଭାରତର କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇ ପାରିଲା । ଜାମ୍ମୁ ଓ କାଶ୍ମୀର ଅଞ୍ଚଳରୁ ଯୁବକମାନଙ୍କୁ ଉତ୍କୋଚ ଦେଇ ଧର୍ମ ନାମରେ ସେମାନଙ୍କୁ ଭାରତ ବିରୋଧରେ ମତାଇ ଆସୁଥିଲା ପାକିସ୍ତାନ । ମାତ୍ର ପହଲଗାମରେ ନୀରିହ ଲୋକଙ୍କ ଉପରେ ଗତ ୨୨ ଅପ୍ରେଲ (୨୦୨୫)ରେ ପାକିସ୍ତାନ ଯେପରି ଆତଙ୍କବାଦ ଚଳାଇ ୨୬ ଜଣଙ୍କୁ ହତ୍ୟା କରିଥିଲା, ଆଉ ଅନେକ ମା' ଓ ଭଉଣୀଙ୍କ ମଥାରୁ ସିନ୍ଦୂର ଲିଭି ଯାଇଥିଲା, ତାହାର ପ୍ରତିଶୋଧ ଦୃଢ଼ ଭାବରେ ନେଇଥିଲେ ମୋଦିଜୀ 'ଅପରେସନ ସିନ୍ଦୂର' ଜରିଆରେ । ଭାରତୀୟ ସୈନିକମାନେ ଆକାଶ ମାର୍ଗରେ ପାକିସ୍ତାନ ଭିତରେ ପଶି ଆତଙ୍କବାଦୀଙ୍କ ସମେତ ସେମାନଙ୍କ ଆଡ୍ଡାସ୍ଥଳକୁ ଧ୍ୱଂସ କରି ଦେଇଥିଲେ । ୧୯୬୨ରେ ଭାରତ ଓ ଚୀନର ସୀମା ବିବାଦରୁ ଯୁଦ୍ଧ ଆରମ୍ଭ ହୋଇଥିଲା । ଅତର୍କିତ ଭାବେ ଚାଇନା ଭାରତ ଉପରେ ଆକ୍ରମଣ କରି ଭାରତକୁ ଅସୁବିଧାରେ ପକାଇଥିଲା । ପ୍ରଧାନମନ୍ତ୍ରୀ ନେହେରୁଙ୍କ ପଞ୍ଚଶୀଳ ନୀତି ପ୍ରତି ବିଶ୍ୱାସଘାତକତା କରି ଚାଇନା ଏପରି ପଦକ୍ଷେପ ନେଇଥିଲା ସେତେବେଳେ ।

ମାତ୍ର ପରିସ୍ଥିତି ବଦଳି ଯାଇଛି । ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଆଉ ନାହାନ୍ତି । ସେ ଦିନର ଶାସନ କ୍ଷମତାକୁ ଅକ୍ତିଆର କରିଥିବା ସବୁଠାରୁ ପୁରାତନ ଦଳ କଂଗ୍ରେସ ଏବେ ବିରୋଧୀ ଆସନରେ । କଂଗ୍ରେସ ସଂସଦରେ ତା'ର ଉପସ୍ଥିତିକୁ ଜାହିର କରିବାକୁ ଚାହୁଁଛି । ମାତ୍ର ସଂସଦକୁ ଅଚଳ କରିଦେଇ ସରକାରଙ୍କ ଉପରେ ଆକ୍ରମଣ କରିବାରୁ ସେ ଆକ୍ରମଣ ସମ୍ଭବତଃ ସଫଳ ହୋଇ ପାରୁନାହିଁ ।

୧୯୯୯ରେ ଚାଇନା ଯେତେବେଳେ ତାଙ୍କ ଶାସନର ଅର୍ଦ୍ଧ ଶତାବ୍ଦୀ ବା ପଚାଶ ବର୍ଷର ପୂର୍ତ୍ତି ଉତ୍ସବ ପାଳନ କରିଥିଲା, ତାଙ୍କ ଦେଶର ତିଆନନମେନ ଛକରେ ଏକ ବିରାଟ ପ୍ୟାରେଡ୍ ଉତ୍ସବର ଆୟୋଜନ କରାଯାଇଥିଲା, ଚାଇନା ଲୋକଙ୍କ ଗଣତନ୍ତ୍ର (People's Republic of China ) ପକ୍ଷରୁ । ସେତେବେଳେ ଚାଇନା ବାହାର ରାଷ୍ଟ୍ରରୁ କାହାଙ୍କୁ ବି ଏହି ଉତ୍ସବରେ ଯୋଗ ଦେବା ଲାଗି ନିମନ୍ତ୍ରଣ ମଧ୍ୟ କରି ନଥିଲା । ମାତ୍ର ଚାଇନାର ଗଣତନ୍ତ୍ର ଯାହା ୧୯୪୯ ଅକ୍ଟୋବର ୧ ତାରିଖରେ ପ୍ରତିଷ୍ଠା ଲାଭ କରିଥିଲା, ତାହାର ପଚାଶବର୍ଷର ପୂର୍ତ୍ତି ଉତ୍ସବ ସମଗ୍ର ବିଶ୍ୱକୁ ଏକ ବାର୍ତ୍ତା ଦେଇଥିଲା ଯେ ସାରା ବିଶ୍ୱରେ ଚାଇନା ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ମୁଣ୍ଡ ଟେକି ଛିଡା ହେବ । ଚାଇନା ସେତେବେଳେ ସୋଭିଏତ୍ ରୁଷ ମାର୍ଗରେ ନଯାଇ ନିଜ ଗୋଡ଼ରେ ନିଜେ ଛିଡା ହେବା ପାଇଁ ଉଦ୍ୟମ ଆରମ୍ଭ କରି ସଫଳ ମଧ୍ୟ ହୋଇଥିଲା ।

ପରିବର୍ତ୍ତିତ ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପ୍ରଭାବ ସମଗ୍ର ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଚାଇନା ଗସ୍ତରେ ଯିବା ଲାଗି ତାଙ୍କୁ ନିମନ୍ତ୍ରଣ କରୁଛି ଚାଇନା । ଚାଇନାର ଆଗ୍ରହ ଫଳରେ ଭାରତ ଓ ଚାଇନା ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳ ଏବେ ସମ୍ଭବ ହୋଇଛି । ଚାଇନାର ଅର୍ଥନୀତି ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର କରି ପାରିଥିଲା । ମାତ୍ର ଚାଇନା ପରି ଭାରତ ଏବେ ସମଗ୍ର ବିଶ୍ୱରେ ଅନ୍ୟତମ ପ୍ରଭାବଶାଳୀ ରାଷ୍ଟ୍ର ହୋଇପାରିଛି ଓ ଆର୍ଥନୀତିକ ହାରରେ ବିଶ୍ୱର ଅନେକ ରାଷ୍ଟ୍ରଙ୍କୁ ପଛରେ ପକାଇ ସାରିଲାଣି । ୨୦୧୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅବଶ୍ୟ ଚାଇନା ଗସ୍ତରେ ଯାଇଥିଲେ । ମାତ୍ର ପ୍ରାୟ ଦଶ ବର୍ଷ ମଧ୍ୟରେ ମୋଦୀଙ୍କ ଚାଇନା ଗସ୍ତ ଉପରେ ଏବେ ସମସ୍ତଙ୍କ ଦୃଷ୍ଟି । ସମଗ୍ର ବିଶ୍ୱରେ ଆତ୍ମନିର୍ଭର ଭାରତ କେବଳ ଖେଳନା ଓ ମୋବାଇଲ ଫୋନ ରପ୍ତାନୀ ମାଧ୍ୟମରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ବାଛି ନେଇ ପାରିଛି । ବୟନଶିଳ୍ପ ରପ୍ତାନୀ କ୍ଷେତ୍ରରେ ଭାରତ ମଧ୍ୟ ପଛରେ ପଡ଼ିନାହିଁ । ସେଥିପାଇଁ ସ୍ୱାଧୀନତା ଦିବସ ପାଳନ ଅବସରରେ ମୋଦିଜୀ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱାରୋପ କରି ଯୁବକମାନଙ୍କୁ ନୂତନ ବୈଜ୍ଞାନିକ ଗବେଷଣା ପାଇଁ ପ୍ରବର୍ତ୍ତାଇଛନ୍ତି । ଭାରତୀୟ ନାଗରିକଙ୍କ ସୁରକ୍ଷା ପାଇଁ ମଧ୍ୟ ସ୍ୱାଧୀନତା ଦିବସ ଭାଷଣରେ ଶ୍ରୀକୃଷ୍ଣଙ୍କ ସୁଦର୍ଶନ ଚକ୍ର ନାମରେ ନୂତନ ଅଭିଯାନ ଆରମ୍ଭ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତୀୟମାନଙ୍କୁ ନିର୍ଭର ପ୍ରତିଶୃତି ମଧ୍ୟ ଦେଇଛନ୍ତି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଯୁଦ୍ଧ ବିଭୀଷିକା ଓ ବିଶ୍ୱଶାନ୍ତି



## ରୁଚିର କୁମାର ପାଣିଗ୍ରାହୀ

ମାନବ ସଭ୍ୟତା ଆରମ୍ଭରୁ ଯୁଦ୍ଧର ସୂତ୍ରପାତ । କେବେ ଅସ୍ତିତ୍ୱର ଲଢ଼େଇ ତ କେବେ ପୁଣି କ୍ଷମତା ଦଖଲ କରିବାର ଲାଳସା, ଗାଦି ଅକ୍ତିଆର କରିବାର ନିଶା, ନିଜକୁ ସର୍ବଶ୍ରେଷ୍ଠ ପ୍ରତିପାଦନ କରିବାର ମୋହ ଇତ୍ୟାଦି ବିଭିନ୍ନ କାରଣରୁ ଯୁଦ୍ଧର ଆରମ୍ଭ ହୋଇଛି । ଇତିହାସ ସାକ୍ଷୀ ରଖିଛି ବହୁ ରକ୍ତକ୍ଷୟୀ ଯୁଦ୍ଧ ବିଭୀଷିକାକୁ । ଏବେ ମଧ୍ୟ ଆମେ କହୁଥିବା ଆଧୁନିକ ପୃଥିବୀକୁ ଭୋଗିବାକୁ ପଡୁଛି ଯୁଦ୍ଧ ଯାତନା ।

ଯୁଦ୍ଧ କଥା ଭାବିଲେ, ପଢ଼ିଲେ କିମ୍ବା ଶୁଣିଲେ ଲୋମ ଟାଙ୍କୁରି ଉଠେ । ସ୍ୱତଃ ମନରେ ପ୍ରଶ୍ନଉଠେ ଯେ ଏହା କଣ ଆବଶ୍ୟକ ଓ ଅବଶ୍ୟାମ୍ଭାବୀ? ଉତ୍ତର ଯେତେ ସଠିକ୍ ହୋଇଥାଉନା କାହିଁକି, ଏହାଦ୍ୱାରା ଯେ ଶାନ୍ତି ବହୁମାତ୍ରାରେ ବ୍ୟାହାତ ହୋଇଥାଏ, ଅଗ୍ରାହ୍ୟ କରିହେବ ନାହିଁ । ଯୁଦ୍ଧ ଏକ ଅବସ୍ଥା ଓ ପରିସ୍ଥିତିକୁ ବୁଝାଏ ଯେଉଁଠି ଦୁଇ ଭିନ୍ନ ଦେଶ କିମ୍ବା ଏକ ଦେଶର ଭିନ୍ନ ଦଳ ବା ସମ୍ପ୍ରଦାୟ ମଧ୍ୟରେ ସେନା ଓ ଅସ୍ତ୍ର ବ୍ୟବହାର କରି ହିଂସାତ୍ମକ ଲଢ଼େଇ ହୋଇଥାଏ । ଏହାର ପରିସର ଜଳ, ସ୍ଥଳ ଓ ଆକାଶ ମଧ୍ୟକୁ ବ୍ୟାପିଥାଏ । ସରଳ ଭାବରେ କହିଲେ ଏହା ଏକ ହିଂସାତ୍ମକ ପଦକ୍ଷେପ ଯାହାର ମୂଳ ଉଦ୍ଦେଶ୍ୟ ହେଲା ବିରୋଧୀ ପକ୍ଷ ଆମ ଇଚ୍ଛାକୁ ଗ୍ରହଣ କରୁ । ଏହାର କାରଣ ରାଜନୈତିକ, ପରିବାରବାଦ, ଅର୍ଥନୈତିକ, ସାମାଜିକ କିମ୍ବା ଭିନ୍ନ ଚିନ୍ତାଧାରାର ବିଷୟ ହୋଇପାରେ । ଜର୍ଜ ଓରୱେଲ୍, ଜଣେ ଇଂରାଜୀ ଲେଖକ ଓ ସମାଲୋଚକ କୁହନ୍ତି ''ଯୁଦ୍ଧ ହିଁ ଯୁଦ୍ଧ ସୃଷ୍ଟି କରେ, ଯେଉଁଠି ଉତ୍ତମ ମଣିଷର ମୃତ୍ୟୁ ହୁଏ'' । ଏହା ସାଧାରଣତଃ ଭୂମି ଉପରେ ଅଧିକାର, ପ୍ରତିଦ୍ୱନ୍ଦ୍ୱିତା, ଧାର୍ମିକ ବିବାଦ ଏବଂ ଜାତୀୟତାବାଦକୁ ନେଇ ସଂଗଠିତ ହୋଇଥାଏ । ମାନବ ସମାଜ ତିଷ୍ଠି ରହିବା ପାଇଁ ନିଜ ମଧ୍ୟରେ ଭ୍ରାତୃତ୍ୱଭାବ ଓ ପରସ୍ପରକୁ ସ୍ନେହ, ଶ୍ରଦ୍ଧା ଓ ବିଶ୍ୱାସ କରିବା ଆବଶ୍ୟକ । ଯୁଦ୍ଧର ମୁଖ୍ୟ ଉଦ୍ଦେଶ୍ୟ ସାଧନ ପାଇଁ ଦୁଇପକ୍ଷର ସଦସ୍ୟମାନଙ୍କୁ ହତ୍ୟା ମସୁଧା ଥିବାରୁ, ଏହା ଅନିଷ୍ଟ ଓ କ୍ଷତିକାରକ ସିନା ଉପାଦେୟ ନୁହେଁ ।

ଯୁଦ୍ଧର ଇତିହାସକୁ ତର୍ଜମାକଲେ ଜଣାଯାଏ ଯେ ଏହା ବିଗତ ୩ଶତାବ୍ଦି ଧରି ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ସଂଘଠିତ ହୋଇଅଛି । ୧୭ତମ ଶତାବ୍ଦିର ମଧ୍ୟଭାଗ ବେଳକୁ ଧର୍ମୀୟ ଯୁଦ୍ଧ ଶେଷ ହୋଇ ବ୍ୟକ୍ତି ସ୍ୱାଧୀନତା ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଥିଲା । କ୍ରମେ ସର୍ବମୂଳକ ହୋଇ ଫ୍ରେଞ୍ଚ ରିଭୋଲ୍ୟୁସନ ବେଳକୁ ଏହାର ପରିସର ବ୍ୟାପକ ହୋଇ କ୍ଷୁଦ୍ର ସୈନ୍ୟଦଳ ଗଠିତ ହୋଇ ଗୃହଯୁଦ୍ଧରେ ପରିଣତ ହେଲା । ସାଧାରଣ ଲୋକଙ୍କର ମଧ୍ୟ ବିଚାରଧାରା ଓ ସଚେତନତା ବୃଦ୍ଧିଘଟି ସଂଘଠିତ ହେବାକୁ ଲାଗିଲେ । ନେପୋଲିୟନ ଶାସନବେଳେ ଯୁଦ୍ଧର ଲକ୍ଷ୍ୟ ସ୍ଥିର ହୋଇ ଜାତୀୟ ସ୍ତରରେ ପ୍ରତିପାଦିତ ହୋଇଥିଲା । ଇତିହାସରେ ପ୍ରଥମ ଯୁଦ୍ଧ ପ୍ରାୟ ୧୩୦୦୦ବର୍ଷ ତଳର ୨୭୦୦ ଖ୍ରୀଷ୍ଟପୂର୍ବ ବେଳକୁ ମେସୋପଟାମିୟାରେ ସମର ଓ ଇଲମ ଗୋଷ୍ଠୀ ମଧ୍ୟରେ ସଂଘଠିତ ହୋଇଥିଲା, ଯେଉଁଥିରେ ସମରୀୟାନ ରାଜା ଏଜେମ୍ବୋରାଗେସୀ ବିଜୟୀ ହୋଇଥିଲେ । ଇତିହାସ ପୃଷ୍ଠାରେ ଯୋଡିହୋଇ ରହିଛି ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ, ସିଭିଲ ୱାର ଅଫ୍ ଆମେରିକା ଓ ଚୀନ, ଭିଏତ୍‌ନାମ ଯୁଦ୍ଧ, ଇସ୍ରାଏଲ୍, ଆରବ ସମୂହ ଯୁଦ୍ଧ ଇତ୍ୟାଦି । ଦୀର୍ଘ ଦିନ ଧରି ପ୍ରାୟ ୬୦୦ରୁ ୭୦୦ ବର୍ଷ ପର୍ଯ୍ୟନ୍ତ ଚାଲିଥିବା ଯୁଦ୍ଧ ମଧ୍ୟରେ ଅଛି ଆଂଲୋ-ଫରାସୀ ଓ ରୋମାନ୍-ପର୍ସିୟାନ ଯୁଦ୍ଧ । ତେବେ ଆଂଲୋ-ଜାଞ୍ଜିବର ଯୁଦ୍ଧ ୧୮୯୬ ମସିହାରେ ମାତ୍ର ୪୫ମିନିଟ୍ ଧରି ଚାଲିଥିଲା, ଯାହା ସବୁଠାରୁ ଅଳ୍ପ ସମୟ ବୋଲି କୁହାଯାଏ ।

ଆମ ଦେଶ ଭାରତକୁ ଦେଖିଲେ, ପୁରାଣ ଯୁଗରୁ ଯୁଦ୍ଧର ବିଭୀଷିକା ଓ କାହାଣୀର ପ୍ରମାଣ ମିଳିଥାଏ । ରାମାୟଣ ଯୁଗରେ ରାମ-ରାବଣ ଯୁଦ୍ଧ, ଦ୍ୱାପର ଯୁଗରେ କୌରବ-ପାଣ୍ଡବଙ୍କ ମଧ୍ୟରେ ମହାଭାରତ ଯୁଦ୍ଧ ଘରେ ଘରେ ପରିଚିତ । ଭାରତୀୟ ଇତିହାସରେ ଘଟିଥିବା ଯୁଦ୍ଧର ତାଲିକା ବହୁତ ଲମ୍ବା । ତା'ମଧ୍ୟରୁ ୧୫୨୬ ମସିହାରେ ପାନିପଥ, ୧୫୩୯ରେ ଚଉଷା, ୧୭୩୯ରେ କର୍ଣ୍ଣାଲ, ୧୭୫୭ ମସିହାରେ ପଲାସୀ, କଳିଙ୍ଗ ଓ ହଳଦୀଘାଟ ଯୁଦ୍ଧ ଅନ୍ୟତମ ଅଟେ । ଭାରତୀୟ ସେନାବାହିନୀ ପାକିସ୍ତାନ ବିରୁଦ୍ଧରେ ୪ଗୋଟି ଓ ୧୯୯୯ ମସିହାରେ କାରଗିଲ୍ ଯୁଦ୍ଧରେ ବିଜୟପ୍ରାପ୍ତ କରିଥିବାବେଳେ ୧୯୬୨ ଓ ୧୯୬୭ ମସିହାରେ ଚୀନ୍ ଦେଶ ବିରୁଦ୍ଧରେ ୨ଗୋଟି ଯୁଦ୍ଧ ଲଢ଼ିଛନ୍ତି । ଭାରତର ସଶସ୍ତ୍ର ବାହିନୀ ବହୁବାର ସଂଯୁକ୍ତ ଦେଶ ସମୂହ (ୟୁ.ଏନ୍)ର ଶାନ୍ତି ପ୍ରକ୍ରିୟାରେ ଭାଗନେଇ କୃତିତ୍ୱ ଅର୍ଜନ କରିଅଛନ୍ତି । ଏବେ ମଧ୍ୟ ବିଶ୍ୱରେ ଶାନ୍ତି ବାହିନୀରେ ଯୋଗ ଦେଇଥିବା ଦେଶ ସମୂହ ମଧ୍ୟରୁ ଭାରତ ଅଧିକ ସଂଖ୍ୟକ ସୈନ୍ୟ ପଠାଇବାରେ ଦ୍ୱିତୀୟ ଅଟେ । କଳିଙ୍ଗ ଯୁଦ୍ଧ ଦୀର୍ଘସମୟ ଧରି ଲାଗି ୨୬୧ ଖ୍ରୀଷ୍ଟପୂର୍ବର ଅନ୍ତ ହୋଇଥିଲା ।

ଏହା ମୌର୍ଯ୍ୟ ସମ୍ରାଟ୍ ଅଶୋକ ଏବଂ ସ୍ୱାଧୀନ ରାଜା କଳିଙ୍ଗ ମଧ୍ୟରେ ହୋଇଥିଲା । ଏହି ଯୁଦ୍ଧରେ ଅଶୋକ ଜୟଯୁକ୍ତ ହୋଇଥିଲେ ମଧ୍ୟ ଯୁଦ୍ଧ ବିଭୀଷିକା ଓ ରକ୍ତକ୍ଷୟ ଦେଖି ସେ ବ୍ୟଥିତ ହୋଇ ଶାନ୍ତି ପାଇଁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ବୋଲି କୁହାଯାଏ । ଏହି କଥିତ କଳିଙ୍ଗ ରାଜ୍ୟ ବର୍ତ୍ତମାନ ଓଡିଶାର ପୂର୍ବ ଐତିହାସିକ ନାମ ବୋଲି ଜଣାଯାଏ ଏବଂ ଏହା ଧଉଳିଠାରେ ଦୟାନଦୀ ତୀରରେ ସଂଘଠିତ ହୋଇଥିଲା ବୋଲି ପ୍ରମାଣ ମିଳେ ।

ବର୍ତ୍ତମାନ ସମୟର ଯୁଦ୍ଧ ବିଭୀଷିକା ଦେଖିଲେ ଜଣାଯାଏ ଯେ ୨୦୨୪ ମସିହା ସୁଦ୍ଧା ବିଭିନ୍ନ କନ୍ଦଳ, କଳହ ଓ ସ୍ୱାର୍ଥ ପାଇଁ ବିଶ୍ୱର ଅନେକ ଦେଶ ଯୁଦ୍ଧରତ ଅଛନ୍ତି । ରୁଷିଆ ୨୦୧୪ ମସିହାରେ ୟୁକ୍ରେନ୍ ସହ ଯୁଦ୍ଧ ଆରମ୍ଭ କରିଥିଲା ଏବଂ ଗଚ୍ଛିତ ଲିଥିୟମ ଧାତୁ, ଶସ୍ୟ ଭଣ୍ଡାର ଓ ଖଣିଜ ପଦାର୍ଥ ଉପରେ ଆଖି ପକାଇ ପୁରା ପ୍ରସ୍ତୁତି ସହ ୨୦୨୨ରେ ଆକ୍ରମଣ କରି ଅନେକ ଧନସମ୍ପତ୍ତି ନଷ୍ଟ କରିଥିଲା ଏବଂ କେମିତି ନାଟୋ ସଦସ୍ୟ ନହେବେ, ସେଥିପାଇଁ ଚାପସୃଷ୍ଟି ହୋଇଥିଲା । ମାତ୍ର ୟୁକ୍ରେନ୍ ଦେଶ ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ଯୁଦ୍ଧରେ ସାମିଲ ହୋଇ, ଏବେ ବି ଯୁଦ୍ଧରତ ଅଛି । ଆନ୍ତର୍ଦ୍ଦେଶୀୟ ଅପରାଧ ନ୍ୟାୟାଳୟ ବିଦ୍ଧିବଦ୍ଧ ତଦନ୍ତ ପରେ ଋଷ ରାଷ୍ଟ୍ରପତି ପୁଟିନ୍ ବିରୁଦ୍ଧରେ ଗିରଫ ପରୱାନା ଜାରି କରିଅଛନ୍ତି । ହଜାର ହଜାର ସୈନ୍ୟ ଓ ସାଧାରଣ ଲୋକେ ଏଥିରେ ମୃତ୍ୟୁବରଣ କରିଛନ୍ତି ଏବଂ ଅନେକ ବାସହରା ହୋଇ ଜୀବନ ବିତାଉ ଅଛନ୍ତି । ଇସ୍ରାଏଲ ଓ ପାଲେଷ୍ଟାଇନ୍ ଦେଶ ମଧ୍ୟରେ ଯୁଦ୍ଧ ଭୀଷଣ ରୂପ ଧାରଣ କରିଅଛି । ଏଥିରେ ଭୂମି ପାଇଁ ଉଭୟ ସାମରିକ ଓ ରାଜନୈତିକ ବିବାଦ ଚାଲିଅଛି । ଇସ୍ରାଏଲ ବିଜୟୀ ହେଉଥିଲେ ମଧ୍ୟ ସୀମା ବିବାଦ, ଜେରୁଜେଲମ୍‌ର ସ୍ଥିତି, ଜଳ ଅଧିକାର ଓ ପାଲେଷ୍ଟାଇନ୍‌ର ମୁକ୍ତି ସଂଗ୍ରାମ ବିଷୟମାନ ଜଡିତ ଅଟେ । ଏତଦ୍ ବ୍ୟତୀତ ମିଆଁମାର, ସିରିୟା, ମେକ୍ସିକୋ, ନାଇଜେରିଆ, ବ୍ରାଜିଲ୍, ଲେବାନନ୍, ସୁଦାନ୍, କାମେରୁନ ଓ କଲମ୍ବିଆରେ ବିଭିନ୍ନ ବିରୋଧ ଭାବ ଯୋଗୁଁ ଯୁଦ୍ଧ ପରିସ୍ଥିତି ଉପୁଜିଅଛି । ସଦ୍ୟତମ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଲଢ଼େଇ ମୁଣ୍ଡ ଟେକିଅଛି । ଡୁରାଣ୍ଡ ଲାଇନ୍ ରାଜିନାମା ୧୯୪୭ ମସିହାର ସ୍ୱାଧୀନତା ପରେ ଗ୍ରହଣ କରିଥିଲେ ମଧ୍ୟ ଆଫଗାନିସ୍ତାନ ସରକାର ଗ୍ରହଣ କରୁନାହିଁ ଏବଂ ବହୁବାର ପାକିସ୍ତାନର ପଶ୍ଚିମ ପ୍ରଦେଶରେ ଥିବା ବାଲୁଚିସ୍ତାନ ଓ ଖାଇବର ପାଖ୍ତୁନଖ୍ୱାକୁ ଅକ୍ତିଆର କରିବା ପାଇଁ ଚେଷ୍ଟା କରୁଅଛି, ଯେଉଁଠି ତାଲିବାନ୍ ଉଗ୍ରପନ୍ଥୀମାନେ ସକ୍ରିୟ ଅଛନ୍ତି ।

*(ଶେଷଭାଗ ଆସନ୍ତାକାଲି)*

**ଅମଲାପଡା ୨ୟ ଲେନ୍, ଅନୁଗୁଳ**
**ମୋ- ୯୪୩୭୩୩୪୦୦୮**

# ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର ବିକାଶ

## ପ୍ରେମାନନ୍ଦ ପାଣିଗ୍ରାହୀ

ହସ୍ତତନ୍ତ ଓ ହସ୍ତଶିଳ୍ପର କାରୁକାର୍ଯ୍ୟ କ୍ଷେତ୍ରରେ ଓଡ଼ିଶାର ସଂସ୍କୃତି ବେଶ୍ ସମୃଦ୍ଧ । ଏହା ଆମ ଐତିହ୍ୟ ଓ ପରମ୍ପରାର ପ୍ରତୀକ । ବୁଣାକାରମାନେ ତାଙ୍କ କାରିଗରୀ କୌଶଳରେ ଆମ ସଂସ୍କୃତି ଓ କଳାକୁ ସୂତାରେ ବାନ୍ଧି ରଖିଛନ୍ତି । ବୟନ ଶିଳ୍ପରେ ଜଡିତ ରହିଛି ଓଡ଼ିଶାର ମାନ,ସ୍ୱାଭିମାନ,ଉଦ୍‌ବେଳନ ଓ ପ୍ରାଣର ସ୍ପନ୍ଦନ । ହସ୍ତତନ୍ତ ମାଧ୍ୟମରେ ଆମର କଳା,ସଂଗୀତ,ସଂସ୍କୃତି,ଆଧ୍ୟାତ୍ମିକ ଓ ସାଂସ୍କୃତିକ ଭାବାବେଗ ପ୍ରକାଶିତ ହୋଇଥାଏ । ପୂର୍ବେ ବୋଇତରେ ସାଧବମାନେ ପ୍ରାଚୀନ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ବିଦେଶକୁ ରପ୍ତାନୀ କରୁଥିଲେ । କୃଷି ପରେ ଦ୍ୱିତୀୟ ବୃହତ୍ତମ କର୍ମନିଯୁକ୍ତିର କ୍ଷେତ୍ର ଭାବରେ ବୟନଶିଳ୍ପ ଗ୍ରାମାଞ୍ଚଳ ଲୋକମାନଙ୍କୁ ସର୍ବାଧିକ କର୍ମସଂସ୍ଥାନ ଯୋଗାଇଥାଏ । ହସ୍ତତନ୍ତ କେବଳ ଆମ ଆଭିଜାତ୍ୟର ପ୍ରତୀକ ନୁହେଁ ଏହା ଦେଶର ଅର୍ଥନୀତିର ପ୍ରମୁଖ ଅଂଶ । ଉତ୍ପାଦନ, ରପ୍ତାନୀ ଏବଂ କର୍ମନିଯୁକ୍ତି ମାଧ୍ୟମରେ ଦେଶର ଘରୋଇ ଉତ୍ପାଦନର ଏକ ସିଂହଭାଗ ଏଇ ହସ୍ତତନ୍ତ କ୍ଷେତ୍ରରୁ ହିଁ ଆସିଥାଏ ।

ପରାଧୀନ ଭାରତରେ ବ୍ରିଟିଶ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇ ୧୯୦୫ ମସିହା ଅଗଷ୍ଟ ୭ ରେ କଲିକତାର ଟାଉନ ହଲ ଠାରେ ଦେଶରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ କରାଯାଇଥିଲା ।

୧୯୨୦ ମସିହାରେ ଭାରତରେ ସ୍ୱଦେଶୀ ଆନ୍ଦୋଳନ ଅନ୍ତର୍ଗତ ଖଦିକୁ ଏକ ଜାତୀୟତାବାଦୀ ଅସ୍ତ୍ର ରୂପେ ଗାନ୍ଧିଜୀ ଉପସ୍ଥାପିତ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ ମାଧ୍ୟମରେ ସେ ଉପନିବେଶବାଦୀ ଶୋଷଣର ମୂଳକୁ ଆଘାତ କରିଥିଲେ । ତେଣୁ ହସ୍ତତନ୍ତ ଉତ୍ପାଦନରେ ଭାରତର ଉତ୍କର୍ଷ ପରମ୍ପରା ରହିଛି । ଏହି ଶିଳ୍ପ ବିଭିନ୍ନ କାରଣରୁ ବର୍ତ୍ତମାନ ସଂକଟଜନକ ପରିସ୍ଥିତିରେ ଗତି କରୁଛି । ସୂତା କିଣା ଠାରୁ ଆରମ୍ଭ କରି ବସ୍ତ୍ର ବିକ୍ରି ପର୍ଯ୍ୟନ୍ତ ବୁଣାକାରମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ମହଙ୍ଗା ସୂତା ଓ ରଙ୍ଗ ବୁଣାକାରମାନଙ୍କୁ ନିରାଶ କରିଦେଇଥିବା ବେଳେ ତା'ଉପରେ ଜି.ଏସ.ଟି ଆର୍ଥିକ ବୋଝ ଭାବରେ ବୁଣାକାର ଓ ହସ୍ତତନ୍ତ ଲୁଗା ପ୍ରତି ବାଧକ ସାଜିଛି । ମନୁଷ୍ୟକୃତ ତନ୍ତୁ,ସୂତା,କପଡା ଏବଂ ପୋଷାକ ଉପରେ ୫ ପ୍ରତିଶତ ଜି.ଏସ.ଟି ମଧ୍ୟ ରହିଛି । ଫଳରେ ଗ୍ରାହକମାନେ ଏହି ସାମଗ୍ରୀ କିଣିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଓ ବୁଣାକାରମାନେ ଅନେକ ମାତ୍ରାରେ କ୍ଷତି ସହୁଛନ୍ତି । ବୁଣାକାରମାନଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ଦୟନୀୟ ହୋଇ ରହିଛି । ଶିଳ୍ପୀ ଓ କାରିଗରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ଜି.ଏସ.ଟି ମୁକ୍ତ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ପାରିଲେ ସେମାନେ ପ୍ରକୃତରେ ଉପକୃତ ହୋଇପାରନ୍ତେ ।

**ରାଜ୍ୟର ସମୁଦାୟ ୧ ଲକ୍ଷ ୨୨ ହଜାର ୩୩୫ ଜଣ ବୁଣାକାର ହସ୍ତତନ୍ତ କ୍ଷେତ୍ରରେ ନିଜକୁ ନିୟୋଜିତ କରି ଜୀବିକା ନିର୍ବାହ କରୁଛନ୍ତି । ଏମାନେ ଶାଢୀ, କପଡା, ଗାମୁଛା, ଧୋତି, ବେଡସିଟ, ଟେବୁଲ କ୍ଲଥ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିଥାନ୍ତି । ଏହି କାରବାରରେ କଞ୍ଚାମାଲ ବ୍ୟବସାୟୀ, ବସ୍ତ୍ର ବ୍ୟବସାୟୀ ଏବଂ ବୁଣାକାରମାନେ ସାମିଲ ହୋଇଥାନ୍ତି । ହସ୍ତତନ୍ତ କ୍ଷେତ୍ରରେ ବରଗଡ, ସୋନପୁର, ସମ୍ବଲପୁର, ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି ,ଗଞ୍ଜାମ ଜିଲ୍ଲାର ବୁଣାକାରମାନେ ଉତ୍କୃଷ୍ଟ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଓଡ଼ିଶାରୁ ପ୍ରସ୍ତୁତ ଇକତ୍, ବାନ୍ଧ ଶାଢୀ, ବ୍ରହ୍ମପୁରୀ ରେଶମ ପାଟ, କାଞ୍ଜିବରମ, କୋଟପାଡ ବସ୍ତ୍ର ଦେଶବିଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ବୁଣାକାରମାନଙ୍କର ଜୀବନ ଜୀବିକାର ସୁରକ୍ଷା,ସେମାନଙ୍କର ପିଲାମାନଙ୍କର ଶିକ୍ଷା ଓ ଆର୍ଥିକ ବିକାଶକୁ ବିଶେଷ ଗୁରୁତ୍ୱ ଦେବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଇଛି ।**

ଓଡ଼ିଶାରେ ବୟନ ଶିଳ୍ପ ହେଉଛି ଏକ ବୃହତ କୁଟୀର ଶିଳ୍ପ । ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶା ବିଶ୍ୱର ଏକ ଅନ୍ୟତମ ବୟନ ସମୃଦ୍ଧ ରାଜ୍ୟର ମାନ୍ୟତା ହାସଲ କରି ଦେଶବିଦେଶକୁ ଉତ୍କୃଷ୍ଟ ସାମଗ୍ରୀ ରପ୍ତାନୀ କରିଆସୁଛି । ଏହା ରାଜ୍ୟ ଜନସଂଖ୍ୟାର ମୋଟ ଚାରି ପ୍ରତିଶତ ଲୋକଙ୍କୁ ରୋଜଗାର ଦେଇଥାଏ । ଏକ ସରକାରୀ ହିସାବ ଅନୁଯାୟୀ ଓଡ଼ିଶାର ପ୍ରାୟ ସତୁରୀ ହଜାର ପଞ୍ଜିକୃତ ବୁଣାକାର ଥିବାବେଳେ ଅଣପଞ୍ଜିକୃତ ବୁଣାକାରମାନଙ୍କ ପରିବାର ମିଶି ପ୍ରାୟ ଚାରି ଲକ୍ଷ ଲୋକ ହସ୍ତତନ୍ତ ଶିଳ୍ପ ଉପରେ ସିଧାସଳଖ ନିର୍ଭରଶୀଳ ।

ରାଜ୍ୟର ସମୁଦାୟ ୧ ଲକ୍ଷ ୨୨ ହଜାର ୩୩୫ ଜଣ ବୁଣାକାର ହସ୍ତତନ୍ତ କ୍ଷେତ୍ରରେ ନିଜକୁ ନିୟୋଜିତ କରି ଜୀବିକା ନିର୍ବାହ କରୁଛନ୍ତି । ଏମାନେ ଶାଢୀ, କପଡା, ଗାମୁଛା, ଧୋତି, ବେଡସିଟ, ଟେବୁଲ କ୍ଲଥ ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିଥାନ୍ତି । ଏହି କାରବାରରେ କଞ୍ଚାମାଲ ବ୍ୟବସାୟୀ, ବସ୍ତ୍ର ବ୍ୟବସାୟୀ ଏବଂ ବୁଣାକାରମାନେ ସାମିଲ ହୋଇଥାନ୍ତି । ହସ୍ତତନ୍ତ କ୍ଷେତ୍ରରେ ବରଗଡ, ସୋନପୁର, ସମ୍ବଲପୁର, ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି ,ଗଞ୍ଜାମ ଜିଲ୍ଲାର ବୁଣାକାରମାନେ ଉତ୍କୃଷ୍ଟ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ଓଡ଼ିଶାରୁ ପ୍ରସ୍ତୁତ ଇକତ୍, ବାନ୍ଧ ଶାଢୀ, ବ୍ରହ୍ମପୁରୀ ରେଶମ ପାଟ, କାଞ୍ଜିବରମ, କୋଟପାଡ ବସ୍ତ୍ର ଦେଶବିଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

ବୁଣାକାରମାନଙ୍କର ଜୀବନ ଜୀବିକାର ସୁରକ୍ଷା,ସେମାନଙ୍କର ପିଲାମାନଙ୍କର ଶିକ୍ଷା ଓ ଆର୍ଥିକ ବିକାଶକୁ ବିଶେଷ ଗୁରୁତ୍ୱ ଦେବା ସହିତ ସେମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା କରାଯାଇଛି ।

୨୦୨୧-୨୨ ବର୍ଷରୁ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବୁଣାକାରମାନଙ୍କ ପରିବାରରେ ଥିବା ବିଜୁଳି ଉପଭୋକ୍ତାମାନଙ୍କୁ ଗୋଟିଏ ଇନଭର୍ଟର ଉପକରଣ,ଗୋଟିଏ ଛାତ ପଙ୍ଖା,୧୭୫୦୦ ଟଙ୍କା ମୂଲ୍ୟର ଦୁଇଟି ଟ୍ୟୁବ ଲାଇଟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ବରିଷ୍ଠ ବୁଣାକାରମାନଙ୍କୁ ମାସିକ ୫୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ୭୦୦ଟଙ୍କା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ସରକାର ଜମା କରିବାର ବ୍ୟବସ୍ଥା ରହିଛି । ଉଚ୍ଚ ଗୁଣବତ୍ତାସମ୍ପନ୍ନ ହସ୍ତତନ୍ତର ଉତ୍ପାଦିତ ବସ୍ତ୍ରର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ହସ୍ତତନ୍ତ ମାର୍କା ପ୍ରତୀକ ଲଗାଯିବାର ବ୍ୟବସ୍ଥା କରାଯାଇଛି । ଉଚ୍ଚ ଗୁଣବତ୍ତାସମ୍ପନ୍ନ ହସ୍ତତନ୍ତରେ ଉତ୍ପାଦିତ ବସ୍ତ୍ରଗୁଡିକୁ ସ୍ୱତନ୍ତ୍ର ମାନ୍ୟତା ଦେବା ଉଦ୍ଦେଶ୍ୟରେ 'ଇଣ୍ଡିଆ ହାଣ୍ଡଲୁମ ବୋର୍ଡ'ର ବ୍ୟବସ୍ଥା ରହିଛି । **ଓଡ଼ିଶାର ୯ଟି ହସ୍ତତନ୍ତ ଉତ୍ପାଦ ଜି.ଆଇ ଟ୍ୟାଗ ପାଇଛନ୍ତି । ହସ୍ତତନ୍ତରେ ବ୍ୟବହୃତ କଞ୍ଚାମାଲ, ସେଗୁଡିକର ପ୍ରକ୍ରିୟାକରଣ, ବୁଣା କୌଶଳ ଆଦି ଗ୍ରାହକମାନଙ୍କର ବିଶ୍ୱାସ ଜିତାଇବାରେ ସହାୟକ ହୁଏ । ପକ୍କା ତନ୍ତଶାଳା ତଥା ବାସଗୃହ ଉନ୍ନୟନ ପାଇଁ ବୁଣାକାରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ, ଉନ୍ନତମାନର ତନ୍ତ ,ତନ୍ତ ସରଞ୍ଜାମ ଏବଂ ରଙ୍ଗ ସରଞ୍ଜାମ ଯୋଗାଣ,ନୂଆ ପିଢିଙ୍କୁ ପ୍ରାଥମିକ ବୁଣା କାର୍ଯ୍ୟ ସହ ଉନ୍ନତ ମାନର ସୂତା ରଙ୍ଗ କରିବା ତାଲିମ ପ୍ରଦାନ, ଆଧୁନିକ ଜ୍ଞାନ କୌଶଳ ଆହରଣ ପାଇଁ ପ୍ରଗତିଶୀଳ ହସ୍ତତନ୍ତ ପୁଞ୍ଜିକୁ ବୁଣାକାରଙ୍କ ପରିଭ୍ରମଣ, ଜୀବନ ବୀମା ଯୋଜନା, କେନ୍ଦ୍ର ସରକାରଙ୍କ ଦ୍ୱାରା ବ୍ଲକସ୍ତରୀୟ ପୁଞ୍ଜି ଯୋଜନା ପ୍ରଚଳନ ଏବଂ ସୂତା ସୁଲଭ ମୂଲ୍ୟରେ ଯୋଗାଇବା ନିମନ୍ତେ କଞ୍ଚାମାଲ ବ୍ୟାଙ୍କ ପ୍ରତିଷ୍ଠା,ଆର୍ଥିକ ସହାୟତାର ବ୍ୟବସ୍ଥା ସାଙ୍ଗକୁ ବିକ୍ରୟ ସହାୟତା ସହିତ ବିକ୍ରି ଯୋଜନାରେ ୧୦ ଶତକଡା ସରକାରୀ ରିଆତି ଦିଆଯାଉଛି ।** ରାଜ୍ୟର ଉତ୍ପାଦିତ ବୟନ ସାମଗ୍ରୀଗୁଡିକୁ ଗୋଟିଏ ଜାଗାରେ ଉପଲବ୍ଧ କରାଇବା ସହ ବୁଣାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ,ବିକ୍ରିବଟା ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ 'ତୋଷାଳି ଜାତୀୟ କ୍ରାଫ୍ଟ' ମେଳାର ଆୟୋଜନ କରାଯାଇଛି ।

ଓଡ଼ିଶାର ଆଭିଜାତ୍ୟପୂର୍ଣ୍ଣ ହସ୍ତତନ୍ତର ପ୍ରଦର୍ଶନ ନିମନ୍ତେ ଭୁବନେଶ୍ୱରର ଗଣ୍ଡମୁଣ୍ଡା ଠାରେ ସମଗ୍ର ପୂର୍ବ ଭାରତରେ ପ୍ରଥମ କରି 'ଓଡ଼ିଶା କ୍ରାଫ୍ଟ ମ୍ୟୁଜିୟମ୍' ପ୍ରତିଷ୍ଠା କରାଯାଇଛି । ପାରମ୍ପରିକ ହାତବୁଣା ବସ୍ତ୍ରରେ ଆଧୁନିକତାର ସ୍ପର୍ଶ ଲାଗିଥିଲେ ବି ଏହା ନିଜର ମୌଳିକତାକୁ ହରାଇନି କି ପାଶ୍ଚାତ୍ୟ ପୋଷାକର ଭିଡରେ ଏହା ହଜି ଯାଇନି ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ-୯୪୩୭୭୨୯୩୮୪**

# ମନ ତୋହର ନିଜ ଗୁରୁ

## ମନୋଜ କୁମାର ବେହେରା

ମନୁଷ୍ୟର ମନ ଗୋଟିଏ ଶକ୍ତିଶାଳୀ ଉପକରଣ ଭଳି,ଯାହା ଜୀବନକୁ ସକାରାତ୍ମକ ଅଥବା ନକାରାତ୍ମକ ଦିଗରେ ନେଇଯାଇ ପାରିବ । ଯଦି ମନ ଉପରେ ନିୟନ୍ତ୍ରଣ ନ ରହିବ, ତା'ହେଲେ ସେ ଶତ୍ରୁ ପରି ବ୍ୟବହାର କରିଥାଏ । ମନର ପ୍ରକୃତି ଚଞ୍ଚଳ ଅଟେ । ସେ ଗୋଟିଏ କ୍ଷଣରେ ସୁଖକୁ ଉଚ୍ଚ ସ୍ଥାନରେ ରଖିପାରିବ ଆଉ ଅନ୍ୟ ପଟେ ଦୁଃଖର ଗଭୀର ଗର୍ତ୍ତରେ ଠେଲି ବି ଦେଇପାରିବ । ଅନିୟନ୍ତ୍ରିତ ମନ ବିଚାରର ତୋଫାନ ଛିଡା କରିଥାଏ, ଯାହା ବ୍ୟକ୍ତିକୁ ଉଦ୍‌ଭ୍ରାନ୍ତ କରିବା ସହିତ ଚିନ୍ତା ଆଉ ନିର୍ଣ୍ଣୟ ନେବାରେ ଅସମର୍ଥ ଆଡକୁ ନେଇଥାଏ ।
ମନକୁ ସ୍ଥିର ରଖିବା ପାଇଁ ଭଗବାନଙ୍କଠାରେ ପ୍ରାର୍ଥନ କରିବା ଉଚିତ୍ ।

ଭଗବାନ କୁହନ୍ତି ସମୟ, ବିଶ୍ୱାସ, ସମ୍ମାନ ଏମାନେ ତିନି ପକ୍ଷୀ ପରି, ଉଡିଗଲେ କେବେ ଫେରନ୍ତି ନାହିଁ । ଉଦାହରଣ ପାଇଁ କ୍ରୋଧ, ଲୋଭ ଅଥବା ଭୟ ଆଦି ଯଦି ନିୟନ୍ତ୍ରିତ ନ ହେବ,ତା'ହେଲେ ମନୁଷ୍ୟକୁ ଏମିତି ପଥରେ ନେଇଯିବ,ଯେଉଁଠି ସେ ନିଜର ହିତ ବରୋଧୀ କାର୍ଯ୍ୟ କରିବ ।

ଗୋଟିଏ ଅନିୟନ୍ତ୍ରିତ ମନବାଲା ବ୍ୟକ୍ତି ଛୋଟ ଛୋଟ କଥା ଉପରେ କ୍ରୋଧିତ ହୋଇପାରେ, ଯେଉଁଥିରେ ସମ୍ବନ୍ଧ ମଧ୍ୟ ଖରାପ ହୋଇଥାଏ । କିମ୍ବା ସେ ଲୋଭରେ ପଡିକରି ଭୁଲ୍ ନିର୍ଣ୍ଣୟ ନେଇପାରେ ଯାହା ଦୀର୍ଘକାଳ ପାଇଁ ହାନିକାରକ ହୋଇଥାଏ । ମନକୁ ନିୟନ୍ତ୍ରିତ କରିବା କୌଣସି ସହଜ କାର୍ଯ୍ୟ ନୁହେଁ । ଏଥିପାଇଁ ଆତ୍ମ-ଜାଗୃତି ଓ ଅଭ୍ୟାସର ଆବଶ୍ୟକତା ହୋଇଥାଏ । ଯୋଗ, ଧ୍ୟାନ ଆଉ ଆତ୍ମ-ଚିନ୍ତନ ଭଳି ଉପାୟ ମନକୁ ଶାନ୍ତ ଆଉ କେନ୍ଦ୍ରିତ କରିବାରେ ସହାୟକ ହୋଇଥାଏ ।

ଧ୍ୟାନର ମାଧ୍ୟମରେ ଶକ୍ତି ନିଜର ବିଚାରକୁ ନିରୀକ୍ଷଣ କରିବାକୁ ଶିଖେଇ ଥାଏ । ଆଉ ଧୀରେ ଧୀରେ ତାହାକୁ ନିୟନ୍ତ୍ରିତ କରିବା କ୍ଷମତା ବିକଶିତ ହୋଇଥାଏ । ମନକୁ ନିୟନ୍ତ୍ରିତ କରିବାର ଗୋଟିଏ ଅନ୍ୟ ମହତ୍ତ୍ୱପୂର୍ଣ୍ଣ କଥା ହେଲା ସକାରାତ୍ମକୁ ଆପଣେଇବା ।

ନକାରାତ୍ମକ ବିଚାରକୁ ବାରମ୍ବାର ଭାବିଲେ ମନ ଦୁର୍ବଳ ହୋଇଥାଏ ଆଉ ସେ ଶତ୍ରୁ ପରି ବ୍ୟବହାର କରିବାକୁ ଲାଗିଥାଏ । ଏହାର ବିପରୀତ ଯଦି ବ୍ୟକ୍ତି ନିଜ ମନକୁ ସକାରାତ୍ମକ ବିଚାର, ଲକ୍ଷ୍ୟ ଆଉ ନୂତନ ଭାବନାରେ ଭରିଦେବ ତା'ହେଲେ ସେ ଗୋଟିଏ ମିତ୍ର ଭଳି କାମ କରିଥାଏ ।

ଜଣେ ଛାତ୍ର ଯିଏ ଅସଫଳତା ଭୟରେ ଘେରି ରହିଥାଏ, ସେ ମନକୁ ନିୟନ୍ତ୍ରିତ କରି ଆତ୍ମବିଶ୍ୱାସ ଆଉ ପରିଶ୍ରମ ଉପରେ ଧ୍ୟାନ ଦେଇ ପାରିବ, ଯେଉଁଥିରେ ତାହାର ପ୍ରଦର୍ଶନ ଆହୁରି ଭଲ ହେବ । ମନର ଅନିୟନ୍ତ୍ରିତ ହେବା କୌଣସି ବାହ୍ୟ ପରିସ୍ଥିତିରେ ମଧ୍ୟ ପ୍ରଭାବିତ ହୋଇଥାଏ । ଆଧୁନିକ ଯୁଗରେ ବ୍ୟସ୍ତ ଜୀବନ, ସୋସିଆଲ୍ ମିଡିଆର ଅତ୍ୟଧିକ ଉପଯୋଗ ଆଉ ତୁଳନାତ୍ମକ ଭାବନା ମନକୁ ଆହୁରି ଅଧିକ ଅସ୍ଥିର କରିଦିଏ । ଏଥିରେ ବ୍ୟକ୍ତିକୁ ସଚେତ ରହିକରି ସେହି ଗତିବିଧିକୁ କମ୍ କରିବା ଦରକାର ଯାହା ମନକୁ ପଥଭ୍ରଷ୍ଟ କରିଥାଏ ।

ସମୟ ପ୍ରବନ୍ଧନ, ସୁସ୍ଥ ଜୀବନ ଶୈଳୀ ଆଉ ସକାରାତ୍ମକ ଲୋକଙ୍କ ସଙ୍ଗ ମଧ୍ୟ ମନକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ମନ ଚଞ୍ଚଳ ହେଲେ ଭଗବାନଙ୍କୁ ସ୍ମରଣ କର । ଭଗବାନ କୁହନ୍ତି, 'ନାମ ମୋର ନୁହେଁ ସ୍ମରଣ ତୁମର... ଯାହା ତୁମକୁ ଭିତରକୁ ଟାଣେ ତାହା ମୋର ପରିଚୟ ଅଟେ' ।

**ବାୟାବାବା ମଠଲେନ୍,**
**ୟୁନିଟ୍‌୯,ଭୁବନେଶ୍ୱର,**
**ମୋ-୭୯୭୮୮୩୦୬୧୧**

# ଟାଟା ପାୱାର ଓଡିଶା ଡିସ୍କମ୍ ପକ୍ଷରୁ ସୁରକ୍ଷା କବଚ

ଭୁବନେଶ୍ୱର,(ସବ୍ୟୁ): ସୁରକ୍ଷା ଏବଂ ପରିଚାଳନା ଉତ୍କର୍ଷ ପ୍ରତି ଅଟଳ ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାୱାର ନେତୃତ୍ୱାଧୀନ ଓଡିଶା ଡିସକମ ଗୁଡ଼ିକ ଏକ ପରିବର୍ତ୍ତନଶୀଳ ଡିଜିଟାଲ୍ ସମାଧାନ 'ସୁରକ୍ଷା କବଚ' ଆରମ୍ଭ କରିଛନ୍ତି । ଏହି ପ୍ରଯୁକ୍ତି ସମ୍ବଳିତ ସୁରକ୍ଷା ପ୍ରାଚୀର ଓଡିଶାରେ ହାଇ ଟେନ୍ସନ୍ (ଏଚ୍‌ଟି) ନେଟୱର୍କ କାର୍ଯ୍ୟଗୁଡିକୁ କିପରି ନିର୍ବାହ କରାଯାଉଛି ତାହାକୁ ପୁନର୍ଗଠନ କରିଥିବା ବେଳେ ପରମିଟ୍ ଟୁ ୱାର୍କ (ପିଟିଡବ୍ଲ୍ୟୁ) ପଦ୍ଧତିକୁ ଏକ ଦୃଢ଼ ଡିଜିଟାଲ୍ ଢାଂଚା ଅଧୀନରେ ସୁରକ୍ଷା ପ୍ରୋଟୋକଲ୍ ପାଳନ ସହିତ ସଂଯୋଜିତ କରିଛି । ସୁରକ୍ଷା କବଚ ହେଉଛି ଏକ ସମ୍ପୂର୍ଣ୍ଣ ଟୁଲ୍ ଯାହା ବିଦ୍ୟୁତ ବନ କାର୍ଯ୍ୟଗୁଡିକର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡିକୁ ସୁରକ୍ଷା ଏବଂ ପରିଚାଳନାକୁଏକତ୍ରୀତ କରିଛି। ଏଚ୍‌ଟି ଲାଇନ୍ ଉପରେ ପ୍ରତ୍ୟେକ କାର୍ଯ୍ୟକ୍ରମ ଏହି ପ୍ଲାଟଫର୍ମ୍ ମାଧ୍ୟମରେ ଏକ ଡିଜିଟାଲ୍ ପରମିଟ୍ ସୁରକ୍ଷିତକରିବା ପରେ ହିଁ ନିର୍ବାହ କରାଯାଉଛି ଯାହା ଦ୍ୱାରା ସୁରକ୍ଷା ପ୍ରୋଟୋକଲ୍ ଦୈନନ୍ଦିନ କାର୍ଯ୍ୟରେ ସଂଯୋଜିତ ହୋଇପାରିଛି। ଏହିପ୍ରଣାଳୀରେ ଏମ୍ବେଡେଡ୍ ଉପକରଣ ଡାଟାବେସ୍, ପ୍ରି-ମାପିଂ ଅନୁମୋଦନ, ଢ଼ାଞ୍ଚାଗତ ସୁରକ୍ଷା ଚେକଲିଷ୍ଟ, ଏବଂ ଏସଏମ୍ଏସ୍ ଏବଂ ହ୍ୱାଟସ୍ଆପ୍ ମାଧ୍ୟମରେ ବାସ୍ତବ ଯୋଗାଯୋଗ ସୁବିଧା ଆଦି ସାମିଲ ରହିଛି ଯାହା ଏକ ଶୂନ୍ୟ-ସମାଧାନ ସୁରକ୍ଷା ସଂସ୍କୃତିକୁ ଆଗକୁବଢ଼ାଉଛି । ୱେବ୍ ପୋର୍ଟାଲ୍, ମୋବାଇଲ୍ ଆପ୍ ଏବଂ ଏସ୍ଏପି ସଂଯୋଗ ମାଧ୍ୟମରେ ଏହି ସାଧନର ବହୁ-ପ୍ଲାଟଫର୍ମ୍‌କୁ ବ୍ୟବହାର କରିବା କ୍ଷମତା ଲାଇନମ୍ୟାନ୍ ଏବଂ ସବଷ୍ଟେସନ୍ ଅପରେଟର୍ ଭଳି ମୌଳିକ ସ୍ତରର କର୍ମଚାରୀମାନେ ମଧ୍ୟ ପ୍ରଯୁକ୍ତିଗତ ଦକ୍ଷତା ବ୍ୟବହାର କରିବାକୁସୁନିଶ୍ଚିତ କରୁଛି।ଆଭ୍ୟନ୍ତରୀଣ ଦକ୍ଷତା ଏବଂ ସୁରକ୍ଷା ବ୍ୟତୀତ ସୁରକ୍ଷା କବଚ ଗ୍ରାହକ ଅନୁଭୂତିକୁ ମଧ୍ୟ ବିଶେଷ ଭାବରେ ଉନ୍ନତ କରିଛି । ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ୍), ଶକ୍ତି ଅଡିଟ୍ ଗ୍ରୁପ୍ (ଇଏଜି), ଏବଂ ସମାନ ଧରଣର ସୁରକ୍ଷା ଏବଂ ପରିଚାଳନା କାର୍ଯ୍ୟପ୍ରଣାଳୀ ସହିତଡାଟା ସଂଯୋଗ କରି ଏହି ପ୍ଲାଟଫର୍ମ ଗ୍ରାହକଙ୍କ ସହିତ ସକ୍ରିୟ ଯୋଗାଯୋଗକୁ ସକ୍ଷମ କରୁଛି । ଗ୍ରାହକମାନେ ଯୋଜନାବଦ୍ଧ ବିଦ୍ୟୁତ୍‌ବିଭ୍ରାଟ ବିଷୟରେ ପୂର୍ବ ଅନୁମୋଦିତ ଏସଏମ୍ଏସ୍ ନୋଟିଫିକେସନ ପାଇଥାନ୍ତି ଯାହା ଫଳରେ ସେମାନେ ପୂର୍ବରୁ ପ୍ରସ୍ତୁତହୋଇପାରିବେ ଏବଂ ଅସୁବିଧା କମ୍ ହୋଇପାରିବ । ସୁରକ୍ଷା କବଚରୁ ମିଳୁଥିବା ଡାଟା, ୱେବସାଇଟରେ ଗ୍ରାହକମାନଙ୍କୁ ବିଦ୍ୟୁତ୍ ଯୋଗାଣ ବିଭ୍ରାଟ ସମ୍ପର୍କରେ ସଠିକ ସମୟରେ ସୂଚନାଦେଇଥାଏ ।



ନୂଆଦିଲ୍ଲୀଠାରେ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି ରାଧାକୃଷ୍ଣନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି

# ଶାଳିମାର ରେଳ ଷ୍ଟେସନରେ ଆର୍‌ପିଏଫ୍‌ର ବ୍ୟାଣ୍ଡ ପ୍ରଦର୍ଶନ

କୋଲକାତା: ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦେଶର ବିଭିନ୍ନ ପ୍ରମୁଖ ଏବଂ ଐତିହାସିକ ସ୍ଥାନରେ ଏହି ବ୍ୟାଣ୍ଡ ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶାଳିମାର ରେଳ ଷ୍ଟେସନରେ ଦେଶାତ୍ମବୋଧକ ଧ୍ୱନିରେ ଏକ ଚମତ୍କାର ବ୍ରାସ୍ ବ୍ୟାଣ୍ଡ ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ଦକ୍ଷିଣ ପୂର୍ବ ରେଳବାଇର ରେଳ ସୁରକ୍ଷା ବଳ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଅପରେସନ୍ ସିନ୍ଦୂର ବିଷୟବସ୍ତୁ ଉପରେ ବ୍ୟାଣ୍ଡ ପ୍ରଦର୍ଶନ ସ୍ଥାନ ନିକଟରେ ଏକ ସେଲ୍ଫି ପଏଣ୍ଟ ମଧ୍ୟ ସ୍ଥାପନ କରାଯାଇଥିଲା । ଦକ୍ଷିଣ-ପୂର୍ବ ରେଳବାଇର ମୁଖ୍ୟ ସୁରକ୍ଷା କମିଶନର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସି.ପି...

ମତଦାନର ସମୟ ସକାଳ ୧୦ରୁ ଅପରାହ୍ନ ୫ଟା ଯାଏ ନିର୍ବାଚନ କମିଶନ ଧାର୍ଯ୍ୟ କରିଛନ୍ତି । ଭୋଟିଂ ଶେଷ ହେବା ପରେ ସେହିଦିନ ଗଣତି ସହ ଫଳାଫଳ ପ୍ରକାଶ ପାଇବ । ଅର୍ଥାତ ସେପ୍ଟେମ୍ବର ୯ ତାରିଖରେ ଦେଶକୁ ନୂଆ ଉପ-ରାଷ୍ଟ୍ରପତି ମିଳିବେ । ଜୁଲାଇ ୨୧ରେ ରାତିରେ ଭାରତର ଉପ ରାଷ୍ଟ୍ରପତି ପଦରୁ ଜଗଦୀପ ଧନଖଡ଼ ଅପ୍ରତ୍ୟାଶିତ ଢଙ୍ଗରେ ଇସ୍ତଫା ଦେଇଥିଲେ । ଏଥିଯୋଗୁ ଉପ ରାଷ୍ଟ୍ରପତି ପଦ ଖାଲି ପଡ଼ିଛି । ତେଣୁ ଭାରତୀୟ ନିର୍ବାଚନ କମିଶନ ଏହି ପଦ ପୂରଣ ପାଇଁ ସେପ୍ଟେମ୍ବର ୯ରେ ଭୋଟିଂ ହେବ ବୋଲି ଘୋଷଣା କରିଛନ୍ତି ।

## ନାବାଳିକାଙ୍କୁ ...

ପୀଡିତାଙ୍କ ମା'ଙ୍କୁ ବିଏମ୍‌ସି ଅଧୀନରେ ସହିଦନଗର ଥାନା ଅଞ୍ଚଳରେ କାର୍ଯ୍ୟ କରିବା ପାଇଁ ନେବା ଆଣିବା କରୁଥିଲା । ମା'ଙ୍କୁ ନିଜ ଅଟୋରେ ନେବା ଆଣିବା କରିବା ମଧ୍ୟରେ ଅଭିଯୁକ୍ତର ତାଙ୍କ ନାବାଳିକା ଝିଅ ସହ ସମ୍ପର୍କ ହୋଇଥିଲା । କିଛିଦିନ ପରେ ଅଭିଯୁକ୍ତ ନାବାଳିକାଙ୍କୁ ଭଲ ପାଉଛି ଓ ବିବାହ କରିବା ପ୍ରତିଶ୍ରୁତି ଦେଇଥିଲା । ଅଭିଯୁକ୍ତ ନାବାଳିକାଙ୍କୁ ମନାଇବାରେ ସକ୍ଷମ ହେବା ସହ ୨୦୨୩ ମସିହା ନଭେମ୍ବର ୪ ତାରିଖ ସକାଳେ ପୀଡିତାଙ୍କୁ ଅପହରଣ କରି କୋରାପୁଟ ନେଇଯାଇଥିଲା । ସେହିବର୍ଷ ଡିସେମ୍ବର ୧ ତାରିଖ ଦିନ ପୀଡିତାଙ୍କୁ ଆଣି ତାଙ୍କ ଘର ନିକଟରେ ଛାଡି ଖସି ପଳାଇଥିଲା । ସତ୍‌ସଙ୍ଗ ବିହାର ଅଟୋଷ୍ଟାଣ୍ଡରେ ବଂଶୀଧର ଅଟୋ ଚଳାଉଥିବା ସହିଦନଗର ପୋଲିସ ଜାଣିବା ପରେ ତାକୁ ଗିରଫ କରିଥିଲା ।

ଦୁଇ ନାବାଳିକା ଦୁଷ୍କର୍ମକାରୀଙ୍କୁ ରବିବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ୩ ...

ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଭିଷଣ ବର୍ଷା ହେବ । ସେଥିପାଇଁ ଏହି ତିନି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି ।

ସେହିପରି କଳାହାଣ୍ଡି, ରାୟଗଡ଼ା ଓ ଗଜପତି ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏହାସହ ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହା ସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ କଳାହାଣ୍ଡି ଆଦି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

୧୯ରେ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଓ ବଲାଙ୍ଗୀର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସହିତ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ । ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାର ସ୍ଥାନେ ସ୍ଥାନେ ବର୍ଷା ହୋଇପାରେ ।

## ନବୀନ...

ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭେଟିବା ସହିତ ଡାକ୍ତରୀ ଟିମ ସହ ଆଲୋଚନା ମଧ୍ୟ କରିଛନ୍ତି ।

ଭୁବନେଶ୍ୱର ସମ୍ ଅଲ୍ଟିମେଟ୍ ମେଡିକେୟାର୍ ପକ୍ଷରୁ କୁହାଯାଇଛି ଯେ, ନବୀନ ପଟ୍ଟନାୟକଙ୍କୁ ଆଜି ସନ୍ଧ୍ୟା ୫ଟା୧୫ ମିନିଟରେ ଡିହାଇଡ୍ରେସନ୍ ହେତୁ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । ତେବେ ଶ୍ରୀ ପଟ୍ଟନାୟକ ଅସୁସ୍ଥ ହେବା ଖବର ଜଣାପଡ଼ିବା ପରେ ଧୀରେଧୀରେ ହସ୍ପିଟାଲ ଆଡ଼କୁ ଦଳୀୟ ନେତାମାନଙ୍କର ଆଗମନ ହେଉଛି । ଭିଡ଼ ଆଶଙ୍କା କରି କମିଶନରେଟ ପୋଲିସ ସତର୍କ ରହିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

ସୂଚନାଯୋଗ୍ୟ, ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କର ଗତ ଜୁଲାଇ ମାସରେ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ସର୍ଭାଇକାଲ୍ ଆର୍ଥ୍ରାଇଟିସ୍ ପାଇଁ ଏକ ସଫଳ ଅସ୍ତ୍ରୋପଚାର କରାଯାଇଥିଲା । ଏହି ଅସ୍ତ୍ରୋପଚାର ତାଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ଅସ୍ତ୍ରୋପଚାର ପରେ ସେ ଦୁଇରୁ ତିନି ଦିନ ରହିଥିଲେ । ତାଙ୍କୁ ୫-୭ ଦିନ ମଧ୍ୟରେ ଡିସଚାର୍ଜ କରାଯାଇଥିଲା । ଅପରେସନ ପରେ ନବୀନ ପଟ୍ଟନାୟକ ସକ୍ରିୟ ଏବଂ ସଚେତନ ଥିଲେ ।

## ଶ୍ୱାସରୁଦ୍ଧ...

ସେମାନେ ସେଠାରେ ଅଣନିଶ୍ୱାସୀ ହୋଇଯାଇଥିଲେ। ଖବରପାଇ ଖଡ଼ିଆଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇ ଶ୍ରମିକଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶ୍ରମିକ ଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ଖଡ଼ିଆଳ ପୋଲିସ ମୃତ ଦୁଇ ଶ୍ରମିକଙ୍କ ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ସମ୍ପୃକ୍ତ ଠିକାଦାର ଶ୍ରମିକଙ୍କ ସୁରକ୍ଷା ପ୍ରତି କୌଣସି ଧ୍ୟାନ ଦେଇ ନ ଥିବାରୁ ଦୁଇ ଜଣ ନିରୀହ ଶ୍ରମିକଙ୍କ ଅକାଳରେ ଜୀବନ ଚାଲି ଯାଇଛି। ଜିଲା ପ୍ରଶାସନ ମୃତ ଦୁଇ ଶ୍ରମିକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ଦାବି କରିଛନ୍ତି।

## ଆତ୍ମସମର୍ପଣ...

ଏହା ସହିତ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ପୋଲିସ କହିଛି । ଆତ୍ମସମର୍ପଣ କରିଥିବା ମାଓବାଦୀ ସୁଚନା ଆଧାରରେ ଜବତ କରାଯାଇଛି । ସଂଗଠନ ଛାଡି ବଡ ବଡ କ୍ୟାଡର ମାଓ ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତ। ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆଗାମୀ ଦିନରେ ତାଲିମ ପ୍ରଦାନ କରାଯାଇ ଆତ୍ମନିର୍ଭରଶୀଳ କରାଯିବ। ସଂଗଠନରେ ଆଉ ରହିବା ମୁସକିଲ ହେଉଥିବାରୁ ନକ୍ସଲ ଏବେ ଚିନ୍ତାରେ ପଡିଛନ୍ତି। ମୃତ୍ୟୁ ଅପେକ୍ଷା ଆତ୍ମସମର୍ପଣ ହିଁ ଏକମାତ୍ର ରାସ୍ତା ବୋଲି ଚିନ୍ତା କଲେଣି। ତେଣୁ ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓ ଆତ୍ମସମର୍ପଣ ନକଲେ ମୃତ୍ୟୁ ବୋଲି ପୁଲିସ କହିଛି।

## ୭.୫୦...

ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ତ୍ରିରଙ୍ଗା ଉପରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ବି ଅନୁଷ୍ଠିତ ହୋଇଥିଲା । ଏହି ପ୍ରଦର୍ଶନୀରେ ତ୍ରିରଙ୍ଗାର ଉତ୍ପତି ଓ ବୀର ଗାଥା ପରି ବିଭିନ୍ନ ବିଷୟବସ୍ତୁ ପ୍ରଦର୍ଶିତ କରାଯାଇଥିଲା ।

ହର ଘର ତ୍ରିରଙ୍ଗା ଅଭିଯାନରେ ତ୍ରିରଙ୍ଗାର ପ୍ରଭାବ ଏକ ନୂଆ ମୋଡ ନେଇଛି । ୧୪୦ କୋଟି ଭାରତୀୟଙ୍କ ହୃଦୟରେ ତ୍ରିରଙ୍ଗା ବିଶେଷ ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଏହି ଅଭିଯାନ ଦ୍ୱାରା ଆମେ ଇତିହାସ ପାଖକୁ ଆସିଛେ । ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ପ୍ରତି ଏହା ଏକ ସଶ୍ରଦ୍ଧ ସମ୍ମାନ।

# ସରକାରୀ ରାଜକୋଷକୁ ୨.୧୦ ଲକ୍ଷ କୋଟି ଦେଲା ରିଲାଏନ୍ସ

ମୁମ୍ବାଇ: ଦେଶର ପ୍ରମୁଖ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ଟିକସ, ଲେଭି, ସ୍ପେକ୍ଟ୍ରମ୍ ଚାର୍ଜ ଏବଂ ଅନ୍ୟାନ୍ୟ ସାମଗ୍ରୀ ବାବଦରେ ସରକାରୀ ରାଜକୋଷରେ ୨,୧୦,୨୬୯ କୋଟି ଟଙ୍କା ଯୋଗଦାନ କରିଛି । ଏହା ପୂର୍ବ ଆର୍ଥିକ ବର୍ଷର ୧,୮୬,୪୪୦ କୋଟି ଟଙ୍କା ଅପେକ୍ଷା ୧୨.୮ ପ୍ରତିଶତ ଅଧିକ ରହିଛି । ଏହା ପ୍ରଥମ ଥର ଯେ ଜାତୀୟ ରାଜକୋଷରେ ରିଲାଏନ୍ସର ଅବଦାନ ୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଏହା ସହିତ, ୨୦୨୦ ଆର୍ଥିକ ବର୍ଷରୁ ୨୦୨୫ ଆର୍ଥିକ ବର୍ଷ ଯାଏଁ ଅର୍ଥାତ୍ ଗତ ଛଅ ବର୍ଷ ମଧ୍ୟରେ ରିଲାଏନ୍ସ ଜାତୀୟ ରାଜକୋଷରେ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଜମା କରିଛି ।

# ଶ୍ରାବଣୀ କଥା ମହୋତ୍ସବ ଉଦ୍‌ଘାଟିତ

ପାଣିକୋଇଲି, (ସବ୍ୟୁ): ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ତଥା ସୋତିସ୍ଥିତ ଶ୍ରୀ ହନୁମନ୍ତ ମନ୍ଦିର ପରିସରରେ ଦୁଇ ଦିନିଆ ନିଖିଳ ଓଡିଶା ପ୍ରବକ୍ତା ପରିଷଦର ଶ୍ରାବଣୀ କଥା ମହୋତ୍ସବ ଉଦ୍ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତର ପ୍ରବଚକ ମାନେ ଯୋଗଦେଇ ରାମ କଥାର ଅମନ୍ଦ ମନ୍ଦାକିନୀ ଧାରା ପ୍ରବାହରେ ସାମିଲ ହେବା ସହ ଅପରାହ୍ଣରେ ନିଖିଳ ଓଡିଶା ପ୍ରବକ୍ତା ପରିଷଦର ସ୍ଥାୟୀ ସଭାପତି ପଣ୍ଡିତ ଦିବାକର ନନ୍ଦ, ସମ୍ପାଦକ ଶ୍ରୀମାନ ଜ୍ୟୋତି ପ୍ରକାଶ ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦର ଓଡିଶା ପୂର୍ବପ୍ରାନ୍ତ ସମ୍ପାଦକ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ମହେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସାଂଗଠନିକ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଯାଜପୁର ଜିଲ୍ଲା ସଂଯୋଜକ ଅଶ୍ୱନୀ ଦାଶ, ବାଲେଶ୍ୱର ସଂଯୋଜକ ଦେବାଶିଷ ଦ୍ୱିବେଦୀ, ଭଦ୍ରକ ସଂଯୋଜକ ଅକ୍ଷୟ ନାଥ, ସହସଂଯୋଜକ ଚିତରଂଜନ ନାୟକ, ଏବଂ ବିଭିନ୍ନ ଜିଲ୍ଲା ତଥା ପ୍ରଖଣ୍ଡ ରୁ ପ୍ରଶାନ୍ତ ଓଝା, ପର୍ଶୁରାମ ମିଶ୍ର, ବନମାଳୀ ନାୟକ, ପ୍ରତାପ ନନ୍ଦ, ପ୍ରତିମା ପଣ୍ଡା, ସଂଯୋଦୟା ନନ୍ଦ, ହିମାଂଶୁ ମହାନ୍ତି ଆଦି ୧୮ଜଣ ପ୍ରବକ୍ତା ଯୋଗଦାନ କରିଥିଲେ । ଦୁଇଦିନରେ ମୋଟ ୪୧ଜଣ ପ୍ରବକ୍ତା ବିଭିନ୍ନ ପ୍ରାନ୍ତରୁ ଯୋଡି ହେବା ସହ ନିଖିଳ ଓଡିଶା ପ୍ରବକ୍ତା ପରିଷଦର ଏକ ସୁସ୍ଥ ସନାତନୀ ସମାଜ ଗଠନ ସହ ଘରେ ଘରେ ଜଗନ୍ନାଥ ଓ ଭାଗବତର ମହତ୍ତ୍ୱକୁ ପ୍ରତିପାଦିତ କରି ଆଗାମୀ ଦିନରେ ଏକ ବଳିଷ୍ଠ ଅନୁଷ୍ଠାନ ଭାବେ ନିଜର କାର୍ଯ୍ୟ ସମ୍ପାଦନା କରିବ ବୋଲି ସଂଗଠନର ସମ୍ପାଦକ ଜ୍ୟୋତି ପ୍ରକାଶ ମିଶ୍ର ଉଲ୍ଲେଖ କରିବା ସହ ଆଗାମୀ ଦିନରେ ବହୁଳ ପରିମାଣରେ ଯୁବଗୋଷ୍ଠୀଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଂଟିଆ ଯୋଗଦାନ କରି ତାଙ୍କର ସାର ଗର୍ଭକ ମାର୍ଗ ନିର୍ଦ୍ଦେଶନ କରିଥିଲେ ।

**LOST**

By virtue of an affidavit before the Notary Public Bhubaneswar, I, Archana Sahu, W/o- Rabinda Kumar Sahu, resident of At- Qtr. no.B/60, Koel Nagar, Rourkela, Dist- Sundargarh, Odisha, declare that, I have purchased a landed property from Chandaka Meadwos respresented Signatory Authority, Keshabananda Patnaik, at Mouza: Bhola, Khata No.28, Area 240 dec, Plot No. 967, Flat No.108, Tower-A, Chandaka Meadwos on dated 05.04.2017 vide sale deed no. /ID no- 11131803015. The above said original sale deed was Lost on transit on 14th day of August, at Nayapalli Bus Stop and with my best effort I am unable to trace it out. If anyone found the above deed please contact on my mob.**70082 92986**

**AFFIDAVIT**

I, Rita Das, W/o- Sarata Chandra Das, Resident of At- Plot No - 3D/1130, Sec-11, CDA, Cuttack Sadar, Dist - Cuttack, Pin-753014, Odisha. Declare by this affidavit No- 7255, Dt- 14.08.2025 that now onwards I shall be known as **Binodini Das** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, Affidavit No. 41, dated 07.08.2025. I, Sasmita Panda, residing at Flat No. 1/ A1, Bishnupriya Apartment, Lane-11, Jayadev Vihar, Bhubaneswar, Khordha declare that I have changed the name of my daughter from **AAYATI PANDA** to **AAYATI AGARWALLA PANDA**. Henceforth, She shall be known as **AAYATI AGARWALLA PANDA** for all purposes.

**(Sasmita Panda)**

# କଂଗ୍ରେସ ଦଳକୁ ଆତଙ୍କବାଦୀ କହିବା ଅଧ୍ୟାପକଙ୍କୁ ପଡ଼ିଲା ମହଙ୍ଗା

ମାହାଙ୍ଗା ,(ସବ୍ୟୁ): :ଙ୍ଗା ବିକାଶ ପରିଷଦର ସ୍ଥାନୀୟ କାଯର୍ଯାଳୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଅଧ୍ୟାପକ ପ୍ରମୋଦ କୁମାର ଶତପଥିଙ୍କ ଅଭିଭାଷଣ ପ୍ରସଙ୍ଗରେ କଂଗ୍ରେସ ଦଳକୁ କଂସ କହିବା ସହ କଂଗ୍ରେସ ନେତୃବୃନ୍ଦଙ୍କୁ ଆତଙ୍କବାଦୀ ବୋଲି କହିଥିଲେ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଉକ୍ତ ଅଧ୍ୟାପକ ଜଣକ ବର୍ତ୍ତମାନ ଯାଜପୁର ଜିଲ୍ଲା ଅନ୍ତର୍ଗତ କାଶୀନାଥ ମହାବିଦ୍ୟାଳୟ କାଇପଡାଠାରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାଯର୍ଯରତ । ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଏଭଳି ହିଂସାତ୍ମକ ତଥା ବିଦ୍ୱେଷ ଭାବ ରଖି ରାଜନୈତିକ ଦୃଷ୍ଟି ଭଙ୍ଗୀରେ ଭାଷଣକୁ ସାଧାରଣରେ ତୀବ୍ର ନିନ୍ଦା କରାଯିବା ସହ ମାହାଙ୍ଗା ଥାନାରେ କଂଗ୍ରେସ ଦଳ ପକ୍ଷରୁ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ ଲିଖିତ ଅଭିଯୋଗ କରିଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପୋଲିସ ଏହି ଘଟଣା ସଂପର୍କରେ କିଭଳି କାଯର୍ଯାନୁଷ୍ଠାନ ଗ୍ରହଣ କରୁଛି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
CAD- 1492
ଫୋନ୍ : (୦୬୭୪) ୨୩୯୩୫୨୪
ଏପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://.oshb.org.

ପତ୍ର ସଂଖ୍ୟା : ୧୬୧ **ବିଜ୍ଞାପନ** ତା : ୩୧.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି (2BR), ଫ୍ଲାଟ୍ ନଂ ୨୦୪ (Flat-204) ଟାଇପ୍-୧, ରାଧାକ୍ରିଷ୍ଣ ଏନ୍‌କ୍ଲେଭ୍ (ଆପାର୍ଟମେଣ୍ଟ) ଗଙ୍ଗନଗର, ୟୁନିଟ-୬, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ୧. ଡା. ଶ୍ରୀମା ଦାସ, ସ୍ୱାମୀ- ସ୍ୱର୍ଗତ ଅଶୋକ କୁମାର ମହାନ୍ତି, ସା- ପ୍ଲଟ୍ ନଂ ୧୯୧୪/୨୨୩୭, ଶ୍ରୀରାମ ନଗର, ଭୁବନେଶ୍ୱର-୨, ପୋ- ଓଲ୍ଡଟାଉନ, ଥାନା- ଶ୍ରୀ ଲିଙ୍ଗରାଜ, ଜିଲ୍ଲା- ଖୋର୍ଦ୍ଧା, ୨. ଶ୍ରୀୟା ଦାସ, ସ୍ୱାମୀ- ଜନ୍ମେଜୟ ମହାନ୍ତି, ସା- ବ୍ରାହ୍ମଣ ନରସିଂହପୁର, ପୋ- ଦରକୁଣ୍ଡି, ଥାନା- ବରି, ଜିଲ୍ଲା- ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତାମାନେ ଉକ୍ତ ଫ୍ଲାଟ୍‌ଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଡା. ସରୋଜ କୁମାର ସାହୁ, ପିତା- ଅଭିମନ୍ୟୁ ସାହୁ, ସା- ସାଧକ ନଗର, ପୋ- କେନ୍ଦୁପାଟଣା, ଥାନା- ନିଶ୍ଚିନ୍ତକୋଇଲି, ଜିଲ୍ଲା- କଟକଙ୍କ ନାମରେ ମାଲକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଫ୍ଲାଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR: 13030/11/0809/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
CAD- 1494
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା : ୧୩୭ **ବିଜ୍ଞାପନ** ତା : ୦୫.୦୮.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ- ଏଲ୍‌ଆଇଜି- ୧୫ (LIG- 15), କାକି, ସୁନାବେଡ଼ା, କୋରାପୁଟ ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀମତୀ ମିନତୀ ସାହୁ, ସ୍ୱାମୀ- ସ୍ୱର୍ଗତ ପ୍ରସନ୍ନ କୁମାର ସାହୁ, (୨) ଶ୍ରୀମତୀ ସୁଚିତା କୁମାରୀ ସାହୁ, ପିତା- ସ୍ୱର୍ଗତ ପ୍ରସନ୍ନ କୁମାର ସାହୁ, (୩) ଶ୍ରୀମତୀ ସୁନିତା କୁମାରୀ ସାହୁ, ପିତା- ସ୍ୱର୍ଗତ ପ୍ରସନ୍ନ କୁମାର ସାହୁ, ସା- ହାଉସ ନଂ- ଏଲ୍‌ଆଇଜି- ୧୫, ହାଉସିଂ ବୋର୍ଡ଼ କଲୋନୀ, କାକି, ସୁନାବେଡ଼ା, ପୋଷ୍ଟ- ସୁନାବେଡ଼ା-୧, ଥାନା- ସୁନାବେଡ଼ା, ଜିଲ୍ଲା- କୋରାପୁଟଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା (୧) ଶ୍ରୀମତୀ ମିନତୀ ସାହୁ, (୨) ଶ୍ରୀମତୀ ସୁଚିତା କୁମାରୀ ସାହୁ, (୩) ଶ୍ରୀମତୀ ସୁନିତା କୁମାରୀ ସାହୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ସନ୍ତୋଷ କୁମାର ମହାପାତ୍ର, ପିତା- ସ୍ୱର୍ଗତ ଲକ୍ଷ୍ମୀକାନ୍ତ ମହାପାତ୍ର, ସା- ହାଲ ଟାଉନସିପ୍, ସୁନାବେଡ଼ା, ପୋ- ସୁନାବେଡ଼ା-୨, ଥାନା- ସୁନାବେଡ଼ା, ଜିଲ୍ଲା- କୋରାପୁଟଙ୍କ ନାମରେ ମାଲକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR: 13030/11/0811/2526

**OFFICE OF THE PANCHAYAT SAMITI, CHANDBALI**
**AT-PO- CHANDBALI, DIST- BHADRAK, PIN- 756133**
i-279
**INVITATION FOR BIDS(IFB)**
**BID IDENTIFICATION NO-03**

| S.I No | Name of the Work | Location | Tender Cost |
|---|---|---|---|
| 1 | Beautification of Dhamarai Temple with Rural Park including Picnic spot Amenities work At- Dhamara GP under Chandbali Block | Dhamara | 24,46,099 |

1. Class of Contract: B & C
2. Period of Completion: Six Calender months
3. Date &Time: From 10.00AM of 19.08.2025 to 1.00PM of 10.09.2025
4. Last Date: 10/09/2025 (1 PM)
5. Time of Opening: 3:30 PM of 11/09/2025
6. Name and address: Block Development Officer, Chandbali, Bhadrak.
7. EMD applicable: 24500.00

Further Details can be seen from the website portal **https://bhadrak.odisha.gov.in/-**. The Interested bidders contact office of the Block Development Officer, Chandbali, Dist- Bhadrak, Contact No-9437241362.

OIPR: 19183/11/0004/2526
Sd/- BLOCK DEVELOPMENT OFFICER, CHANDBALI

# ୧୯୪୨ ମସିହା ଭଣ୍ଡାରିପୋଖରୀ 'ଥାନାପୋଡି' ସ୍ମୃତି ଉତ୍ସବ

ଭଣ୍ଡାରିପୋଖରୀ,(ସବ୍ୟୁ): ୧୯୪୨ ମସିହା ଅଗଷ୍ଟ ୧୭ ତାରିଖରେ ଭାରତଛାଡ ଆନ୍ଦୋଳନ ସମୟରେ ସ୍ୱାଧିନତା ସଂଗ୍ରାମୀମାନଙ୍କ ଦ୍ୱାରା ସଂଘଟିତ ଐତିହାସିକ ଭଣ୍ଡାରିପୋଖରୀ 'ଥାନାପୋଡି' ସ୍ମୃତି ଉତ୍ସବ ରବିବାର ପାଳନ କରାଯାଇଛି। ଥାନାଧିକାରୀ କମଳାକାନ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ କହରାପୋଖରୀ କ୍ରାନ୍ତି ମଇଦାନରେ ସଂଗ୍ରାମୀ ଦାୟାଦ ଲକ୍ଷ୍ମୀକାନ୍ତ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଧାୟକ ସଞ୍ଜିବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ବେହେରା, ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ, ସମାଜସେବୀ ବଦ୍ରୀନାରାୟଣ ଧଳ, ସୁବ୍ରତ ଦାସ, ଡଃ ସୁଧାଂଶୁ ଶେଖର ନାୟକ, ରଜନୀକାନ୍ତ ଚନ୍ଦ, ନାରୀନେତ୍ରୀ ସଂଘମିତ୍ରା ପଣ୍ଡା, ଗିରିଶ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରୀନାରାୟଣ ରାଉତ, ସରପଞ୍ଚ ବର୍ଷାରାଣୀ ଜେନା, ବୈରାଗି ଜେନା ପ୍ରମୁଖ ମାହାତ୍ମା ଗାନ୍ଧି ପ୍ରତିମୂର୍ତ୍ତି ଓ ସ୍ମାରକୀ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ସହ ଥାନା ପରିସର ଶହୀଦ ସ୍ମାରକୀ ସ୍ତମ୍ଭ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ। ଶିକ୍ଷାବିତ ଭାରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଷ୍ଟଲବ୍ଧ ସ୍ୱାଧିନତାର ସୁରକ୍ଷା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଅନନ୍ତ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଥାନା କର୍ମଚାରୀମାନେ ଉତ୍ସବ ପରିଚାଳନା କରିଥିଲେ।

# ଆମ ସେବା କେନ୍ଦ୍ର ପକ୍ଷରୁ ସମ୍ମାନ ପତ୍ର ବିତରଣ ଉତ୍ସବ

ଭଦ୍ରକ,(ସବ୍ୟୁ): ୭୯ତମ ସ୍ୱାଧିନତା ଦିବସ।ତେବେ ସେହି ପରିପ୍ରେକ୍ଷୀରେ ତଳାଙ୍ଗ ଉଚ୍ଚ ଏବଂ ଉପ୍ରା ବିଦ୍ୟାଳୟରେ ମଧ୍ୟ ପାଳନ ହୋଇଯାଇଛି ।ଏଇ ଖୁସିର ଦିନରେ ତଳାଙ୍ଗ ଉଚ୍ଚ ବିଦ୍ୟାଳୟରେ ଆୟୋଜନ ହୋଇଥିଲା। ସମ୍ମାନ ପତ୍ର ବିତରଣ ଉତ୍ସବ। ବିଦ୍ୟାଳୟ ନିକଟସ୍ଥ ଆମ ସେବା କେନ୍ଦ୍ରର ପରିଚାଳକ ମହେଶ କୁମାର ମିଶ୍ରଙ୍କ ଦାରା ଚଳିତ ବର୍ଷ ଦଶମ ପରୀକ୍ଷାରେ ସର୍ବାଧିକ ନଂ ରଖି ପାସ କରିଥିବା ରିତେଶ କୁମାର ରାଉଳ(୫୧୯),ସୋନାଲି ମଲ୍ଲିକ (୪୯୨),ଗୌତମ ମଲ୍ଲିକ (୪୮୮),ଅନୁଷୟା ଖଣ୍ଡୁଆ (୪୮୭),ଗୀତାଞ୍ଜଳି ରାଉତ (୪୭୨) ଏବଂ ସୋମ ସୂର୍ଯ୍ୟ ପ୍ରକାଶ ସାହୁ ( ୪୬୭) ଙ୍କୁ ସମ୍ମାନ ପତ୍ର ସହ ପ୍ରତି ପିଲାଙ୍କୁ ୫୦୦ ଟଙ୍କାର ଆର୍ଥିକ ପୁରସ୍କାର ଦେବା ସଙ୍ଗେ ସଙ୍ଗେ ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଖାତା,ପେନ ଏବଂ ପେନ୍ସିଲ ବଣ୍ଟନ କରିଥିଲେ।ଉକ୍ତ ଉତ୍ସବରେ ପଞ୍ଚାୟତର ସମିତି ସଭ୍ୟା ମାନସୀ ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନିଜର ଅଭିଭାଷଣ ରଖିବା ସହ କୃତିତ୍ୱ ଛାତ୍ର ଛାତ୍ରୀଙ୍କୁ ସମ୍ମାନ ପତ୍ର ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହେବା ସହ ଶୃଙ୍ଖଳାରେ ଶେଷ ହୋଇଥିଲା। ବିଦ୍ୟାଳୟର ଏହି ଉତ୍ସବରେ ଗାଁର ଯୁବକ ଅଭିମନ୍ୟୁ ସାମଲ,ରାଜା ବିକ୍ରମ କେଶରୀ ରାଉତ,ଶ୍ରୀକାନ୍ତ ସାମଲଙ୍କ ସମେତ ଅନ୍ୟାନ୍ୟ ଯୁବକ ସହଯୋଗ କରିଥିଲେ ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ସ୍ୱାଧିନତା ସଂଗ୍ରାମୀଙ୍କୁ ବାପା ପକ୍ଷରୁ ମାଲ୍ୟାର୍ପଣ ଓ ଚାରାରୋପଣ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ସବ୍ୟୁ) ବାଲିକୁଦା ପିପୁଲ୍ସ ଆସୋସିଏସନ (ବାପା) ପକ୍ଷରୁ ୭୯ତମ ସ୍ୱାଧିନତା ଦିବସ ଅବସରରେ ସ୍ଥାନୀୟ ଅଞ୍ଚଳରେ ଥିବା ମହାତ୍ମା ଗାନ୍ଧି ଓ ସ୍ୱାଧିନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଚାରା ରୋପଣ କରାଯାଇଥିଲା । ସର୍ବପ୍ରଥମେ ସଦେଇପୁରରେ ଥିବା ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷାବିତ୍ ସର୍ବେଶ୍ୱର ଦାସ ଓ ସ୍ଥାନୀୟ ସରପଞ୍ଚ ମାଲ୍ୟାର୍ପଣ କରିବା ସହ ଚାରାରୋପଣ କରିଥିଲେ । ଚଅଁରପୁରରେ ଥିବା ସ୍ୱାଧିନତା ସଂଗ୍ରାମୀ ଜଗନ୍ନାଥ ନାୟକ, ପୁରଣ ଗାଁରେ ଥିବା କ୍ଷେତ୍ର ମୋହନ କାନୁନ୍‌ଗୋ, ଏରକଣାସ୍ଥିତ ନୀଳମଣି ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଚାରାରୋପଣ ମଧ୍ୟ କରାଯାଇଥିଲା । ବାଲିକୁଦା ବ୍ଲକ ପରିସର, କାଠଗୋଲା ଛକ, ଓରଣ୍ଡ ଛକ ଓ ରାହାଣ ହାଇସ୍କୁଲ ପରିସରରେ ଥିବା ଗାନ୍ଧି ମୂର୍ତ୍ତିରେ ମାଲ୍ୟାର୍ପଣ ସହ ଚାରାରୋପଣ ଓ ବାଲୁକୁଦା ତହସିଲ ପରିସରରେ ତହସିଲଦାର ବିକାଶ ରଞ୍ଜନ ଓ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାପା ର ସଭାପତି ଡାକ୍ତର ପ୍ରମୋଦ କୁମାର ବିଶ୍ୱାଳ, ଉପସଭାପତି ଜ୍ୟୋତି ରଞ୍ଜନ ଦାସ, ସାଧାରଣ ସଂପାଦକ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ କାନୁନ୍‌ଗୋ, ବ୍ରହ୍ମାନନ୍ଦ ବେହେରା, ପ୍ରୟାସ କୁମାର ମୁଦୁଲି, ମାନସ କୁମାର ନାୟକ, ରାମ ଚନ୍ଦ୍ର ସାହୁ, ପ୍ରତୀମା ମହାନ୍ତି ଓ ରୀତା ପରିଡାଙ୍କ ସମେତ ଅନ୍ୟାନ୍ୟ ବହୁ ମହିଳା ସ୍ୱେଚ୍ଛାସେବୀ, ସ୍ଥାନୀୟ ବୃଦ୍ଧିଜୀବୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗରାମର ସରପଞ୍ଚ ପବନୀ ମଲ୍ଲିକ ଓ ଅଳାବୋଳ ସରପଞ୍ଚ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଦୋକାନରୁ ନାଗ ସାପ ଉଦ୍ଧାର

ମହାକାଳପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାପଡା ବ୍ଲକ କେୟାରବାଙ୍କ ବଜାରରେ ଥିବା ଗିରଙ୍ଗ ଗ୍ରାମର ଅରୁଣ ରାଉତଙ୍କ ତେଜରାତି ଦୋକାନରୁ ୬ଫୁଟ ଲମ୍ବର ଚନ୍ଦନ ନାଗ (ତମ୍ପ ) ସାପ ଉଦ୍ଧାର ହୋଇଛି । ସାମ୍ବାଦିକ ହେମନ୍ତ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଅସ୍ଥାୟୀ ସାପ ଧରାଳି ଆଶୁତୋଷ ମହାନ୍ତି ଙ୍କୁ ଯୋଗାଯୋଗ କରାଯାଇଥିଲା । ଆଶୁତୋଷ ଶନିବାର ରାତିରେ ସାପକୁ ଅତି ସହଜରେ ଧରି ସୁରକ୍ଷିତ ଭାବେ ଏକ ବଡ଼ ପ୍ଲାଷ୍ଟିକ ଜାରରେ ପୁରାଇ ସୁରକ୍ଷିତ ସ୍ଥାନରେ ଛାଡି ଦେଇଥିବା ଜଣାପଡିଛି ।

# ହାଇଟେକ୍‌ରେ ୭୯ ତମ ସ୍ୱାଧିନତା ଦିବସ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି । ଏଥିରେ ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନ ମେଡିକାଲ କଲେଜ, ଡେଣ୍ଟାଲ କଲେଜ, ଫିଜିଓଥେରାପି, ଫାର୍ମାସୀ କଲେଜ, ନର୍ସିଂ ସ୍କୁଲ ଓ କଲେଜ, +୨ ସାଇନ୍ସ କଲେଜର ସହସ୍ରାଧିକ ବିଦ୍ୟାର୍ଥୀ ଉପସ୍ଥିତ ରହି ସ୍ୱାଧିନତା ଦିବସ ମହାସମାରୋହରେ ପାଳନ କରିଛନ୍ତି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ପତାକା ଉତ୍ତୋଳନ କରିବା ସହ ଏକବିଂଶ ଶତାବ୍ଦୀରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଁଞ୍ଚିସାରିଛି,କିନ୍ତୁ ହାଇଟେକ୍ ଗ୍ରୁପ୍ ତାକୁ ପରବର୍ତ୍ତି ସମୟରେ ସମସ୍ତଙ୍କ ଦ୍ୱାର ମୁହଁରେ ପହଁଞ୍ଚାଇବାର ପ୍ରତିଶୃତିଏବଂ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି । ଏହି




ଅବସରରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ, ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡକ୍ଟର ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ଟ୍ରଷ୍ଟି ମଧୁସ୍ମିତା ତ୍ରିପାଠୀଙ୍କ ସମେତ ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇ ଏହି ଦିବସକୁ ଉତ୍ସବ ମୁଖର କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷାନୁଷ୍ଠାନର କୃତକାର୍ଯ୍ୟ ବିଦ୍ୟାର୍ଥୀ ଏବଂ ବିଶିଷ୍ଟ ଚିକିତ୍ସାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଇମ୍ଫା ଚୌଦ୍ୱାରରେ ୭୯ତମ ସ୍ୱାଧୀନତା ଦିବସ

କଟକ, (ସବ୍ୟୁ):ଚୌଦ୍ୱାର ସ୍ଥିତ ଇମ୍ଫା ଶିଳ୍ପ ଗୋଷ୍ଠୀ ଦ୍ୱାରା ୭୯ତମ ସ୍ୱାଧୀନତା ଦିବସ ଗର୍ବ ଓ ଦେଶପ୍ରେମର ଭାବନା ସହିତ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇମ୍ଫା ଚୌଦ୍ୱାରର ଉପସଭାପତି ଶ୍ରୀ ବିନୟ ଅଗ୍ରୱାଲା ଜାତୀୟ ପତକା ଉତ୍ତୋଳନ କରିବା ସହିତ ଉପସ୍ଥିତ ଥିବା ସମସ୍ତ କର୍ମଚାରୀ ବୃନ୍ଦଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାୟନ କରାଯାଇଥିଲା । ଶ୍ରୀ ଅଗ୍ରୱାଲା ତାଙ୍କ ଉଦ୍‌ବୋଧନ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମରେ ସଂଘର୍ଷ କରିଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଚିର ନମନ କରିବା ସହିତ ଦେଶର ଏକତା ଓ ଉନ୍ନତି ପାଇଁ ସମସ୍ତେ ନିଜ ଦ୍ୱାୟିତ୍ୱ ପାଳନ କରିବାକୁ ପୁନଃ ସଂକଳ୍ପ କରିବାକୁ ଆହ୍ୱାନ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ପାୱାର ପ୍ଲାଣ୍ଟ ପରିଚାଳନା ମୁଖ୍ୟ ଲଲାଟ କିଶୋର ମହାପାତ୍ର, ବରିଷ୍ଠ ସାଧାରଣ ପ୍ରବନ୍ଧକ ସୁଜିତ ମିଶ୍ର, ଅଶ୍ୱିନୀ ପୃଷ୍ଟି, ମାନସ ପଣ୍ଡା, ପ୍ରଶାନ୍ତ ସାହୁ, ସ୍ୱୟଂ ଭୁବ ଦାସ, କମଳାକାନ୍ତ ସେଠୀ, ଶଶାଙ୍କ ସୁବୁଦ୍ଧିରାୟ, ସରୋଜ ସାହୁ, ଗୋପବନ୍ଧୁ ସାମନ୍ତ ସିଂହାର, ସୁଜିତ ସାହୁ, ଅଭିଷେକ ଘୋଷ, ପ୍ରତିନିଧି ମଣ୍ଡଳୀ ପକ୍ଷରୁ ସୁଶାନ୍ତ ନାୟକ, ଅଶାନ୍ତ ବେହେରା, ରଞ୍ଜିତ ବେହେରା, ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବଶେଷରେ ମାନବ ସମ୍ବଳ ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କାର୍ଯ୍ୟକ୍ରମକୁ ପରିସମାପ୍ତି କରିଥିଲେ ।

# ବସ୍ତି ପିଲାଙ୍କ ଗହଣରେ ସ୍ୱାଧୀନତା ଦିବସ ପାଳିଲେ ଯଶୋଦା ମା



ଭୁବନେଶ୍ୱର (ସବ୍ୟୁ): ୭୯ ତମ ସ୍ୱାଧିନତା ଦିବସ ଅନ୍ଧାରୁଆ ପାଖ ଚୂନକୋଳି ବସ୍ତିରେ ପାଳନ ହୋଇ ଯାଇଛି । ଯଶୋଦା ମାଆ ଫାଉଣ୍ଡେସନର ଅଧ୍ୟକ୍ଷା ସମାଜସେବୀ ନିବେଦିତା ଲେଙ୍କା ଏବଂ ରୋଟାରୀ କ୍ଲବ୍ ର ସମସ୍ତ ସଦସ୍ୟ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ । ଯଶୋଦା ମାଆ ପିଲାମାନଙ୍କୁ ସତ୍ୟ ଅହିଂସା ପଥକୁ ଅନୁସରଣ କରିବା ତଥା ନିଜ ମା ମାତୃଭୂମି ଓ ମାତୃଭାଷା କୁ ଭଲପାଇବା ପାଇଁ କହିଥିଲେ । ପିଲାମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ । ଶେଷରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

# ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ୨୫ ତମ ବ୍ରହ୍ମଲୀନ ମହୋତ୍ସବ ପାଳିତ

ଭୁବନେଶ୍ୱର, (ସବ୍ୟୁ): ମାଳିକାର ପ୍ରବାଦ ମହାପୁରୁଷ ସନ୍ଥବ୍ରହ୍ମ ବୈକୁଣ୍ଠ ନାଥ ବ୍ରାହ୍ମଚାରୀଙ୍କର ୨୫ ତମ ବ୍ରହ୍ମଲୀନ ଦିବସ ତଥା ଦିବ୍ୟଧାମ ଗମନ ସ୍ମରଣ ମହୋତ୍ସବ ତା ୨୪ ଓ ୨୫ରିଖ ଦୁଇ ଦିନ ବ୍ୟାପି ବାବାଙ୍କ ପ୍ରତିଷ୍ଠିତ ଜଳୋକା ଆନନ୍ଦ ଧାମ, କେନ୍ଦ୍ରାପଡ଼ାଜିଲ୍ଲା ଗରାପୁର ଗ୍ରାମସ୍ଥିତ ହନୁମାନଜୀଉ ଆଶ୍ରମ ଏବଂ ଭୁବନେଶ୍ୱର ୟୁନିଟ -୯ ସ୍ଥିତ ଏକାମ୍ର ସତ୍ୟସେବା ଆଶ୍ରମ ଠାରେ ସମ୍ପନ୍ନ ହୋଇଯାଇଛି । ମହୋତ୍ସବର ଅଧିବାସ ତା ୨୪ ରିଖ ଅପରାହ୍ନ ୫ ଘଟିକା ସମୟରେ ଚଉ ପ୍ରହରି ନାମଯଜ୍ଞରୁ ଆରମ୍ଭ ହୋଇ ୨୫ ତାରିଖ ପ୍ରାତଃ ସମୟରେ ନଗର କୀର୍ତ୍ତନ ସହ ଉଦଯାପନ ହୋଇଥିଲା । ପ୍ରଥମେ ବାବାଙ୍କ ପ୍ରତିମୂର୍ତ୍ତିର ଅଭିଷେକ, ପୂଜାର୍ଚ୍ଚନା ଆରତୀ, କୀର୍ତ୍ତନର ସହ କରାଯାଇ ଶେଷରେ ଗୁରୁବନ୍ଦନା ଏବଂ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ବାଲ୍ୟଭୋଗ ବିତରଣ କରାଯିବା



ପରେ ବାବାଙ୍କ ଭକ୍ତ ଏବଂ ଶିଷ୍ୟ ଏବଂ ଅନୁଗାମୀ ମାନଙ୍କ ଦ୍ୱାରା ବାବାଙ୍କର ଦିବ୍ୟ ଅନୁଭବର ସ୍ମୃତିଚାରଣ ପରିବେଶକୁ ଭାବମୟ କରିଦେଇଥିଲା । ପରେ ବିଶିଷ୍ଟ କଣ୍ଠ ଶିଳ୍ପୀ ମାନଙ୍କ ଦ୍ୱାରା ବୈକୁଣ୍ଠ ଭଜନ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ଦିଅଙ୍କର ଆରତୀ,, କୀର୍ତ୍ତନ, ପ୍ରାର୍ଥନା ଏବଂ ପ୍ରବଚନ କାର୍ଯ୍ୟକ୍ରମ ପରେ ବୈକୁଣ୍ଠ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ପହୁଡ଼ ଆରତୀ କରାଯାଇ ମହୋତ୍ସବର ଉଦଯାପନ କରାଯାଇଥିଲା ।ଏହି ମହୋତ୍ସବରେ ବାବା ବୈକୁଣ୍ଠନାଥଙ୍କର ବହୁ ଶିଷ୍ୟ, ଭକ୍ତ ଏବଂ ଅନୁଗାମୀ ମାନେ ଯୋଗଦେଇ ବାବାଙ୍କର ଦିବ୍ୟ ଚେତନା, ବାଣୀ, ଭାବନା, ଉପଦେଶ ଏବଂ ଆଧାତ୍ମିକ ସଂଗୀତ ତଥା ଦିବ୍ୟ ଅନୁଭୂତିକୁ ଉଦ୍-ଜୀବିତ କରିଥିଲେ । ଭୁବନେଶ୍ୱରରେ ଓସେଡୋ ଅନୁଷ୍ଠାନ ତରଫରୁ ବାବାଙ୍କର ଦିବ୍ୟଧାମ ଯାତ୍ରାର ସ୍ମରଣ ଉତ୍ସବକୁ ପ୍ରଣିଧାନଯୋଗ୍ୟ କରିବାପାଇଁ ଗୋମାତା ସେବାର ଆୟୋଜନ କରିଥିଲେ ।

# ରୁଚି ପକ୍ଷରୁ ସ୍ୱାଧୀନତା ଦିବସ ପାଳନ



କଟକ, (ସ୍ୱପ୍ର): ଓଡ଼ିଶାର ସୁପରିଚିତ ରୁଚି ଶିଳ୍ପୋଦ୍ୟୋଗ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ମଧୁପାଟଣା ସ୍ଥିତ ଶିଳ୍ପାଞ୍ଚଳ ପରିସରରେ ଆୟୋଜିତ ହୋଇଥିଲା । ରୁଚି ମୁଖ୍ୟାଳୟଠାରେ ନିର୍ଦ୍ଦେଶିକା ଶ୍ରୀମତୀ ସଙ୍ଗୀତ ସାହୁ ଓ ପାସ୍ତା ଭିଲେଜଠାରେ ଡି.ଜି.ଏମ୍. ନିଶିକାନ୍ତ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ । ମାନବସମ୍ବଳ ବିଭାଗ ମୁଖ୍ୟ ସନ୍ତୋଷ କୁମାର ପାଢ଼ୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଲୋକସଂପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଉତ୍ସବରେ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ବରିଷ୍ଠ ଅଧିକାରୀ ଚିତ୍ତରଂଜନ ତ୍ରିପାଠୀ, ମକରଧ୍ୱଜ ରାଉତ, ରଂଜିତ କୁମାର ସାହୁ, ବିଶ୍ୱଜିତ ଜେନା, ସୂର୍ଯ୍ୟକାନ୍ତ ସାହୁ, ଅରକ୍ଷିତ ରଣା, ସାଲଖାନ ମୁର୍ମୁ, ପ୍ରତାପ ନାୟକ, ଆଲୋକ କୁମାର ଦାସ, ଦେଶଜ୍ୟୋତି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶିଳ୍ପାଞ୍ଚଳଠାରେ ରୁଚି ନିରାପତ୍ତା ବିଭାଗ ପକ୍ଷରୁ ମନୋରଂଜନ ସାମଲ ଓ ଦେବାଶିଷ ପରିଡ଼ାଙ୍କ ନେତୃତ୍ୱରେ ମାର୍ଚ୍ଚଫାଷ୍ଟ ପ୍ୟାରେଡ୍ ଅନୁଷ୍ଠିତ ହୋଇଥିଲା ।

# ବିଏମ୍‌ପିଏସ୍ ତକ୍ଷ୍ୟଶିଳା ସ୍କୁଲ୍ ରେ ସ୍ୱାଧିନତା ଦିବସ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲରେ ସ୍ୱାଧିନତା ଦିବସ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ବାର୍ଷିକ ପ୍ରଦର୍ଶନୀ "ଆବିସ୍କାର" -୨୦୨୫ ରେ ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାମାଜିକ ବିଜ୍ଞାନ ଏବଂ ବିଜ୍ଞାନ ଉପରେ ଆଧାରିତ ବିଷୟବସ୍ତୁ ଉପରେ ପ୍ରତିଭା ଏବଂ ନବସୃଜନର ଏକ ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା । ଉଦଘାଟନୀ ସମାରୋହରେ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ସେମାନଙ୍କ ସହିତ ସ୍କୁଲର ଅଧ୍ୟକ୍ଷ ଟୁଟୁଲ କିଶୋର ଦାସ, ନିର୍ଦ୍ଦେଶକ ଶ୍ରୀମତୀ ସିକତା ଦାସ ଏବଂ ପ୍ରଧାନଶିକ୍ଷକ ଶ୍ରୀମତୀ ଲିପ୍ସିତା ମହାନ୍ତି ଉପସ୍ଥିତ ଥିଲେ । ଏହା ସୃଜନଶୀଳତା ଏବଂ ବୁଦ୍ଧିର ଏକ ଅବିସ୍ମରଣୀୟ ଉତ୍ସବ ଥିଲା । ଏହି ବିଶାଳ ସମାବେଶରେ ସମ୍ମାନିତ ଅତିଥି, ସମ୍ମାନିତ ଅଭିଭାବକ, ଛାତ୍ର, ଶିକ୍ଷକ, ସ୍କୁଲ କର୍ମଚାରୀଙ୍କ ପରି ଅନେକ ଶୁଭେଚ୍ଛୁ ଉପସ୍ଥିତ




ଥିଲେ ।ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ଲିପ୍ସିତା ମହାନ୍ତି, ସ୍କୁଲର ସଫଳତା ବର୍ଣ୍ଣନା କରିଥିଲେ ଏବଂ ବିଏମ୍‌ପିସ୍ ତକ୍ଷ୍ୟଶିଳା ସ୍କୁଲର ଏହି ଯାତ୍ରାରେ ସମସ୍ତଙ୍କ ଅବଦାନ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ସ୍କୁଲର ଅଧ୍ୟକ୍ଷ ଟୁଟୁଲ କିଶୋର ଦାସ, ଅଭିଭାବକ ଏବଂ ଅଭିଭାବକମାନଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ସ୍କୁଲ ଏବଂ ଏହାର ପରିଚାଳନା ପ୍ରତି ବିଶ୍ୱାସ ପାଇଁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଆନ୍ତଃସ୍କୁଲ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତାର ବିଜେତାମାନଙ୍କ ଦ୍ୱାରା ଏକ ଦେଶାତ୍ମବୋଧକ ଗୀତ ଥିଲା । ବରିଷ୍ଠ ଛାତ୍ରମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ ଯାହା ଏକତାର ଭାବନାକୁ ଜାଗ୍ରତ କରିଥିଲା ଏବଂ ଆମ ଦେଶର ବିବିଧ କିନ୍ତୁ ସମନ୍ୱିତ ବସ୍ତ୍ରର ଏକ ଚିତ୍ର ଆଙ୍କିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ, ମୁଖ୍ୟ ଅତିଥି ସ୍ମୃତି ରଞ୍ଜନ ପ୍ରଧାନ ପ୍ରଦର୍ଶନୀକୁ ଉନ୍ମୁକ୍ତ ଘୋଷଣା କରିଥିଲେ । ଛାତ୍ରମାନେ ବିଜ୍ଞାନର ବିଭିନ୍ନ ଶାଖା ସହିତ ଜଡିତ ବିଭିନ୍ନ ପ୍ରକାରର ମଡେଲ ଉପସ୍ଥାପନ କରିଥିଲେ । ଏହି ବର୍ଷର ପ୍ରଦର୍ଶନୀ ଅଂଶଗ୍ରହଣକାରୀମାନଙ୍କୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ସାମାଜିକ ବିଜ୍ଞାନ ଏବଂ ପରିବେଶ ବିଜ୍ଞାନ ଭଳି ବିଭିନ୍ନ ବିଷୟରେ ପ୍ରକଳ୍ପ ଅନୁସନ୍ଧାନ ଏବଂ ଉପସ୍ଥାପନ କରିବାକୁ ପ୍ରେରଣା ଦେଇଥିଲା । ପ୍ରତ୍ୟେକ ବିଜେତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ରୟାଲ ଷ୍ଟାଗ ବୁମ ବକ୍ସ ପକ୍ଷରୁ ଆଧୁନିକ ମେଲୋଡି ଏବଂ ହିପ୍‌ହପ୍ ଗୀତ 'ମେବି'

ଭୁବନେଶ୍ୱର, (ସବ୍ୟୁ) : ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହିତ ମିଳିତ ଭାବରେ ବ୍ରାଣ୍ଡର ପ୍ରମୁଖ ସଙ୍ଗୀତ ଆଇପି, 'ରୟାଲ ଷ୍ଟାଗ ବୁମ ବକ୍ସ ଅରିଜିନାଲ୍ସ' ଅଧିନରେ ଏକ ନୂତନ ଲାଇନ ଅପ ସହିତ ଫେରିଛି । 'ପେହଲେ ଜୈସୀ ବାତ ନହିଁ, ହୁଡି, ମୋହବତ ଏବଂ ଇମତିହାନ' ଭଳି ଟ୍ରାକ ସହିତ ସଫଳ ପ୍ରଦର୍ଶନ ପରେ, ଉକ୍ତ ପ୍ଲାଟଫର୍ମ ବର୍ତମାନ ଏହି ସିଜିନର ତୃତୀୟ ଅରିଜିନାଲ, ମେବି ର ଶୁଭାରମ୍ଭ ହୋଇଛି । ଯେଉଁଥିରେ ଅରମାନ ମଲିକ ଏବଂ ଇକ୍କାଙ୍କ ସହିତ ଏକ ଆକର୍ଷଣୀୟ ସଂଗୀତ ହୋଇପାରିଛି । ଗତ ତିନି ବର୍ଷ ମଧ୍ୟରେ ଅନେକ ଦର୍ଶକଙ୍କୁ ଆକର୍ଷିତ କରିବା ପରେ, ରୟାଲ ଷ୍ଟାଗ ବୁମବକ୍ସ ଏହାର ଦ୍ୱିତୀୟ ସିଜନ ବୁମ ବକ୍ସ ସହିତ ଫେର ଆସିଛି ଏବଂ ସାଉଣ୍ଡଟ୍ରାକ ଯାହା ବ୍ରାଣ୍ଡର ଲିଭିଂ ଇଟ ଲାର୍ଜ ଭାବନାକୁ ପାଳନ କରେ ।

# ପୂର୍ବ ଭାରତର ଭେଟେରାନଙ୍କୁ ଡାଲମିଆ ସିମେଣ୍ଟ ପକ୍ଷରୁ ୭୮ତମ ବାର୍ଷିକୀ 'ସାଲ୍ୟୁଟିଂ' ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ୍) ସମଗ୍ର ପୂର୍ବ ଭାରତରୁ ସଶସ୍ତ୍ର ବାହିନୀଗୁଡ଼ିକର ଯୁଦ୍ଧ ଭେଟେରାନ ଏବଂ ପୂର୍ବତନ ସେନା କର୍ମଚାରୀ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରର ୭୮ତମ ବାର୍ଷିକୀ 'ସାଲ୍ୟୁଟିଂ ୭୮' ସହିତ ପାଳନ କରିଛି । ଜନସମୁଦାୟଙ୍କୁ ଏକତ୍ରିତ କରୁଥିବା ଏହି ଉତ୍ସବରେ କମ୍ପାନୀ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ୭୮ଜଣ ଭେଟେରାନଙ୍କ ସାହସ ଏବଂ ଆତ୍ମବଳି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲା । ଓଡ଼ିଶାରେ ବିବିଧ ପୃଷ୍ଠଭୂମିରୁ ଆସିଥିବା ୨୫ ଜଣ ପୂର୍ବତନ ସେନା କର୍ମଚାରୀଙ୍କୁ ସେମାନଙ୍କର ଅନନ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ଭେଟେରାନଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ ଶାଲ୍, ଭାରତର ଜାତୀୟ ପତାକା ଏବଂ ସମସ୍ତ ୭୮ ଜଣ ସମ୍ବର୍ଦ୍ଧିତ ଭେଟେରାନଙ୍କ ଫଟୋଚିତ୍ର ରହିଥିବା ଏକ ସ୍ମାରକୀ ଆଲବମ୍ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ସମାବେଶରେ ନାଗରିକ, ସ୍କୁଲ ଛାତ୍ର ଛାତ୍ରୀ, ଗୋଷ୍ଠୀ ନେତୃବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ । ଏହି ପ୍ରୟାସ ସମ୍ପର୍କରେ ମତ ଦେଇ




ଡାଲମିଆ ସିମେଣ୍ଟର ମୁଖପାତ୍ର କହିଥିଲେ, "୮୫ ବର୍ଷ ଧରି ଡାଲମିଆ ସିମେଣ୍ଟଗ୍ସ୍; କେବଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଛିଡା ହୋଇନାହିଁ, ତାହାସହିତ ଆମ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିଥିବା ମୂଲ୍ୟବୋଧ ପାଇଁ ଛିଡା ହୋଇଛି । 'ସାଲ୍ୟୁଟିଂ ୭୮' ସହିତ ଏହି ବ୍ରାଣ୍ଡ୍‌ସା ମୂହିକ ଭାବରେ ଆମ ସ୍ୱାଧୀନତାର ମୂଳଦୁଆ ନିର୍ମାଣ କରିବାରେ ଅଦମ୍ୟ ସାହସର ଏବଂ ଆତ୍ମବଳି ଦେଇଥିବା ସମ୍ମାନାସ୍ପଦ ଭେଟେରାନ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ କରୁଛି । ଏହି ପ୍ରୟାସ ଦୀର୍ଘସ୍ଥାୟୀ ଢାଞ୍ଚା ନିର୍ମାଣ ସହିତ ଏକ ମଜଭୁତ, ଏକତ୍ରିତ ଏବଂ ଦମ୍‌ଦାର ଭାରତ ନିର୍ମାଣ ନିମନ୍ତେ ଆମର ପ୍ରତିବଦ୍ଧତାକୁ ପୁନଃସୁଦୃଢ କରୁଛି । ଏକ ପ୍ରତୀକାତ୍ମକ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଡାଲମିଆ ସିମେଣ୍ଟ ମଧ୍ୟ ସମଗ୍ର ଭାରତରେ ପୋଡିୟମ ପୁନଃସଂସ୍ଥାପନ ପ୍ରୟାସ, ସ୍କୁଲ ଓ ଅନ୍ୟ ସର୍ବସାଧାରଣ ସ୍ଥଳଗୁଡିକରେ ୭୮ଟି ଫ୍ଲାଗ ପୋଡିୟମର ନବୀକରଣ କାର୍ଯ୍ୟ ହାତକୁ ନେଇଥିଲା ଯଦ୍ୱାରା ତ୍ରିରଙ୍ଗା ଗର୍ବ, ଏକତା ଏବଂ ଆଗାମୀ ପିଢିଗୁଡିକ ନିମନ୍ତେ ଦେଶପ୍ରେମ ଭାବର ପ୍ରେରଣା ଜାରି ରଖିବା ସୁନିଶ୍ଚିତ କରିବ । 'ସାଲ୍ୟୁଟିଂ ୭୮' ରାଷ୍ଟ୍ର ନିର୍ମାଣ ଏବଂ ଗୋଷ୍ଠୀ ସଶକ୍ତିକରଣ ନିମନ୍ତେ ପ୍ରଚଳିତ ପ୍ରତିବଦ୍ଧତାର ୮୫ ବର୍ଷର ପରମ୍ପରାକୁ ବହନ କରୁଛି ।

# ଜାତୀୟ ପତାକାକୁ ଅସମ୍ମାନ : ଅଙ୍ଗନୱାଡ଼ି କର୍ମୀଙ୍କୁ କାରଣଦର୍ଶାଅ ନୋଟିସ

ନିମାପଡା, (ସବ୍ୟୁ) : ସ୍ୱାଧିନତା ଦିବସରେ ଜାତୀୟ ପତକାକୁ ଅସମ୍ମାନ କରିବା ଅଭିଯୋଗରେ ଜନୈକା ଅଙ୍ଗନ ଓ୍ୱାଡି କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ନିମାପଡା ବ୍ଲକ ମିଟେଇପୁର ପଞ୍ଚାୟତ ଅନ୍ତର୍ଗତ ତୋଟାସହି ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବା ବେଳେ ଗାଁ କୋଠଘରେ ଅଙ୍ଗନଓ୍ୱାଡି କେନ୍ଦ୍ର ଚାଲୁଛି। ଅଗଷ୍ଟ ୧୫ ଦିନ ଉକ୍ତ ଅଙ୍ଗନଓ୍ୱାଡି କେନ୍ଦ୍ରର କର୍ମୀ ମମତା ମୁଦୁଲି ବିଳମ୍ବରେ ଆସି ଅଙ୍ଗନଓ୍ୱାଡି କେନ୍ଦ୍ରରେ ଜାତୀୟ ପତକା ଉତ୍ତୋଳନ କରିବା ସହିତ ପତାକା ଅବତରଣ କରିବା ସମୟ ପୂର୍ବରୁ ଦିନ ପ୍ରାୟ ୧୨.୪୫ ମିନିଟ ସମୟରେ ପତାକାକୁ ଅବତରଣ କରି ପଳାଇଥିଲେ। ଏହାକୁ ଦେଖି ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏସଂପର୍କରେ ବିଡିଓଙ୍କ ନିକଟରେ ଗ୍ରାମର କିଛି ଲୋକ ଅଭିଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ବିଡିଓ ଡଃ. ଅଭିଜିତ୍ ଷଡଙ୍ଗୀ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓ ମାଧବୀ ମହାପାତ୍ର ସଂପୃକ୍ତ ଅଙ୍ଗନୱାଡି କର୍ମୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିବା କହିଛନ୍ତି। ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

# ହେରିଟେଜ୍ ସଂସ୍ଥା ସମୁହର ସ୍ୱାଧୀନତା ଦିବସ



ଭୁବନେଶ୍ୱର (ସବ୍ୟୁ): କୋଲକାତା ଚୌଭାଗାସ୍ଥିତ ହେରିଟେଜ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟସନସ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ୨୦୨୫ ପାଳିତ ହୋଇଯାଇଛି । ଏଥିରେ ହେରିଟେଜ୍ ସଂସ୍ଥା ସମୁହର ଉପାଧ୍ୟକ୍ଷ ବିକ୍ରମ ସ୍ୱରୂପଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଅଗ୍ରୱାଲ, ହେରିଟେଜ୍ ଇନଷ୍ଟିଚ୍ୟୁଟ ଅଫ୍ ଟେକନୋଲୋଜିର ଅଧ୍ୟକ୍ଷ ଡକ୍ଟର ବାସଭ ଚୌଧୁରୀ, ହେରିଟେଜ୍ ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ସୀମା ସପ୍ରୁଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୟୁକ୍ରେନ ମୁଖିଆଙ୍କ ସହ ଡିଲ୍ କରିବେ ଟ୍ରମ୍ପ



ନୂଆଦିଲ୍ଲୀ: ଯୁଦ୍ଧ ବନ୍ଦ କରିବାକୁ ଆଉ ପାଦେ ଆଗେଇଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଛ ସାମ୍ନାସାମ୍ନି ହେବେ ପୁଟିନ-ଜେଲେନସ୍କି। ଏହି ବୈଠକ ଆସନ୍ତା ୨୨ରେ ହେବାର ରହିଛି। ଏନେଇ ୟୁରୋପୀୟ ନେତାମାନଙ୍କୁ ସୂଚନା ଦେଇଛନ୍ତି ଟ୍ରମ୍ପ। କହିଛନ୍ତି ଯେ ସେ ଅଗଷ୍ଟ ୨୨ରେ ଏକ ତ୍ରିପାକ୍ଷିକ ଶିଖର ସମ୍ମିଳନୀ କରିବାକୁ ଚାହାଁନ୍ତି, ଯେଉଁଥିରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ମଧ୍ୟ ସାମିଲ ହେବେ। ଜେଲେନ୍ସକି ଅଗଷ୍ଟ ୧୮ରେ ୱାଶିଂଟନରେ ଟ୍ରମ୍ପଙ୍କୁ ଭେଟିବେଛ ଟ୍ରମ୍ପ ୟୁରୋପୀୟ ଦେଶଗୁଡ଼ିକର ନେତାମାନଙ୍କୁ ହ୍ୱାଇଟ୍ ହାଉସ୍ ବୈଠକକୁ ମଧ୍ୟ ନିମନ୍ତ୍ରଣ କରିଛନ୍ତି।

ଟ୍ରମ୍ପ ପୂର୍ବରୁ କହିସାରିଛନ୍ତି ଯେ ଯଦି ଏହି ବୈଠକ ସଫଳ ହୁଏ, ତେବେ ପରବର୍ତ୍ତୀ ବୈଠକ ପୁଟିନଙ୍କ ସହିତ ହେବ। ଜର୍ମାନ୍ ଚାନ୍ସେଲର ଫ୍ରେଡ୍ରିଚ୍ ମର୍ଜ କହିଛନ୍ତି ଯେ ସୋମବାର ଟ୍ରମ୍ପ-ଜେଲେନ୍ସକି ବୈଠକ ପରେ ତ୍ରିପାକ୍ଷିକ ବୈଠକ ହେବ। ତଥାପି, ଏ ସମ୍ପର୍କରେ ରୁଷ ପକ୍ଷରୁ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ।

ରୁଷିଆ ସମାଚାର ଏଜେନ୍ସି ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ପୁଟିନଙ୍କ ସହ ସାକ୍ଷାତ ପରେ ଟ୍ରମ୍ପ ୟୁରୋପୀୟ ନେତାମାନଙ୍କ ସହିତ ଏକ ଫୋନ୍ ବାର୍ତ୍ତାଳାପରେ ଶାନ୍ତିଚୁକ୍ତି ପାଇଁ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ଅଧୀନରେ, ୟୁକ୍ରେନ ଡୋନବାସ ପ୍ରଦେଶର ବାକି ଅଂଶକୁ ରୁଷକୁ ହସ୍ତାନ୍ତର କରିବ। ଏଥିରେ ସେହି ଅଞ୍ଚଳଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ଯେଉଁଠାରେ ରୁଷିଆ ସେନା ପହଞ୍ଚି ନାହିଁଛ ପ୍ରତିବଦଳରେ, ଦୁଇ ପ୍ରକାରର ପ୍ରସ୍ତାବ ଦିଆଯିବ। ପ୍ରଥମ - ୟୁକ୍ରେନର ବାକି ଅଞ୍ଚଳରେ ଯୁଦ୍ଧବିରତି। ଦ୍ୱିତୀୟ- ୟୁକ୍ରେନ ଏବଂ ୟୁରୋପ ଉଭୟ ପାଇଁ ସୁରକ୍ଷା ଗ୍ୟାରେଣ୍ଟି।

ପୁଟିନ ଏବଂ ଟ୍ରମ୍ପ ୧୫ ଅଗଷ୍ଟରେ ଆଲାସ୍କାର ଏଲମେଣ୍ଡର୍ଫ-ରିଚାର୍ଡସନ ସାମରିକ ଘାଟିରେ ସାକ୍ଷାତ କରିଥିଲେ। ଉଭୟ ପ୍ରାୟ ୩ ଘଣ୍ଟା କଥା ହୋଇଥିଲେ। ବୈଠକ କକ୍ଷକୁ ଯିବା ପୂର୍ବରୁ, ଉଭୟ ଲିମୋଜିନରେ ମୁହାଁମୁହିଁ କଥାବାର୍ତ୍ତା କରିଥିଲେ। ଏହା ପରେ ଉଭୟ ପକ୍ଷ ଆଲୋଚନା କରିଥିଲେ। ରୁଷ ପ୍ରତିନିଧିମଣ୍ଡଳରେ କ୍ରେମଲିନ୍ ସହଯୋଗୀ ୟୁରି ଉଶାକୋଭ୍ ଏବଂ ବୈଦେଶିକ ମନ୍ତ୍ରୀ ସରଗେଇ ଲାଭରୋଭ୍ ସାମିଲ ଥିଲେ। ଆମେରିକା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ବୈଦେଶିକ ସଚିବ ମାର୍କୋ ରୁବିଓ ଏବଂ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ।

ବୈଠକ ପରେ, ପୁଟିନ୍ କହିଥିଲେ ଯେ ଆଲୋଚନାର କେନ୍ଦ୍ରବିନ୍ଦୁ ୟୁକ୍ରେନ୍ ବିବାଦର ସମାଧାନ ଉପରେ ଥିଲା। ସେହି ସମୟରେ, ଟ୍ରମ୍ପ ପୁଟିନଙ୍କ ସହ ହୋଇଥିବା ଆଲୋଚନାକୁ ସକାରାତ୍ମକ ବୋଲି ବର୍ଣ୍ଣନା କରିଥିଲେ। ଆଲାସ୍କା ସମ୍ମିଳନୀ ଏବଂ ଫୋନ୍ କଲ୍ ପରେ, ଟ୍ରମ୍ପ କହିଥିଲେ ଯେ ୟୁକ୍ରେନ୍ ଏବଂ ରୁଷ ଏକ ଚୂଡାନ୍ତ ଶାନ୍ତିଚୁକ୍ତି ଉପରେ ସହମତ ହେବା ଉଚିତ୍।

# ଯାତ୍ରୀଙ୍କ ଜୀବନ ବଞ୍ଚାଇବା ପାଇଁ ପଛକୁ ଫେରିଲା ଟ୍ରେନ୍



ନୂଆଦିଲ୍ଲୀ: ଉତ୍ତର ପ୍ରଦେଶର ହମିରପୁର ଜିଲ୍ଲାର ବାନ୍ଦାରୁ କାନପୁର ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ ଜଣେ ଯାତ୍ରୀଙ୍କ ଜୀବନ ବଞ୍ଚାଇବା ପାଇଁ ପଛକୁ ଫେରିଥିବାର ଘଟଣା ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶର ହମିରପୁର ଜିଲ୍ଲାର ବାନ୍ଦାରୁ କାନପୁର ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସରୁ ଜଣେ ଯାତ୍ରୀ ହଠାତ ଧାରଣାକୁ ଖସି ପଡ଼ିଥିଲେ। ଏହାପରେ ଉକ୍ତ ଯାତ୍ରୀଙ୍କ ପରିବାର ସଦସ୍ୟ ତଥା ବଗିରେ ବସିଥିବା ଅନ୍ୟଲୋକମାନେ ପାଟିତୁଣ୍ଡ କରିବା ଆରମ୍ଭ କରିଥିଲେ। ଘଟଣା ବିଷୟରେ ଜାଣିବା ପରେ ଗାର୍ଡ ଟ୍ରେନକୁ ଅଟକାଇ ଲୋକୋ ପାଇଲଟଙ୍କୁ ଦୁର୍ଘଟଣା ବିଷୟରେ ସୂଚିତ କରିଥିଲେ। ଏଥିସହିତ ରେଳବାଇର ବରିଷ୍ଠ ଅଧିକାରୀମାନଙ୍କୁ ଘଟଣା ବିଷୟରେ ଜଣାଇବା ପରେ ଲୋକୋ ପାଇଲଟ ଟ୍ରେନକୁ ତିନି କିଲୋମିଟର ପର୍ଯ୍ୟନ୍ତ ପଛକୁ ଫେରାଇ ନେଇଥିଲେ। ଧାରଣାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଯୁବକଙ୍କୁ ଉଦ୍ଧାର କରି ସୁମେରପୁର ଷ୍ଟେସନକୁ ଅଣାଯାଇଥିଲା। ଏଠାରୁ ଆହତ ଯୁବକଙ୍କୁ ଆମ୍ବୁଲାନ୍ସ ମାଧ୍ୟମରେ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି

ଯୁବକଙ୍କ ଅବସ୍ଥା ବିପଦମୁକ୍ତ ଥିବା ଡାକ୍ତରଙ୍କ ସୂତ୍ରରୁ ପ୍ରକାଶ।ସୂଚନାଯୋଗ୍ୟ, ବାନ୍ଦା ଜିଲ୍ଲାର ଚାହିତାରା ଗାଁର ବାସିନ୍ଦା ସୁରେନ୍ଦ୍ର ବର୍ମା ତାଙ୍କ ପରିବାର ସହିତ ସୁମେରପୁରରେ ତାଙ୍କ ଭଉଣୀଙ୍କ ଘରକୁ ଯିବା ପାଇଁ ଚିତ୍ରକୂଟ-କାନପୁର ଇଣ୍ଟରସିଟି ଏକ୍ସପ୍ରେସରେ ଚଢ଼ିଥିଲେ। ତାଙ୍କ ସହିତ ପତ୍ନୀ ସୀମା, ପୁଅ ଆୟାଂଶ ଏବଂ ଝିଅ ଅର୍ପିତ ମଧ୍ୟ ଟ୍ରେନର ବଗିରେ ବସିଥିଲେ। ଏହି ଟ୍ରେନଟି ହମିରପୁର ଜିଲ୍ଲାର ମୌଧା ଅଞ୍ଚଳର ରାଗୌଲ ରେଳ ଷ୍ଟେସନରେ କିଛି ସମୟ ପାଇଁ ଅଟକିଥିଲା। ତାଦପରେ ଷ୍ଟେସନରୁ ଇଣ୍ଟରସିଟି ଏକ୍ସପ୍ରେସ୍ ଭାରୁଆ ସୁମେରପୁର ରେଳ ଷ୍ଟେସନ୍ ଯାତ୍ରାର କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଥିଲା।ଦୁର୍ଘଟଣାକୁ ନେଇ ଆହତ ଯାତ୍ରୀଙ୍କ ସ୍ତ୍ରୀ ସୀମା କହିଛନ୍ତି, ଷ୍ଟେସନରୁ ଟ୍ରେନ୍ ଛାଡିବା ମାତ୍ରେ ସ୍ୱାମୀ ବାଥରୁମ୍ ଯିବା ପାଇଁ ବାହାରିଥିଲେ। ଏହି ସମୟରେ ହଠାତ ଟ୍ରେନଟି ଝଟକା ଦେଇଥିଲା। ଫଳରେ ସେ ଭାରସାମ୍ୟ ରକ୍ଷା କରିନପାରି ଦ୍ୱାର ନିକଟରେ ଥିବାରୁ ଟ୍ରେନରୁ ତଳକୁ ଖସି ପଡ଼ିଥିଲେ। ଭାରୁଆ ସୁମେରପୁର ରେଳ ଷ୍ଟେସନ୍ ମାଷ୍ଟର ଅମାନୁଦ୍ଦିନ କହିଛନ୍ତି, ସୁରେନ୍ଦ୍ର ବର୍ମା (୪୧) ଚଳନ୍ତା ଟ୍ରେନରୁ ଖସିପଡ଼ିବା ସୂଚନା ପାଇବା ପରେ, ରେଳ ବିଭାଗ ତୁରନ୍ତ ଆହତଙ୍କୁ ବଞ୍ଚାଇବା ପାଇଁ ନିଷ୍ପତ୍ତିନେଇଥିଲା। ତେଣୁ ଆହତଙ୍କୁ ଉଦ୍ଧାର ସହିତ ଠିକ ସମୟରେ ଚିକିତ୍ସା ଦେବା ପାଇଁ ଟ୍ରେନ୍ ପଛକୁ ନିଆଁ ଯାଇଥିଲା।

# ୭୮ ବର୍ଷ ପରେ ବଦଳିବ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଠିକଣା



ନୂଆଦିଲ୍ଲୀ: ଲିଟୁୟନ୍ସ ଦିଲ୍ଲୀର ପାୱାର କରିଡରରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ୭୮ ବର୍ଷ ପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅର୍ଥାତ୍ ପିଏମଓର ଠିକଣା ବଦଳିବାକୁ ଯାଉଛି । ବର୍ତ୍ତମାନ ପିଏମଓର ଠିକଣା ସାଉଥ୍ ବ୍ଲକ୍ । କିନ୍ତୁ ଆସନ୍ତା ମାସରେ ଏକ୍ସିକ୍ୟୁଟିଭ୍ ଏନକ୍ଲେଭକୁ ଏହା ଶିଫ୍ଟ ହେବ । ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସନ୍ତା ମାସରୁ ନୂଆ ଠିକଣାରୁ କାମ ଆରମ୍ଭ କରିବ ।ସାଉଥ୍ ବ୍ଲକ୍ ଓ ନର୍ଥ ବ୍ଲକ୍ ସ୍ୱାଧୀନତା ପୂର୍ବରୁ ବ୍ରିଟିଶ ଶାସନ ସମୟରେ ନିର୍ମାଣ କରାଯାଇଥିଲା । ପୁରୁଣା ବିଲ୍ଡିଂରେ ସ୍ଥାନ କମ ଓ ଆଧୁନିକ ସୁବିଧାର ଅଭାବ ମଧ୍ୟ ଅଛି । ଏଥିପାଇଁ କେନ୍ଦ୍ର ସରକାର ପ୍ରଶାସନିକ କାର୍ଯ୍ୟରେ ସୁବିଧା ପାଇଁ ନୂତନ ଓ ଉନ୍ନତ ଭବନ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସାଉଥ୍ ବ୍ଲକରୁ କିଛି ଦୂରରେ ଏକ ନୂତନ ଏକ୍ସିକ୍ୟୁଟିଭ ଏନକ୍ଲେଭର ନିର୍ମାଣ କରାଯାଇଥିଲା । ନୂଆ ବିଲ୍ଡିଂରେ ପିଏମଓ, କ୍ୟାବିନେଟ୍ ସଚିବାଳୟ, ନ୍ୟାସନାଲ୍ ସିକ୍ୟୁରିଟି କାଉନସିଲ୍ ସଚିବାଳୟ ଓ କନଫରେନ୍ସ ଫ୍ୟାସିଲିଟି ରହିବ। ଅନୁମାନ କରାଯାଉଛି ଯେ ମୋଦୀ ସରକାର ପିଏମଓର ନୂତନ ନାମକରଣ କରିପାରନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ନିଜ ତୃତୀୟ କାର୍ଯ୍ୟକାଳ ଆରମ୍ଭରେ କହିଥିଲେ ଯେ ପିଏମଓ ମୋଦୀର ନୁହେଁ, ଜନତାଙ୍କର ହେବା ଦରକାର । ଏହା ଲୋକଙ୍କ ସେବାର କାର୍ଯ୍ୟାଳୟ ଅଟେ । ଏଥିପାଇଁ ନୂଆ କାର୍ଯ୍ୟାଳୟ ସହ ପିପୁଲ୍ସ ପିଏମଓ ବିଚାରଧାରାକୁ ଆଗକୁ ବଢାଯାଇପାରେ । କେନ୍ଦ୍ର ସରକାର ସାଉଥ୍ ବ୍ଲକ୍ ଏବଂ ନର୍ଥ ବ୍ଲକ୍କୁ ଏକ ବିଶାଳ ସାର୍ବଜନୀନ ସଂଗ୍ରହାଳୟରେ ପରିଣତ କରିବାକୁ ଯୋଜନା କରିଛନ୍ତି, ଯାହାର ଯୁଗେ ଯୁଗିନ୍ ଭାରତ ସଂଗ୍ରହାଳୟଦ ରହିବଛ କୁହାଯାଉଛି ଯେ ଏ ସମ୍ପର୍କରେ ଭାରତୀୟ ଜାତୀୟ ସଂଗ୍ରହାଳୟ ଏବଂ ଫ୍ରାନ୍ସ ସଂଗ୍ରହାଳୟ ବିକାଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି। ମୋଦି ସରକାର କହିଛନ୍ତି ଯେ ଏହି ସଂଗ୍ରହାଳୟ ଭାରତର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବ ଏବଂ ଆମର ଗୌରବମୟ ଅତୀତ, ଉଜ୍ଜ୍ୱଳ ବର୍ତ୍ତମାନ ଏବଂ ସୁବର୍ଣ୍ଣ ଭବିଷ୍ୟତ ସହିତ ଲୋକଙ୍କୁ ଯୋଡ଼ିବା ପାଇଁ କାର୍ଯ୍ୟ କରିବ।

# ଭାରତରେ ମିଳିଲା ରେୟାର ଆର୍ଥ ମେଟାଲ୍ସର ବଡ଼ ଖଣି

ନୂଆଦିଲ୍ଲୀ: ରେୟାର ଆର୍ଥ ମ୍ୟାଟେରିଆଲ ଉପରେ ଚୀନର ଦବଦବାକୁ କମ୍ କରିବା ଦିଗରେ ବଡ଼ ପଦକ୍ଷେପ ନେଉଛି ଭାରତ । ଦେଶରେ ଅନେକ ସ୍ଥାନରେ ରେୟାର ଆର୍ଥ ମ୍ୟାଟେରିଆଲର ଖୋଜ ଜାରି ରହିଛି। ଏହାରି ମଧ୍ୟରେ ଭାରତ ହାତରେ ଲାଗିଛି ଏକ ବଡ଼ ସଫଳତା। ଅରୁଣାଞ୍ଚଳ ପ୍ରଦେଶର ପାପୁମ ପାରେ ଜିଲ୍ଲାରେ ରେୟାର ଆର୍ଥ ଏଲିମେଣ୍ଟସର ଏକ ବଡ଼ ଭଣ୍ଡାର ମିଳିଥିବା ନେଇ ଦାବି କରାଯାଉଛିଛ ଏମିତିରେ ଆଶା କରାଯାଉଛି ବିରଳ ଖଣିଜ ପାଇଁ ଚୀନ ଉପରେ ନିର୍ଭରତା କମ୍ କରିବାର ଏହା ଏକ ଭଲ ସୁଯୋଗ ହୋଇପାରିବ।

ଇକୋନୋମିକ୍ ଟାଇମ୍ସର ରିପୋର୍ଟ ଅନୁସାରେ ଖଣିଜ ମନ୍ତ୍ରଣାଳୟ ଏକ ରିପୋର୍ଟ ଜାରି କରିଥିଲା। ଯେଉଁଥିରେ ଏହି କ୍ଷେତ୍ରରେ ନୟୋଡିମିୟମ ବିପୁଳ ମାତ୍ରାରେ ଥିବା କଥା କୁହାଯାଇଛି। ନିୟୋଡିମିୟମ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହାର ବ୍ୟବହାର ଇଲେକ୍ଟ୍ରିକ୍ ଗାଡ଼ି, ଆଧୁନିକ ଇଲେକ୍ଟ୍ରୋନିକ୍ସ ଏବଂ ମ୍ୟାଗ୍ନେଟ୍ ତିଆରି କରିବାରେ କରାଯାଇଥାଏ। ଏହି ଧାତୁର ବର୍ତ୍ତମାନ ବିଶ୍ୱ ବଜାରରେ ଅତ୍ୟଧିକ ଚାହିଦା ରହିଛି। ବିଶେଷକରି ସେହି ସମୟରେ ଯେତେବେଳେ ସବୁ ଦେଶ ଇଲେକ୍ଟ୍ରିକ ଗାଡ଼ି ଏବଂ ଗ୍ରୀନ ଟେକ୍ନୋଲୋଜି ଆଡ଼କୁ ବଢୁଛି।

ଯଦି ପାପୁମ ପାରେ ଅଞ୍ଚଳରେ ଏହି ଧାତୁକୁ ବାହାର କରିବା କାମ ଆରମ୍ଭ ହୁଏ, ତେବେ ଦେଶର ଅନେକ ପ୍ରମୁଖ ସହର ଯେପରିକି ଗୁଡଗାଓଁ, ପୁନେ ଏବଂ ଚେନ୍ନାଇରେ ଇଲେକ୍ଟ୍ରିକ୍ ଗାଡ଼ି ଏବଂ ଅଟୋମୋବାଇଲ ଉଦ୍ୟୋକୁ ବଡ଼ ବୁଷ୍ଟ ମିଳିପାରେ। ସେହିଭଳି ଆସାମର କାର୍ବି ଆଙ୍ଗଲୋଙ୍ଗ ଏବଂ ମେଘାଳୟର ସୁଙ୍ଗ ଘାଟୀରେ ମଧ୍ୟ ପ୍ରଚୁର ରେୟାର ଆର୍ଥ ଏଲିମେଣ୍ଟସ



ମଳିଛି। ଏହା ବାଦ ମଧ୍ୟ ପ୍ରଦେଶର ସିଙ୍ଗରୋଲୀ କ୍ଷେତ୍ରରେ ମଧ୍ୟ ବିରଳ ଖଣିଜର ସଙ୍କେତ ମିଳିଛି।

ଭାରତ ପାଇଁ ଏହି ଖୋଜ ଖୁବ୍ ମହତ୍ୱପୂର୍ଣ୍ଣ କାରଣ,ଚୀନ ଉପରେ ରେୟାର ଆର୍ଥ ମ୍ୟାଟେରିଆଲ ପାଇଁ ନିର୍ଭରତା ରହିଆସିଛି। ଭାରତର ପ୍ରାୟ ୮୫-୯୦% ବିରଳ ଖଣିଜ ଚୀନରୁ ଆମଦାନୀ ହେଉଛି। ଅବଶ୍ୟ ଏବେ ଏହି ନୂଆ ଭଣ୍ଡାର ମିଳିବା ଦ୍ୱାରା ଭାରତକୁ ଏହି ଧାତୁର ଚାହିଦା ପୂରଣ ଦିଗରେ ଆତ୍ମନିର୍ଭର ହେବାକୁ ଅବସର ମିଳିପାରେ।

ଏହାଦ୍ୱାରା ଇଲେକ୍ଟ୍ରିକ୍ ଗାଡ଼ି ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବା ସହ ଦେଶର ପ୍ରଯୁକ୍ତି ଏବଂ ଔଦ୍ୟୋଗିକ ବିକାଶରେ ମଧ୍ୟ ସାହାଯ୍ୟ ହେବ। ଆଉ ଭାରତ ଉପରେ ଚୀନର ଯୋଗାଣ ନୀତିର ମଧ୍ୟ ପ୍ରଭାବ ପଡ଼ିବ ନାହିଁ କିଦ ଭବିଷ୍ୟତରେ ଯୋଗାଣରେ କେଣସି ପ୍ରକାର ବାଧାର ସୃଷ୍ଟି ହେବନାହିଁ।

ସୂଚନାଯୋଗ୍ୟ, ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ ଉତ୍ପାଦନରେ ଭାରତର ଭାଗ ପ୍ରାୟ ୧%ରୁ ମଧ୍ୟ କମ୍। ଅନ୍ୟପଟେ ଚୀନ ୭୦ ବିରଳ ଖଣିଜର ଉତ୍ପାଦନ ଏବଂ ୯୦% ପ୍ରକ୍ରିୟାକରଣ କରିବା କ୍ଷମତା ରହିଛି। ତେଣୁ ଏହି ଅସନ୍ତୁଳନକୁ ଦେଖି ଭାରତକୁ ନିଜର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ପଦକ୍ଷେପ ନେବାକୁ ହେବ । ଯେପରି ଚୀନ ଉପରେ ନିର୍ଭରତା ସମ୍ପୂର୍ଣ୍ଣ ଭାବରେ ଶେଷ କରିହେବ। ଅବଶ୍ୟ ଆଗାମୀ କିଛି ବର୍ଷରେ ଯଦି ଭାରତ ଏହି ଦିଗରେ ଦ୍ରୁତ ଭାବରେ ପଦକ୍ଷେପ ନେଉଛି, ତେବେ ସମଗ୍ର ଦୁନିଆରେ ବିରଳ ଖଣିଜ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇପାରିବ।

# ଟ୍ରମ୍ପଙ୍କ ଅଜବ ନୀତିକୁ ଆମେରିକାରେ ତୀବ୍ର ବିରୋଧ

ନୂଆଦିଲ୍ଲୀ: ୱାଶିଂଟନରେ ଟ୍ରମ୍ପଙ୍କ ବିରୋଧରେ ପ୍ରତିବାଦ। ନ୍ୟାସନାଲ ଗାର୍ଡ ମୁତୟନକୁ ନେଇ ବିଦ୍ରୋହ। ହ୍ୱାଇଟ୍ ହାଉସ୍ ପର୍ଯ୍ୟନ୍ତ ଶୋଭାଯାତ୍ରା। ଆମେରିକା ରାଷ୍ଟ୍ରପତିଙ୍କୁ ଡବଲ ଟେନସନଛ ଗୋଟିଏ ପଟେ ଯୁଦ୍ଧ ସମାପ୍ତ ନେଇ କାମ କରୁନି ରଣନୀତି। ଅନ୍ୟପଟେ ଦେଶ ଭିତରେ ହିଁ ରିପବ୍ଲିକାନ୍ ସମର୍ଥକମାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରୋଧରେ ଏକ ମୋର୍ଚ୍ଚା ଖୋଲିଛନ୍ତି। ରିପବ୍ଲିକାନ୍ ପାର୍ଟିର ନୀତି ବିରୁଦ୍ଧରେ ପ୍ରତିବାଦ କରାଯାଉଛି। ଶନିବାର ଆମେରିକାରେ ଶ୍ରମିକ ଗୋଷ୍ଠୀ ଏବଂ ରିପବ୍ଲିକାନ ସମର୍ଥକମାନଙ୍କ ଦ୍ୱାରା ରାଲି ଆୟୋଜନ କରାଯାଇଥିଲା। ଟେକ୍ସାସରେ ରିପବ୍ଲିକାନ୍ ସପକ୍ଷରେ କଂଗ୍ରେସର ମାନ୍ଚିତ୍ର ପରିବର୍ତ୍ତନ କରିବା ପାଇଁ ଟ୍ରମ୍ପ ପ୍ରଶାସନର ପ୍ରୟାସକୁ ବିରୋଧ କରାଯାଇଥିଲା।

ହ୍ୟୁଷ୍ଟନ ଫେଡେରେସନ ଶିକ୍ଷକ ସଭାପତି ଜ୍ୟାକି ଆଣ୍ଡରସନ୍ ଟେକ୍ସାସରେ ଏକ ପ୍ରତିବାଦ ସମୟରେ କହିଥିଲେ, ଆମେ ନିଶ୍ଚିତ ଭାବରେ ଚାହୁଁନାହୁଁ ଯେ ରାଷ୍ଟ୍ରପତି ଆମ ରାଜ୍ୟକୁ ଦଖଲ କରନ୍ତୁ ଏବଂ ଆମର ରାଜ୍ୟ ପ୍ରତିନିଧିମାନଙ୍କୁ ବ୍ୟବହାର କରି, ଆସନ ଦଖଲ କରି ନିର୍ବାଚନରେ ହାତଛଡ଼ା କରନ୍ତୁଛ ଆମେ ଗଣତନ୍ତ୍ର ଚାହୁଁଛୁ।ଚିକାଗୋରେ ପ୍ରତିବାଦକାରୀ ଜେମ୍ସ ଶର୍ଟ କହିଛନ୍ତି, ଆମକୁ ହ୍ୱାଇଟ୍ ହାଉସରୁ ସମଗ୍ର ଟେକ୍ସାସକୁ ଧମକ ଦେବା ଏବଂ ବିଭାଜିତ କରିବା ପାଇଁ ଟ୍ରମ୍ପଙ୍କ ପ୍ରୟାସ ବିରୁଦ୍ଧରେ ଠିଆ ହେବାକୁ ପଡିବ। ଟ୍ରମ୍ପଙ୍କ ନୀତି ବିରୁଦ୍ଧରେ ଓକଲ୍ୟାଣ୍ଡ, କାଲିଫର୍ନିଆ ଏବଂ ନ୍ୟୁୟର୍କ ସିଟି ଭଳି ସହରରେ ମଧ୍ୟ ଏପରି ପ୍ରତିବାଦ ହୋଇଛି। ତଥାପି କାଲିଫର୍ନିଆ ରାଜ୍ୟପାଳ ଗାଭିନ୍ ନ୍ୟୁସମ୍ ନିଜେ ରିପବ୍ଲିକାନମାନଙ୍କୁ ଉତ୍ତର ଦେବା ପାଇଁ ତାଙ୍କ ରାଜ୍ୟର ନିର୍ବାଚନ ଜିଲ୍ଲାଗୁଡ଼ିକର ସୀମା ପରିବର୍ତ୍ତନ କରିବାକୁ ବିଚାର କରୁଛନ୍ତି।

ଟ୍ରମ୍ପ୍ ଟେକ୍ଓଭର ସହିତ ଲଢ଼ନ୍ତୁଦ ବ୍ୟାନର ଦେଖିବାକୁ ମିଳିଛି। ଅତି କମରେ ୩୪ଟି ରାଜ୍ୟରେ ହେଉଛି। ସବୁଠାରୁ ବଡ଼ ପ୍ରତିବାଦ ହେଉଛି ଅଷ୍ଟିନ୍, ଟେକ୍ସାସରେ ଦେଖାଦେଇଛି। ଯେଉଁଠାରେ ଟ୍ରମ୍ପ ଦଶନ୍ଧିର ମଧ୍ୟଭାଗରେ ଆରମ୍ଭ ହୋଇଥିବା ସୀମା ନିର୍ଦ୍ଧାରଣ ନୀତିକୁ ସମର୍ଥନ କରିଛନ୍ତି ଯାହା ରିପବ୍ଲିକାନ୍ ମାନଙ୍କୁ କଂଗ୍ରେସରେ ପାଞ୍ଚଟି ଅତିରିକ୍ତ ଆସନ ଦେଇପାରେ।

ଏହି ମାସ ଆରମ୍ଭରେ, ଟେକ୍ସାସ ଡେମୋକ୍ରାଟ୍ସ ରିପବ୍ଲିକାନମାନଙ୍କୁ କୋରମ୍ ପୂରଣ କରିବାକୁ ଅନୁମତି ନ ଦେଇ ମାନ୍ଚିତ୍ରରେ ଭୋଟ୍ ଦେବା ବନ୍ଦ କରିବାକୁ ରାଜ୍ୟ ଛାଡିଥିଲେ। ସମର୍ଥକମାନଙ୍କ ସହ କଥା ହୋଇ, ଟେକ୍ସାସ ଫର ଅଲ୍ ଆଲାଏନ୍ସ କହିଛି ଯେ ଟ୍ରମ୍ପ ଆମେରିକୀୟ ଲୋକଙ୍କୁ ଭୟ କରନ୍ତି। ସେ ଜାଣନ୍ତି ଯେ ସେ ତାଙ୍କ ଚିନ୍ତାଧାରା ସହିତ ଜିତିପାରିବେ ନାହିଁ, ତେଣୁ ସେ ଯେକୌଣସି ଉପାୟରେ କଂଗ୍ରେସକୁ କବଜା କରିବାକୁ ଚେଷ୍ଟା କରୁଛନ୍ତି ଏବଂ ସେ କଳା ସମ୍ପ୍ରଦାୟର ସ୍ୱରକୁ ଦମନ କରି ଏହା କରୁଛନ୍ତି।

ଟେକ୍ସାସ ଫର୍ ଅଲ୍ର ଡ୍ରୁସିଲା ଟିଗନର କହିଛନ୍ତି ଯେ ଏହି ଲଢ଼େଇ ଟେକ୍ସାସରୁ ଆରମ୍ଭ ହୋଇଥିଲା, କିନ୍ତୁ ଏଠାରେ ଶେଷ ହେବ ନାହିଁ ଏହା କେବଳ ସୀମା ନିର୍ଦ୍ଧାରଣ କିମ୍ବା ଗୋଟିଏ ରାଜ୍ୟର ରାଜନୀତିର ବିଷୟ ନୁହେଁ ଏହା ଆମ ଗଣତନ୍ତ୍ରର ଭବିଷ୍ୟତର ବିଷୟ।

# ୧୧,୦୦୦ କୋଟି ଟଙ୍କାର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପ ଉଦଘାଟନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ରୋହିଣୀଠାରେ ପ୍ରାୟ ୧୧,୦୦୦କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ୧୫ ଅଗଷ୍ଟରେ ଲାଲକିଲ୍ଲାର ପ୍ରାଚୀରରୁ ସେ ଦେଇଥିବା ଭାଷଣକୁ ମନେ ପକାଇଥିଲେ, ଯେଉଁଠାରେ ସେ ଦେଶର ଅର୍ଥନୀତି, ଆତ୍ମନିର୍ଭରଶୀଳତା ଏବଂ ଆତ୍ମବିଶ୍ୱାସ ବିଷୟରେ ବିସ୍ତୃତ ଭାବରେ କହିଥିଲେ, ତାହା ଉଲ୍ଲେଖ କରି ଆଜିର ଭାରତ ଏହାର ଆକାଂକ୍ଷା, ସ୍ୱପ୍ନ ଏବଂ ସଂକଳ୍ପ ଦ୍ୱାରା ପରିଭାଷିତ - ଯାହା ସମଗ୍ର ବିଶ୍ୱ ବର୍ତ୍ତମାନ ଅନୁଭବ କରୁଛି ବୋଲି କହିଥିଲେ। ସେ ମତ ଦେଇଥିଲେ ଯେ , ଯେତେବେଳେ ବିଶ୍ୱ ଭାରତକୁ ଦେଖେ ଏବଂ ଏହାର ପ୍ରଗତି ମୂଲ୍ୟାଙ୍କନ କରେ, ସେତେବେଳେ ଏହାର ପ୍ରଥମ ଦୃଷ୍ଟି ଜାତୀୟ ରାଜଧାନୀ ଦିଲ୍ଲୀ ଉପରେ ପଡ଼େ। ଶ୍ରୀ ମୋଦୀ ଦିଲ୍ଲୀକୁ ଅଭିବୃଦ୍ଧିର ଏକ ମଡେଲ ଭାବରେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଠାରେ ସମସ୍ତେ ପ୍ରକୃତରେ ଅନୁଭବ କରିପାରିବେ ଯେ ଏହା ଏକ ବିକାଶଶୀଳ ଏବଂ ଆତ୍ମବିଶ୍ୱାସୀ ଭାରତର ରାଜଧାନୀ।

ଗତ ୧୧ ବର୍ଷ ଧରି ସରକାର ଏହି ପ୍ରଗତି ହାସଲ କରିବା ପାଇଁ ବିଭିନ୍ନ ସ୍ତରରେ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହି ଅଞ୍ଚଳରେ ଆଧୁନିକ ଏବଂ ପ୍ରଶସ୍ତ ଏକ୍ସପ୍ରେସୱେର ଉପସ୍ଥିତିସମ୍ପର୍କରେ ଉଲ୍ଲେଖ କରିଆଲୋକପାତ କରିଥିଲେ ଯେ ସଂଯୋଗୀକରଣ ଦୃଷ୍ଟିରୁ, ଦିଲ୍ଲୀ-ଏନସିଆରରେ ଗତ ଦଶନ୍ଧି ମଧ୍ୟରେ ଅଭୂତପୂର୍ବ ଉନ୍ନତି ଘଟିଛି। ଶ୍ରୀ ମୋଦୀ କହିଛନ୍ତି ଯେ ଦିଲ୍ଲୀ-ଏନସିଆର ଏବେ ମେଟ୍ରୋ ନେଟୱାର୍କ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଅଧିକ ସଂଯୋଗ ହୋଇଥିବା ଅଞ୍ଚଳ ମଧ୍ୟରୁ ଗୋଟିଏ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଅଞ୍ଚଳ ନମୋ ଭାରତ ଦ୍ରୁତ ରେଳ ଭଳି ଉନ୍ନତ ବ୍ୟବସ୍ଥା ସହିତ ସଜ୍ଜିତ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଗତ ୧୧ ବର୍ଷ ମଧ୍ୟରେ ଦିଲ୍ଲୀ-ଏନସିଆରରେ ଯାତାୟାତ ପୂର୍ବ ସମୟ ତୁଳନାରେ ଯଥେଷ୍ଟ ସହଜ ହୋଇଛି।

# ଡିଜିଟାଲ କାରବାର ଯୋଗୁଁ କମ ନଷ୍ଟ ହେଉଛି ନୋଟ୍



ନୂଆଦିଲ୍ଲୀ: ଦେଶରେ ଡିଜିଟାଲ ବିପ୍ଳବ ଏବଂ ୟୁପିଆଇ କାରବାରରେ ବୃଦ୍ଧି କେବଳ ନଗଦ କାରବାରକୁ ହ୍ରାସ କରିନାହିଁ ବରଂ ନଷ୍ଟ ନୋଟ ସଂଖ୍ୟାକୁ ମଧ୍ୟ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ର ସଦ୍ୟତମ ରିପୋର୍ଟ ଦର୍ଶାଉଛି ଯେ ଗତ ଗୋଟିଏ ବର୍ଷରେ, ଏପରି ନୋଟ ସଂଖ୍ୟା ପ୍ରାୟ ୪୧ ପ୍ରତିଶତ ହ୍ରାସ ପାଇଛି।

ପୂର୍ବରୁ ପ୍ରାୟତଃ ଦେଖାଯାଉଥିଲା ଯେ ଲୋକମାନେ ନୋଟରେ ଅନାବଶ୍ୟକ ଜିନିଷ ଲେଖି ଦେଉଥିଲେ, ସେଗୁଡ଼ିକୁ ମୋଡ଼ି ରଖୁଥିଲେ କିମ୍ବା ଠିକ୍ ଭାବରେ ବ୍ୟବହାର କରୁନଥିଲେ। ଏହି କାରଣଗୁଡ଼ିକ ଯୋଗୁଁ ନୋଟଗୁଡ଼ିକ ଶୀଘ୍ର ନଷ୍ଟ ହେଉଥିଲା। କିନ୍ତୁ ବର୍ତ୍ତମାନ ଡିଜିଟାଲ ପେମେଣ୍ଟ ପ୍ରତି ବଢୁଥିବା ପ୍ରବୃତ୍ତି, ଲୋକଙ୍କ ସଚେତନତା ଏବଂ କେନ୍ଦ୍ରୀୟ ବ୍ୟାଙ୍କର କଠୋରତା ଏହି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରିଛି।

ଆରବିଆଇ ପ୍ରତିବର୍ଷ ବଜାରରୁ ନଷ୍ଟ ହୋଇଥିବା ନୋଟଗୁଡ଼ିକୁ ହଟାଇଥାଏଛ ଏପ୍ରିଲରୁ ଜୁଲାଇ ୨୦୨୪ ମଧ୍ୟରେ ମୋଟ ୮.୪୩ ବିଲିୟନ ନୋଟ ପ୍ରତ୍ୟାହାର କରାଯାଇଥିଲା, ଯେତେବେଳେ ୨୦୨୫ରେ ସମାନ ସମୟ ମଧ୍ୟରେ ଏହି ସଂଖ୍ୟା ୫.୯୬ ବିଲିୟନକୁ ହ୍ରାସ ପାଇଥିଲା। ୨୦୨୪ ମସିହାରେ ଏପ୍ରିଲରୁ ଜୁଲାଇ ମଧ୍ୟରେ ୫୦୦ ଟଙ୍କାର ୩.୧୦ ବିଲିୟନ ନୋଟ୍, ୨୦୦ ଟଙ୍କାର ୮୫.୬୩ କୋଟି, ୧୦୦ ଟଙ୍କାର ୨.୨୭ ବିଲିୟନ ଏବଂ ୫୦ ଟଙ୍କାର ୭୦ କୋଟି ନୋଟ୍ ପ୍ରଚଳନରୁ ବାହାର କରାଯାଇଥିଲା।

୨୦୨୫ ମସିହାରେ ସମାନ ସମୟ ମଧ୍ୟରେ, ୫୦୦ ଟଙ୍କାର ୧.୮୧ ବିଲିୟନ ନୋଟ୍, ୨୦୦ ଟଙ୍କାର ୫୬.୨୭ କୋଟି, ୧୦୦ ଟଙ୍କାର ୧.୦୭ ବିଲିୟନ ନୋଟ୍ ଏବଂ ୫୦ ଟଙ୍କାର ୬୫ କୋଟି ନୋଟ୍ ପ୍ରଚଳନରୁ ବାହାର କରାଯାଇଥିଲା। ଏହି ସଂଖ୍ୟାଗୁଡ଼ିକରୁ ସ୍ପଷ୍ଟ ଯେ ଡିଜିଟାଲ୍ କାରବାର ଯୋଗୁଁ ନଗଦର ବ୍ୟବହାର ହ୍ରାସ ପାଉଛିଛ ଏହା କେବଳ ମଇଳା ଏବଂ ପୁରୁଣା ନୋଟ୍ ସଂଖ୍ୟା ହ୍ରାସ କରିନାହିଁ, ବରଂ ଅର୍ଥନୀତିରେ ନଗଦ ଉପରେ ନିର୍ଭରଶୀଳତା ମଧ୍ୟ ନିରନ୍ତର ହ୍ରାସ ପାଉଛି। ଆଗାମୀ ସମୟରେ ଏହି ଧାରା ତ୍ୱରାନ୍ୱିତ ହୋଇପାରେ।

# ମିଆଁମାର ସେନାର ଏୟାରଷ୍ଟ୍ରାଇକ୍ : ଚାଲିଗଲା ୨୧ ଜୀବନ

ନୂଆଦିଲ୍ଲୀ : ନିଜ ଦେଶ ଉପରେ ମିଆଁମାର ସେନାର ଏୟାର ଷ୍ଟ୍ରାଇକ। ଦକ୍ଷିଣ-ପୂର୍ବ ଏସୀୟ ଦେଶର ମୋଗୋକ ସହରରେ ଜଣେ ଗର୍ଭବତୀ ମହିଳା, ଏକ ସଶସ୍ତ୍ର ଗୋଷ୍ଠୀ, ସ୍ଥାନୀୟ ବାସିନ୍ଦା ଏବଂ ମିଆଁମାରର ଅନଲାଇନ୍ ଗଣମାଧ୍ୟମ ସମେତ ଅତି କମରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ପୂର୍ବରୁ ମଧ୍ୟ ଭୟଙ୍କର ସାମରିକ ବିମାନ ଆକ୍ରମଣ ହୋଇଛି। ଯାହା ପ୍ରାୟତଃ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟାଇଛି। ଫେବୃଆରୀ ୨୦୨୧ରେ ସେନା କ୍ଷମତା ଦଖଲ କରିବା ପରେ ଆରମ୍ଭ ହୋଇଥିବା ଗୃହଯୁଦ୍ଧ ମଧ୍ୟରେ ପ୍ରତିରୋଧ ଗୋଷ୍ଠୀଙ୍କ ଠାରୁ ଅଞ୍ଚଳକୁ ପୁନର୍ବାର ନେବା ପାଇଁ ଯାହା ତୀବ୍ର ହୋଇଛି।

ତଙ୍ଗ ନ୍ୟାସନାଲ ଲିବରେସନ ଆର୍ମି ମୁଖପାତ୍ର କହିଛନ୍ତି ଯେ ଦେଶର ଦ୍ୱିତୀୟ ବୃହତ୍ତମ ସହର ମାଣ୍ଡାଲେରୁ ପ୍ରାୟ ୧୧୫ କିଲୋମିଟର ଉତ୍ତର-ପୂର୍ବରେ ମୋଗୋକ ଟାଉନସିପର ଶ୍ୱେଗୁୱାର୍ଡ ଗୁରୁବାର ରାତି ୮.୩୦ ରେ ଆକ୍ରମଣ ହୋଇଥିଲା। ପ୍ରାୟ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି, ଅନ୍ୟ ସାତ ଜଣ ଆହତ ହୋଇଛନ୍ତି। ଘର ଏବଂ ବୌଦ୍ଧ ମଠ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଉପର ମାଣ୍ଡାଲେ ଅଞ୍ଚଳର ଏକ ରୁବି ଖଣି କେନ୍ଦ୍ର ମୋଗୋକକୁ ଜୁଲାଇ ୨୦୨୪ ରେ ଟିଏନ୍ଏଲ୍ଏ ଦ୍ୱାରା କବଜା କରାଯାଇଥିଲା।

ଟିଏନ୍ଏଲ୍ ହେଉଛି ଜାତିଗତ ମିଲିସିଆର ଏକ ମେଣ୍ଟର ସଦସ୍ୟ ଯେଉଁମାନେ ୨୦୨୩ ଶେଷ ଭାଗରେ ଆରମ୍ଭ ହୋଇଥିବା ଏକ ଆକ୍ରମଣରେ ଉତ୍ତର-ପୂର୍ବ ମିଲିଆରର ଏକ ବଡ଼ ଅଂଶର ନିୟନ୍ତ୍ରଣ ହାସଲ କରିଥିଲେ। ଶୁକ୍ରବାର ରାତିରେ ଏହି ଗୋଷ୍ଠୀ ତାର ଟେଲିଗ୍ରାମ ସୋସିଆଲ ମିଡିଆ ଚ୍ୟାନେଲରେ ପ୍ରକାଶିତ ଏକ ବିବୃତ୍ତିରେ କହିଛି ଯେ ମୋଗୋକର ଶ୍ୱେଗୁ ୱାର୍ଡରେ ଏକ ବୌଦ୍ଧ ମଠକୁ



ଟାର୍ଗେଟ କରି ହୋଇଥିବା ବିମାନ ଆକ୍ରମଣରେ ମୃତକଙ୍କ ମଧ୍ୟରେ ୧୬ ଜଣ ମହିଳା ଅଛନ୍ତି। ଏଥିରେ କୁହାଯାଇଛି ଯେ ଏକ ଜେଟ୍ ଫାଇଟର ବୋମା ପକାଇବା ଫଳରେ ୧୫ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ମୃତ୍ୟୁ ସଂଖ୍ୟା ଅଧିକ ମୋଗୋକର ଦୁଇଜଣ ବାସିନ୍ଦା ଶନିବାର କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ପ୍ରାୟ ୩୦ରେ ପହଞ୍ଚିଛି। ହେଲେ ମୃତାହତଙ୍କ ସଠିକ୍ ସଂଖ୍ୟା ସ୍ୱାଧୀନ ଭାବରେ ନିଶ୍ଚିତ କରାଯାଇ ପାରିନାହିଁ। ସେନା ଦ୍ୱାରା ଗିରଫ ହେବାର ଭୟରେ ନାମ ଗୋପନ ରଖିଥିବା ବାସିନ୍ଦା କହିଛନ୍ତି ଯେ ମୃତ୍ୟୁ ସଂଖ୍ୟା ଅଧିକ। ମିଆଁମାର ନାଉ ଏବଂ ଡେମୋକ୍ରାଟିକ୍ ଭଏସ୍ ଅଫ୍ ବର୍ମା ସମେତ ସ୍ୱାଧୀନ ଅନଲାଇନ୍ ଗଣମାଧ୍ୟମ ବିମାନ ଆକ୍ରମଣ ପରେ ଭଗ୍ନାବଶେଷର ଫଟୋ ଏବଂ ଭିଡିଓ ଜାରି କରିଛି। ସେନା ମୋଗୋକ ଘଟଣା ଉପରେ କୌଣସି ମନ୍ତବ୍ୟ ଦେଇନାହିଁ।

## କୋହଲିଙ୍କ ରେକର୍ଡ ଭାଙ୍ଗି ପାରଲେନି ବ୍ରେଭିସ୍

ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି) : ଅଷ୍ଟ୍ରେଲିଆ ଏବଂ ଦ. ଆଫ୍ରିକା ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଶେଷ ହୋଇଛି। ଏହି ଶୃଙ୍ଖଳାକୁ ଅଷ୍ଟ୍ରେଲିଆ ୨-୧ ଜିତିଛି। ଦ. ଆଫ୍ରିକାର ବିସ୍ଫୋରକ ବ୍ୟାଟର ବ୍ରେଭିସ୍‌ଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଛି। ସେ ଏହି ଶୃଙ୍ଖଳାରେ ୧୮୦ ରନ୍ କରିଥିଲେ। ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ସତ୍ତ୍ୱେ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ସର୍ବାଧିକ



ରନ୍ କରିଥିବା ବିରାଟ କୋହଲିଙ୍କ ରେକର୍ଡ ଭଙ୍ଗ କରିପାରନାହାଁନ୍ତି। କୋହଲି ୨୦୧୬ରେ ୧୯୯ ରନ୍ କରିଥିଲେ। ପ୍ରଥମ ମ୍ୟାଚରେ ୯୦ ରନ୍, ଦ୍ୱିତୀୟ ୫୯ ଓ ଶେଷ ମ୍ୟାଚରେ ୫୦ ରନ୍ କରିଥିଲେ। ପ୍ରଥମ ଦୁଇଟି ମ୍ୟାଚରେ କୋହଲି ଅପରାଜିତ ରହିଥିଲେ। ବ୍ରେଭିସ୍ ପ୍ରଥମ ମ୍ୟାଚରେ ୨ ରନ୍ କରିଥିଲେ, ଦ୍ୱିତୀୟ ମ୍ୟାଚରେ ଅପରାଜିତ ୧୨୫ ରନ ଏବଂ ତୃତୀୟ ତଥା ଅନ୍ତିମ ମ୍ୟାଚରେ ୫୩ ରନର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ୨୦୨୫ରେ ବ୍ରେଭିସ୍ ଏ ପର୍ଯ୍ୟନ୍ତ ୭୯ ଛକା ମାରିସାରିଛନ୍ତି। ଏହି ତାଲିକାରେ ଅଷ୍ଟ୍ରେଲିଆ ଉଏନ୍ ୭୭ ଟି ଓ ପାକିସ୍ତାନର ସାହିବ ଜାଦା ଫରହାନ ୭୭ ରନ୍ ମାମଲାରେ ୨ୟ ସ୍ଥାନରେ ରହିଛନ୍ତି।ଅଷ୍ଟ୍ରେଲିଆର ମିଚେଲ୍ ଓ୍ୱେନ୍ ୭୭ ଓ ପାକିସ୍ତାନର ସାହିବଜାଦାବ ଫରହାନ୍ ୭୭ ଟି ଛକା ମାରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଚେନ୍ନାଇ ଏଥର ବ୍ରେଭିସ୍‌ଙ୍କୁ ଦଳରେ ସାମିଲ କରିଛି। ୨୦୨୬ ସଂସ୍କରଣରେ ତାଙ୍କ ପ୍ରଦର୍ଶନରେ ସମସ୍ତଙ୍କ ନଜର ରହିବ।

## ମିଟ୍ ଇୟୋର ଏକ୍ସପର୍ଟ ମୋବାଇଲ୍ ଆପ୍ ଉନ୍ମୋଚିତ

# ଉପକୃତ ହେବେ କ୍ରୀଡାବିତ୍

ଭୁବନେଶ୍ୱର, ୧୭।୮(ସବ୍ୟୁ) : ମୋବାଇଲ୍ ଆପ୍ ମିଟ୍ ଇୟୋର ଏକ୍ସପର୍ଟକୁ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଉନ୍ନତ କ୍ରୀଡାକେନ୍ଦ୍ରିକ ଏହି ଆପ୍ ମାଧ୍ୟରେ କ୍ରୀଡାବିତ୍ ବିଭିନ୍ନ ସମସ୍ୟାର ସମାଧାନର ସୂତ୍ର ପାଇବେ। ନିଜ ନିଜର ଇଞ୍ଜୁରୀ ସମସ୍ୟାଠୁ ଆରମ୍ଭ କରି ଡାଏଟ୍ ପର୍ଯ୍ୟନ୍ତ ସବୁକିଛି ସମସ୍ୟାକୁ ମୋବାଇଲ୍ ମାଧ୍ୟରେ ସମାଧାନ କରିପାରିବେ। ଏହି ଆପ୍ ଜରିଆରେ ଏକ୍ସପର୍ଟଙ୍କ ଠାରୁ ଉପଯୁକ୍ତ ପରାମର୍ଶ ମିଳିବ। ପ୍ରଥମ କରି ଏପରି ଅଭିନବ ପ୍ରୟାସ ଆରମ୍ଭ ହୋଇଛି। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ କ୍ରୀଡା, ପ୍ରଶାସନ ଏବଂ ଚିକିତ୍ସା ଜଗତର ପ୍ରଖ୍ୟାତ୍ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ହକି ପ୍ରଶିକ୍ଷକ ଏବଂ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଡ. ଅଜୟ କୁମାର ବଂଶଲ, ଏଚ୍‌ପିସିଓ ସିଇଓ ଦିପଙ୍କର ମହାପାତ୍ର, ବିଶିଷ୍ଟ ଅସ୍ଥିଶଲ୍ୟ ସର୍ଜନ ରଣଜିତ ପାଣିଗ୍ରାହୀ, ଅଲମ୍ପିଆନ୍ ଶ୍ରୀବଣୀ ନନ୍ଦ, ପ୍ରଥମ ଓଡିଆ ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

ଘୋଷିକା ସୁଶ୍ରୀ ଗୁନ୍‌ଗୁନ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ କ୍ରୀଡା ପ୍ରଶାସକ ଅଶୋକ ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଥଲିଗ୍ ଏକ୍ସୁଟେକ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଡ. ମୁକ୍ତିପ୍ରସାଦ ଦାସ କହିଥିଲେ ଯେ, ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଜ୍ଞାନ ଏବଂ କ୍ରୀଡାକୁ ଏକାଠି କରିବାର ଦୃଷ୍ଟିକୋଣ ଉପରେ ମିଟ୍ ଇୟୋର ଏକ୍ସପର୍ଟ ଆପ୍ ମାଧ୍ୟମରେ ସମ୍ଭବ ହୋଇପାରିବ। ଉନ୍ମୋଚନ ପରେ ଏକ ଆକର୍ଷଣ ପ୍ୟାନେଲ୍ ଆଲୋଚନା ହୋଇଥିଲା। ଯେଉଁଠାରେ ପ୍ୟାନେଲିଷ୍ଟମାନେ ଆପ୍ ସହିତ ଜଡିତ ପ୍ରଶ୍ନଗୁଡିକର ଉତ୍ତର ଦେଇଥିଲେ। ଆଲୋଚନାରେ ମୁଖ୍ୟ ଅତିଥିମାନଙ୍କ ସହିତ କ୍ରୀଡା ମନୋସ୍ତତ୍ତ୍ୱବିତ୍ ଯୋଗମାୟା ପଣ୍ଡା ଏବଂ ବରିଷ୍ଠ କ୍ରୀଡା ସାମ୍ବାଦିକ ସୁରେଶ ସ୍ୱାଇଁ ସାମିଲ ଥିଲେ।




ମିଟ୍ ଇୟୋର ଏକ୍ସପର୍ଟ ଆପ୍ ଉନ୍ମୋଚନ ଅବସରରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏହାର ପ୍ରତିଷ୍ଠାତା ମୁକ୍ତିପ୍ରସାଦ ଦସଙ୍କୁ ପ୍ରଶଂସା କରିଥିଲେ। ଆପ୍‌ର ବିକାଶ ଏବଂ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ପୂର୍ଣ୍ଣ ସମର୍ଥନର ପ୍ରତିଶ୍ରୁତି ଦେଇଥିଲେ। ଦୀପଙ୍କର ମହାପାତ୍ର କହିଥିଲେ କ୍ରୀଡା ବିକାଶରେ ଆଧୁନିକ ଡିଜିଟାଲ୍ ଉପକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡ. ପାଣିଗ୍ରାହୀ ଲିଗାମେଣ୍ଟ ଆଘାତ ଏବଂ ପୁର୍ନରବାସ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। ସେହିଭଳି ଡ. ବଂଶଲ ଆଧୁନିକ କ୍ରୀଡାରେ ଏପରି ପ୍ଲାଟଫର୍ମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଲମ୍ପିଆନ୍ ଶ୍ରାବଣୀ ନନ୍ଦ ଯୁବ କ୍ରୀଡାବିତ୍‌ମାନଙ୍କୁ ଆପର ସର୍ବୋତ୍ତମ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ।

ଏହି କାର୍ଯ୍ୟକ୍ରମରେ କ୍ରୀଡା ପ୍ରତି ଅବଦାନକାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏମାନେ ହେଲେ ଆର.ଏନ୍ ରାଉତରାୟ, ନବ କୁମାର ମିଶ୍ର, ରଶ୍ମିରଞ୍ଜନ ପରିଡା, ନିପେନ୍ ଦାସ, ଦିଲ୍ଲୀପ ମତୱାନି, ଯୋଗମାୟା ପଣ୍ଡା ଏବଂ ସୁରେଶ ସ୍ୱାଇଁ।

ଦ୍ୱିତୀୟ ଅଧିବେଶନରେ ଡିଜିଟାଲ ପ୍ଲାଟଫର୍ମରେ କ୍ରୀଡା ବିଜ୍ଞାନ ଗୁଡିଗତଙ୍କ ଭୂମିକା ଉପରେ କେନ୍ଦ୍ରୀତ ଏକ ପ୍ୟାନେଲ୍ ଆଲୋଚନାକୁ ପରିଚାଳନା କରିଥିଲେ। ଏହି ଆପ୍ କିପରି ବିଭିନ୍ନ ବିଶେଷଜ୍ଞଙ୍କୁ ଏକତ୍ରିତ କରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ପୋର୍ଟ୍ସ ମେଡିସିନ୍ ଡକ୍ଟର, ସ୍ପୋର୍ଟ୍ସ ସର୍ଜନ, ସ୍ପୋର୍ଟ୍ସ ଡାଏଟିସିଆନ୍, ସ୍ପୋର୍ଟ୍ସ ଫିଜିଓଥେରାପିଷ୍ଟ, ସ୍ପୋର୍ଟ୍ସ ସାଇନ୍ସ ଏକ୍ସପର୍ଟ, ଫିଟ୍‌ନେସ୍ ପ୍ରଶିକ୍ଷକ ତଥା ଶକ୍ତି ଓ ସାମର୍ଥ୍ୟ କୋଚ୍, ଭିଡିଓ ବିଶ୍ଳେଷଣ, କ୍ରୀଡା ମସାଜ, କ୍ରୀଡା ମନୋସ୍ତତ୍ୱ, ବାୟୋ ମେକାନିକ ଏକ୍ସପର୍ଟ, କ୍ରୀଡା ଯୋଗ, ବ୍ୟାୟାମ୍, ଫିଜିଓଥେରାପିଷ୍ଟ,କ୍ରୀଡା ନିଦାନ ବିଶେଷଜ୍ଞ ଆଦିଙ୍କଠାରୁ କ୍ରୀଡାବିତ୍ ନିଜ ନିଜ ସମସ୍ୟାର ସୂତ୍ର ପାଇବେ। ମିଟ୍ ଇୟୋର ଆପ୍ ଖେଳାଳି ଓ ବିଶ୍ୱସ୍ତରୀୟ କ୍ରୀଡା ବିଜ୍ଞାନ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। ଯାହା ସମସ୍ତ ସ୍ତରର ଖେଳାଳିଙ୍କ ପାଇଁ ଅଧିକ ସୁଗମ କରିବ।

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭଲିବଲ ଟୁର୍ଣ୍ଣାମେଣ୍ଟ

ବାରିପଦା, (ସବ୍ୟୁ) : ପୋଲିସ ପଡିଆରେ ମା'କିଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ଓ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋଙ୍କ ତତ୍ୱାବଧାନରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୪ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଜିଲ୍ଲା ଭଲିବଲ ଦଳ ମା'କିଚକେଶ୍ୱରୀ ଭଲିବଲ ଦଳକୁ ୩-୦ସେଟରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଏନଆଇଏସ କୋଚ ମନୋରଞ୍ଜନ ଜୀଉ, ଜାତୀୟ ରେଫେରୀ ରାଜେଶ ଦାସ, ନିରଞ୍ଜନ ନାଏକ, ସ୍ନେହାଶିଷ ମହାନ୍ତି, ଦୀପକ ବେହେରା, ଅନିଲ କୁମାର ଗିରି, ହରିହର ମଲ୍ଲିକ ଖେଳ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ



ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସମ୍ପାଦକ ପାର୍ଥସାରଥି ସ୍ୱାଇଁ, ସହ ସମ୍ପାଦକ ଅମ୍ବିକା ରାଉତ, କ୍ରୀଡା ସଂଗଠକ ଭାନୁପ୍ରସାଦ ଭଞ୍ଜଦେଓ, କ୍ରୀଡା ପ୍ରଶିକ୍ଷକ ନାରାୟଣ ପୋଦାର, ପ୍ରଭାସ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଚମ୍ପିୟାନ ଓ ରନର୍ସ ଆପ ଦଳ ସହ ଚନ୍ଦ୍ରଭାନୁ ସେଠି, ସଞ୍ଜୟ ମହାନ୍ତ, ମାନସ ନାୟକ, ମନୋଜ ସାହୁ ଓ ଖଗେଶ୍ୱର ପାତ୍ରଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ । ଶାନ୍ତିଲତା ଜୀଉଙ୍କ ମାର୍ଗଦର୍ଶନରେ କୁନିକୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କ୍ରାଫ୍ଟ, ମ୍ୟୁଜିକ ଚେୟାର, ବେଲୁନ ରେସ, ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଯୋଶୀ ଜୀଉ ଓ ବାପୁନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

## ଦୁଇ କନିଷ୍ଠ ଫୁଟବଲ ଖେଳାଳି ସମ୍ବର୍ଦ୍ଧିତ

ରାଜକନିକା ,(ସବ୍ୟୁ): ରାଜକନିକାର ଦୁଇ କନିଷ୍ଠ ଫୁଟବଲ ଖେଳାଳୀ ହେଲେ ଇଣ୍ଡିଆରେ ଗୋଲ କିପର ଭାବେ ରାଜ୍ୟରୁ ପ୍ରତିନିଧିତ୍ୱ କରିଥିବା ରିତିଶ କୁମାର ପାତ୍ର ଓ ୧୭ ବର୍ଷରୁ କମ ରାଜ୍ୟ ଦଳ ରୁ ପ୍ରତିନିଧିତ୍ୱ କରିଥିବା ସ୍ୱାଗତମ ସାହୁଙ୍କୁ ରାଜକନିକା ଆଥେଲେଟିକ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆସୋସିଏସନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସୋସିଏସନ ସଭାପତି ତଥା ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଉପସଭାପତି ପ୍ରଫେସର ବୈକୁଣ୍ଠ ନାଥ ପରିଡା, ଯୁଗ୍ମ ସମ୍ପାଦକ ଇଂ ପ୍ରଶାନ୍ତ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, କୋଚ ଶରତ କୁମାର ଜେନା, ଉପଦେଷ୍ଟା ବିସିକେଶନ ଦାସ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ୧୯ ବର୍ଷରୁ କମ୍ ବିଶ୍ୱକପ୍

### ୧୬ ଟି ଦଳ ଚୂଡାନ୍ତ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି) : ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍୨୦୨୬ ପାଇଁ ୧୬ଟି ଦଳ ଚୂଡାନ୍ତ ହୋଇଛି। କ୍ୱାଲିଫାୟରେ ଚମତ୍କାର ପ୍ରଦର୍ଶନ କରି ଆମେରିକା ଶେଷ ଦଳ ଭାବେ ଯୋଗ୍ୟତା ଲାଭ କରିଛି। ଯୋଗ୍ୟତା ପର୍ଯ୍ୟାୟରେ ଆମେରିକା ଖେଳିଥିବା ସବୁ ମ୍ୟାଚ ଜିତିଛି। କାନାଡା, ବରଗୁଡା ଓ ଆର୍ଜେଣ୍ଟିନା ବିପକ୍ଷରେ ଦଳ ବିଜୟ ହାସଲ କରିଛି। ଆମେରିକା ସହ ଜିମ୍ବାୱେ ଓ ନାମ୍ବିଆ ମଧ୍ୟ ଏହି ମେଗା ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୪ରେ ୧୦ ଦଳକୁ ସିଧାସଳଖ ବିଶ୍ୱ କପ୍ ଏଣ୍ଟ୍ରି ମିଳିଥିଲା । ଅବଶିଷ୍ଟ ୬ ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଦଳ ଗୁଡିକ ମଧ୍ୟରେ ଜିମ୍ବାୱେ, ଅଷ୍ଟ୍ରେଲିଆ, ବାଲାଂଦେଶ, ଇଂଲଣ୍ଡ, ଭାରତ ଆୟାରଲ୍ୟାଣ୍ଡ, ପାକିସ୍ତାନ, ନ୍ୟୁଜ୍‌ଲାଣ୍ଡ, ଶ୍ରୀଲଙ୍କା, ଦ. ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ଆମେରିକା, ତାଞ୍ଜାନିଆ, ଆଫଗାନସ୍ଥାନ, ଜାପାନ ଓ ସ୍କଟଲାଣ୍ଡ। ଏହି ମେଗା ଇଭେଣ୍ଟ ଜିମ୍ବାୱେ ଓ



ନାମ୍ବିଆରେ ଆୟୋଜିତ ହେବ। ୧୯୮୮ରେ ଅଷ୍ଟ୍ରେଲିଆ ଏହା ପ୍ରଥମ ଥର ଆୟୋଜିତ ହୋଇଥିଲା। ଭାରତ ୫ ଥର ଟାଇଟଲ୍ ଜିତିଛି। ଅଷ୍ଟ୍ରେଲିଆ ୪ ଥର ତଥା ଗତ ସଂସ୍କରଣରେ ମଧ୍ୟ ଚାମ୍ପିଅନ ହୋଇଥିଲା।

## ଉପେନ୍ଦ୍ର ନାୟକ ସ୍ମାରକୀ ଚେସ୍

### ତନ୍ମୟ ବିଜେତା

ଭୁବନେଶ୍ୱର, ୧୭।୮(ସବ୍ୟୁ) : ପଞ୍ଚମ ଉପେନ୍ଦ୍ର ନାୟକ ମେମୋରିଆଲ୍ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରନ୍ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି। କଟକର ସାଇଶକ୍ତି ପଣ୍ଡା ଦ୍ୱିତୀୟ, ଭୁବନେଶ୍ୱରର ନମସ୍ୟ ନଳିନୀ ତୃତୀୟ, ସଞ୍ଜିବନ ନାୟକ ଚତୁର୍ଥ, କଟକର ରବିନ୍ଦ୍ର କୁମାର ଓଝା ପଞ୍ଚମ, ଜଟଣୀର ଅବିନାଶ ବଳିଆର ସିଂ ଷଷ୍ଠ ଏବଂ ଭୁବନେଶ୍ୱରର ରଜତ ରଞ୍ଜନ ମହାନ୍ତି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୭,୯,୧୧,୧୩,୧୫ ଓ ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପାରଦ୍ୱୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ସୁନୀଲ କୁମାର ପଟ୍ଟନାୟକ, କେଶୁରା ରୟାଲ୍ ପବ୍ଲିକ୍



ସ୍କୁଲର ପ୍ରିନ୍ସପାଲ୍ ସର୍ବେଶ୍ୱର ସାମଲ ଏବଂ ରାଜ୍ୟ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସ୍ୱର୍ଗତଃ ଉପେନ୍ଦ୍ର ନାୟକଙ୍କ ବୋହୂ ପ୍ରିୟଦର୍ଶିନୀ ନାୟକ ଉପସ୍ଥିତ ଥିଲେ।

ହକି ବିଶ୍ୱକପ୍

## ଯୋଗ୍ୟତା ହାସଲ କଲା ଜର୍ମାନୀ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି) : ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ପାଇଁ ୩ ଥର ଚାମ୍ପିଅନ୍ ଜର୍ମାନୀ ଯୋଗ୍ୟତା ଅର୍ଜନ କରିଛି। ୟୁରୋ ହକି ଚାମ୍ପିଅନସିପ୍ ୨୦୨୫ର ଫାଇନାଲରେ ପ୍ରବେଶ କରିବା ପରେ ଜର୍ମାନୀ ଆଗାମୀ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ବେଲଜିୟମ୍ସ ଏବଂ ନେଦରଲ୍ୟାଣ୍ଡ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛି। ୟୁରୋ ହକି ଚାମ୍ପିଅନସିପ୍ ଫାଇନାଲରେ ଜର୍ମାନୀ ଓ ନେଦରଲାଣ୍ଡସ୍ ମୁହାଁମୁହିଁ ହେବେ। ସେମିଫାଇନାଲରେ ଜର୍ମାନୀ ୪-୧ ଗୋଲରେ ସ୍ପେନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲ। ଜର୍ମାନୀ ସହ ଆୟୋଜକ ନେଦରଲାଣ୍ଡସ୍ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଛନ୍ତି ।

ଜର୍ମାନୀ ଏଫ୍‌ଆଇଏଚ୍ ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିଥିବା ଷଷ୍ଠ ଦଳ । ଏନ୍ୟପଟେ ଭାରତ ପାଇଁ ମଧ୍ୟ ବିଶ୍ୱକପ୍ ଯୋଗ୍ୟତା ଅର୍ଜନର ସୁଯୋଗ ରହିଛି। ଅଗଷ୍ଟ ୨୯ ରୁ ସେପ୍ଟେମ୍ବର ୯ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରିରେ ଆୟୋଜିତ ହେବ। ଯଦି ଭାରତ ଏଥିରେ ଚାମ୍ପିଅନ୍ ହୁଏ ତାହାହେଲେ ସିଧାସଳଖ ହକି ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବ।





## ବାଦ୍ ପଡିବେ ରିଙ୍କୁ ସିଂ !

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି) : ଏସିଆ କପ୍ ଟି -୨୦ ପାଇଁ ଖୁବ୍ ଶୀଘ୍ର ଭାରତୀୟ ଦଳ ଘୋଷଣା କରାଯିବ। ସୂର୍ଯ୍ୟ କୁମାର ଯାଦବ ଫିଟ୍ ହୋଇଥିବାରୁ ସେ ଦଳର ନେତୃତ୍ୱ ନେବାର ଏକ ପ୍ରକାର ସ୍ଥିର ହୋଇଛି। ତେଣୁ ଚୂଡାନ୍ତ ଦଳର ରୂପରେଖ ସାମ୍ନାକୁ ଆସିନଥିଲେ ମଧ୍ୟ ରିଙ୍କୁ ସିଂ ତାଙ୍କ ସ୍ଥାନ ବଜାୟ ରଖିବା କଷ୍ଟକର ବୋଲି କୁହାଯାଉଛି। ରିଙ୍କୁ ଟି-୨୦ ବିଶ୍ୱ କପ୍‌ରେ ଭାରତୀୟ ଦଳରେ ଷ୍ଟାଣ୍ଡବାୟ ଖେଳାଳି ଭାବେ ଥିଲେ। ଆଇପିଏଲ୍ ୨୦୨୪ରେ ୧୧୩ ଓ ଆଇପିଏଲ୍ ୨୦୨୫ରେ ମାତ୍ର ୧୩୪ ବଲ ଖେଳିଛନ୍ତି। ଏହା ମଧ୍ୟରେ ସେ ପ୍ରଭାବିତ କରିପାରିନାହାଁନ୍ତି। ତେବେ ଅଭିଶେକ ଶର୍ମା, ସଞ୍ଜୁ ସାମସନ୍, ତିଲକ ବର୍ମା , ସୂର୍ଯ୍ୟ କୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ୫ ଟି ସ୍ଥାନ ଦଖଲ କରିବେ। ଯଶସ୍ୱୀ ଜୟସ୍ୱାଲ ଓ ଶୁଭମନ୍ ଗିଲ୍‌କୁ ସାମିଲ କରାଗଲେ ଦଳରେ କିଛିଟା ପରିବର୍ତ୍ତନ ହୋଇପାରେ । ଅବଶ୍ୟ ଏହାର ସମ୍ଭାବନା କମ୍ ରହିଛି। ଶ୍ରେୟାସ ଆୟର ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ତାଙ୍କୁ ସ୍ଥାନ ମିଳିବା ଆଶା କମ୍। ରିଙ୍କୁଙ୍କ ତୁଳନାରେ ଶିବମ୍ ଦୁବେ ଅଧିକ ପ୍ରଭାବିତ କରିଛନ୍ତି। ନୀତିଶ ରେଡ୍ଡି ଫିଟ୍ ନଥିବାରୁ ଦୁବେ କିମ୍ବା ୱିକେଟ୍ କିପର ଜିତେଶ ଶର୍ମାଙ୍କୁ ଦାୟିତ୍ୱ ମିଳିପାରେ। ଏହା ହେଲେ ରିଙ୍କୁ ତାଙ୍କ ସ୍ଥାନ ବଜାୟ ରଖିପାରିବେ ନାହିଁ। ଚୟନ କମିଟି ମୁଖ୍ୟ ଅଜିତ ଗଡକର, ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ କୋଚ୍ ଗୌତମ ଗମ୍ଭୀର ଭଲ ପ୍ରଦର୍ଶନ କରୁଥିବା ଦଳରେ ପରିବର୍ତ୍ତନ କରିବାକୁ ଚାହିଁବେ ନାହିଁ।



## ଏସିଆ କପ୍ ପାଇଁ ଉପଲବ୍ଧ ରହିବେ ବୁମରା

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି) : ୟୁଏଇର ଦୁଇଟି ସହର ଦୁବାଇ ଓ ଆବୁଧାବିରେ ଏସିଆ କପ୍ ଆୟୋଜନ ହେବ। ସେପ୍ଟେମ୍ବର ୯ ରେ ପ୍ରଥମ ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବର ୧୦ ରେ ଭାରତ ୟୁଏଇ ବିପକ୍ଷ ମ୍ୟାଚ୍ ଅଭିଯାନ ଆରମ୍ଭ କରିବ। ୧୯ ତାରିଖ ଭାରତୀୟ ଦଳ ଘୋଷଣା ହେବାର ଅଛି। ଏହା ପୂର୍ବରୁ ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଖୁସି ଖବର ଆସିଛି। ଏସିଆ କପ୍ ପୂର୍ବରୁ ଭାରତୀୟ ଦଳ ଆହୁରି ମଜଭୁତ ହେବାକୁ ଯାଉଛି। ଷ୍ଟାର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଏସିଆ କପ୍ ପାଇଁ ଉପଲବ୍ଧ ରହିବେ ବୋଲି ଚୟନ କର୍ତ୍ତାଙ୍କୁ ଜଣାଇଛନ୍ତି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟିକୁ ସୂଚନା ଦେଇଛନ୍ତି ଯେ, ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବାକୁ ଥିବାରୁ ସେ ଖେଳିବାକୁ ଇଚ୍ଛୁକ ଅଛନ୍ତି। ବୁମରା ଗତବର୍ଷ ଟି-୨୦ ବିଶ୍ୱକପ୍ ପରଠାରୁ ଭାରତୀୟ ଦଳ ପାଇଁ ଧଳା ବଲ୍ କ୍ରିକେଟ୍ ଖେଳିନାହାଁନ୍ତି। ବୁମରା ଭାରତୀୟ ଦଳକୁ ଚାମ୍ପିଅନ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ବାର୍ବାଡୋସରେ ଦ. ଆଫ୍ରିକା ବିପକ୍ଷରେ ଅନୁଷ୍ଠିତ ଫାଇନାଲରେ ବୁମରା ୧୮ ରନ୍ ଦେଇ ୨ ୱିକେଟ୍ ନେଇଥିଲେ । ଏବେ ବୁମରା ଏସିଆ କପ୍ ଖେଳିବା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ଏସିଆ କପ୍ ୨୦୨୫ରେ ଭାରତ ଓ ପାକିସ୍ତାନ ୩ ଥର ଲଢେଇ ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ଭାରତୀୟ ଦଳ ବଡ ଯୋଜନା କରିଛି। ବିସିସିଆଇ ଏସିଆ କପ୍ ଦୃଷ୍ଟିରେ ରଖି ବେଙ୍ଗାଲୁରୁରେ ସ୍ୱତନ୍ତ୍ର ଶିବିର ଲଗାଇବାକୁ ପ୍ରସ୍ତାବ ଦେଇଥିଲା। ହେଲେ ଦଳ ପ୍ରବନ୍ଧକ ଖେଳାଳି କିଛି ଦିନ ଆଗରୁ ୟୁଏଇ ପହଞ୍ଚି ପ୍ରସ୍ତୁତି କରିବେ ବୋଲି କହିଥିଲେ। ବୁମରାଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଦଳ ପାଇଁ ବଡ ଆସ୍ୱସ୍ତିର ବିଷୟ । ବୁମରାଙ୍କ ଅନୁଭବ ଏବଂ ଫର୍ମ ଏସିଆ କପ୍ ଟାଇଟଲ୍ ଜିତିବା ସହ ଟି-୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳର ମନୋବଳକୁ ବଢାଇବ। ୨୦୨୫ ଏସିଆ କପ୍ ସେପ୍ଟେମ୍ବର ୯ ରୁ ଆରମ୍ଭ ହେବ। ଏହାର ଫାଇନାଲ୍ ମ୍ୟାଚ୍ ସେପ୍ଟେମ୍ବର ୨୮ ରେ ଖେଳାଯିବ। ଏଥିରେ ଏସିଆ କପ୍‌ରେ ମୋଟ ୮ ଟି ଦଳ ଭାଗ ନେବେ। ଦଳଗୁଡିକୁ ୨ ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଆବୁଧାବି ଓ ଦୁବାଇରେ ସମସ୍ତ ମ୍ୟାଚ୍ ଖେଳାଯିବ। ଗ୍ରୁପ ଏ ରେ ଭାରତ, ପାକିସ୍ତାନ, ଓମାନ୍ ଏବଂ ୟୁଏଇ ରହିଛନ୍ତି। ଗ୍ରୁପ୍ ବି ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଙ୍ଗକଙ୍ଗ ଅଛନ୍ତି।



ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି